

ଯା ଦେବୀ ସର୍ବଭୂତେଷୁ...


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ମଙ୍ଗଳବାର ୧୦ ମାର୍ଚ୍ଚ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 10 March 2026
Vol.No. 36 ■ No.64 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଛି
ସାଗରିକା
(ନୂଆବର୍ଷ ସଂଖ୍ୟା)
ଡିଜିଟାଲ୍ ଫର୍ମାଟରେ
ମଧ୍ୟ ଉପଲବ୍ଧ...
website : sagarika.in.net


## ଶକ୍ତି ଆବଶ୍ୟକତାକୁ ନେଇ ଭାରତ ସତର୍କ, ସମସ୍ତ ବିଭାଗ ଆଲର୍ଟ ମୋଡ୍‌ରେ: ଜୟଶଙ୍କର

ନୂଆଦିଲ୍ଲୀ,୦୯/୩ : ମଧ୍ୟପ୍ରାଚ୍ୟରେ ଜାରି ରହିଥିବା ଇରାନ-ଆମେରିକା-ଇସ୍ରାଏଲ ଯୁଦ୍ଧ ମଧ୍ୟରେ ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର ସୋମବାର ରାଜ୍ୟ ସଭାରେ କହିଛନ୍ତି, ସରକାର ଏହି ଅଞ୍ଚଳରେ ରହୁଥିବା ଭାରତୀୟଙ୍କ ସୁରକ୍ଷାକୁ ପ୍ରାଥମିକତା ଦେଇଛନ୍ତି। ଭାରତ ଚାହେଁ ଯେ, ଏହି ସଙ୍କଟର ସମାଧାନ କୂଟନୀତି ଓ ଆଲୋଚନା ମାଧ୍ୟମରେ ହେଉ। ଭାରତ କେବେ ଯୁଦ୍ଧକୁ ସମର୍ଥନ କରେ ନାହିଁ। ସେ କହିଛନ୍ତି, ଉପସାଗରୀୟ ଦେଶଗୁଡ଼ିକରେ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଛି। ଭାରତ ସରକାର ପରିସ୍ଥିତି ଉପରେ ନଜର ରଖିଛନ୍ତି। ଏହି ସଂଘର୍ଷରେ ଘଟିଥିବା ଲୋକଙ୍କ



ଜୀବନହାନି ଯୋଗୁଁ ଭାରତ ଦୁଃଖିତ। ଆମେ ସମସ୍ତ ପକ୍ଷଙ୍କୁ ଶାନ୍ତି ପାଇଁ ନିବେଦନ କରୁଛୁ । ଏହି ସଂଘର୍ଷ ସାଧାରଣ ଜୀବନ ଏବଂ ବ୍ୟବସାୟକୁ ପ୍ରଭାବିତ କରୁଛି। ଇରାନରେ ଫସି ରହିଥିବା ଭାରତୀୟମାନଙ୍କୁ ବାହାର କରିବା ପାଇଁ ତେହେରାନରେ ଥିବା ଭାରତୀୟ ଦୂତାବାସ କାର୍ଯ୍ୟ କରୁଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପରିସ୍ଥିତି ଉପରେ କଡ଼ା ନଜର ରଖିଛନ୍ତି। ଶକ୍ତି ଆବଶ୍ୟକତା ଉପରେ ଏହି ସଂଘର୍ଷର ପ୍ରଭାବ ବିଷୟରେ ଭାରତ ସତର୍କ ରହିଛି। ସମସ୍ତ ବିଭାଗ ଆଲର୍ଟ ମୋଡ୍‌ରେ ରଖାଯାଇଛି। ଏସ. ଜୟଶଙ୍କର କହିଛନ୍ତି, ସଂଘର୍ଷ ଭାରତ ପାଇଁ ବିଶେଷ ଚିନ୍ତାର ବିଷୟ । ଆମେ ଏକ ପଡ଼ୋଶୀ ଅଞ୍ଚଳ, ଏବଂ ପଶ୍ଚିମ ଏସିଆରେ ସ୍ଥିରତା ବଜାୟ ରଖିବା ଆମର ଦାୟିତ୍ୱ। ଏକ କୋଟି ଭାରତୀୟ ଉପସାଗରୀୟ ଦେଶଗୁଡ଼ିକରେ ରୁହନ୍ତି ଏବଂ କାମ କରନ୍ତି। କିଛି ହଜାର ଭାରତୀୟ ମଧ୍ୟ ଅଧ୍ୟୟନ କିମ୍ବା ନିଯୁକ୍ତି ପାଇଁ ଇରାନରେ ଅଛନ୍ତି। ଏହି ଅଞ୍ଚଳ ଆମର ଶକ୍ତି ସୁରକ୍ଷା ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ତୈଳ ଓ ଗ୍ୟାସ୍‌ର ଅନେକ ଗୁରୁତ୍ୱପୂର୍ଣ୍ଣ ଯୋଗାଣକାରୀ ଏଠାରେ ରହିଛନ୍ତି। ସଙ୍କଟ ଯୋଗୁ ଯୋଗାଣ ଶୃଙ୍ଖଳାରେ ବାଧା ସୃଷ୍ଟି ହୋଇଛି।

## ସରକାରଙ୍କ ନିର୍ଦ୍ଦେଶକୁ ନାହିଁ ସରକାରୀ ବାବୁଙ୍କ ଖାତିର

ଭୁବନେଶ୍ୱର, ୦୯/୩ (ନି.ପ୍ର): ସରକାର ସମ୍ପତ୍ତି ତାଲିକା ମାଗୁଛନ୍ତି, ହେଲେ ବାବୁ ତାଲିକା ଦେବାକୁ ନାରାଜ । ବାରମ୍ବାର ତାଗିଦ ସତ୍ତ୍ୱେ ଅମାନିଆ ବାବୁ ନିଜ ଜିଦରେ ଅଟଳ । ଡେଡଲାଇନ ପୁରିବାକୁ ଆଉ ହାତରେ ମାତ୍ର କେଇଟା ଦିନ । ହେଲେ ଏବେ ବି ଲକ୍ଷାଧିକ ସରକାରୀ ବାବୁ ସମ୍ପତ୍ତି ତାଲିକା ନଦେଇ ସରକାରଙ୍କ ନିର୍ଦ୍ଦେଶକୁ ଫୁ କରି ଉଡାଇଦେଇଛନ୍ତି । ସତେ ଯେମିତି ସରକାରଙ୍କ କାର୍ଯ୍ୟାନୁଷ୍ଠାନକୁ ଟିକିଏ ବି ଭୟ ନାହିଁ । ପ୍ରଥମେ ଡେଡଲାଇନ ଘୁଞ୍ଚିଲା,ଏବେ ସରିବାକୁ ବସିଲାଣି । ହେଲେ ସରକାରୀ ବାବୁଙ୍କର ନିଦ ଭାଙ୍ଗୁନି । ସରକାରଙ୍କ ନାଲିଆଖିକୁ ବି ଭୟ ନାହିଁ । ସମ୍ପତ୍ତି ତାଲିକା ନ ଦେବାକୁ ଯେମିତି ମନସ୍ଥିର କରିଛନ୍ତି ଲକ୍ଷାଧିକ ସରକାରୀ ବାବୁ । ବିଧାନସଭାରୁ ଆସିଥିବା





ଉତ୍ତରରେ କିଛି ଏଭଳି ତଥ୍ୟ ସାମ୍ନାକୁ ଆସିଛି । ସିଏମ୍ ?ଜିଆଇରୁ ପ୍ରାପ୍ତ ସୂଚନା ଅନୁଯାୟୀ, ମାର୍ଚ୍ଚ ୨ ତାରିଖ ସୁଦ୍ଧା ୧ ଲକ୍ଷ ୨୫ ହଜାର ୮୪୭ ଜଣ ସରକାରୀ କର୍ମଚାରୀ ସମ୍ପତ୍ତି ତାଲିକା ଦାଖଲ କରିନାହାନ୍ତି । ପ୍ରଶ୍ନ ଉଠୁଛି, ସମ୍ପତ୍ତି ତାଲିକା ଦାଖଲ ନକରି କ'ଣ ଲୁଚାଇବାକୁ ଚାହୁଁଛନ୍ତି ବାବୁ ? ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଛନ୍ତି କି ଅମାନିଆ ବାବୁ ? କାର୍ଯ୍ୟାନୁଷ୍ଠାନ ନେବାକୁ କାହିଁକି କୁନ୍ଥୁକୁନ୍ଥୁ ସରକାର ? ଜାନୁଆରି ୩୧ ସୁଦ୍ଧା ସମ୍ପତ୍ତି ତାଲିକା ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ ସରକାର । ଅବଧି ସରିଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନନେଇ ମାର୍ଚ୍ଚ ୩୧ ଯାଏଁ ଡେଡଲାଇନ ବଢାଇଛନ୍ତି ସରକାର । କାର୍ଯ୍ୟାନୁଷ୍ଠାନର ଚେତାବନୀ ଦେଇଛନ୍ତି । ପ୍ରଶ୍ନ ଉଠୁଛି, ବାବୁମାନେ ସରକାରଙ୍କ ଚେତାବନୀକୁ ମାନିବେ ତ ? ଅନ୍ୟପଟେ କାର୍ଯ୍ୟାନୁଷ୍ଠାନର ଭୟ ନଥିବାରୁ ବାବୁଙ୍କ ମନମାନି ବଢୁଥିବା କହିଛନ୍ତି ବିରୋଧୀ । ଅନେକ ବଡ଼ ବାବୁଙ୍କ ଘରେ ଭିଜିଲାନ୍ସ ଚଢାଉରେ ପୁଳା ପୁଳା ଆୟ ବର୍ହିଭୂତ ସମ୍ପତ୍ତି ବାହାରୁଛି ।

## ଓଡ଼ିଶା ସଚିବାଳୟରେ 'ବଡ଼ ବାବୁ'ଙ୍କ ଅଭାବ: ବିଧାନସଭାରେ ଉତ୍ତର ରଖିଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୦୯/୩ (ନି.ପ୍ର): ଓଡ଼ିଶାର ପ୍ରଶାସନିକ ପ୍ରାଣକେନ୍ଦ୍ର କୁହାଯାଉଥିବା ସଚିବାଳୟରେ ଏବେ ଅଧିକାରୀଙ୍କ ଘୋର ଅଭାବ ଦେଖାଦେଇଛି । ବିଧାନସଭାରେ ବିଧାୟକ ସୌଭିକ୍ ବିଶ୍ୱାଳଙ୍କ ଏକ ଅଣତାରକା ପ୍ରଶ୍ନର ଲିଖିତ ଉତ୍ତର ରଖି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଚିନ୍ତାଜନକ ତଥ୍ୟ ପ୍ରଦାନ କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ତଥ୍ୟ ଅନୁଯାୟୀ, ସଚିବାଳୟର ବିଭିନ୍ନ ବର୍ଗରେ ଅନେକ ଗୁରୁତ୍ୱପୂର୍ଣ୍ଣ ପଦବୀ ଖାଲି ପଡ଼ିଛି। ସବୁଠାରୁ ଅଧିକ ୩୬୫ଟି ଉପବିଭାଗ ଅଧିକାରୀ ଏବଂ ୩୪୮ଟି ସହକାରୀ ଉପବିଭାଗ ଅଧିକାରୀ(ଏଏସଓ) ପଦବୀ ଶୂନ୍ୟ ରହିଛି। ଏହା ବ୍ୟତୀତ ୧୦୫ ଜଣ ଅନୁଶାସନ ସଚିବ, ଜଣେ ଅତିରିକ୍ତ ଶାସନ ସଚିବ, ୨ ଜଣ ଯୁଗ୍ମ ଶାସନ ସଚିବ, ୨ ଜଣ ଉପ ଶାସନ ସଚିବ ଏବଂ ୪ ଜଣ ଡେସ୍କ ଅଫିସରଙ୍କ ପଦବୀ ମଧ୍ୟ ପୂରଣ ହୋଇନାହିଁ। ଏତେ ସଂଖ୍ୟକ ପଦବୀ ଖାଲି ରହିବା ଫଳରେ ସରକାରୀ କାର୍ଯ୍ୟାଳୟର ଦୈନନ୍ଦିନ କାର୍ଯ୍ୟ ପରିଚାଳନାରେ ବାଧା ସୃଷ୍ଟି ହେବା ସହ କାର୍ଯ୍ୟରତ ଅଧିକାରୀଙ୍କ ଉପରେ ଚାପ ବଢୁଛି। ପ୍ରଶାସନିକ ସ୍ୱଚ୍ଛତା ଓ ସରକାରୀ ଯୋଜନାର ତ୍ୱରିତ କାର୍ଯ୍ୟାନ୍ୱୟନ ପାଇଁ ଏହି ଶୂନ୍ୟସ୍ଥାନଗୁଡ଼ିକୁ ଯଥାଶୀଘ୍ର ପୂରଣ କରିବା ଏବେ ନୂତନ ସରକାରଙ୍କ ପାଇଁ ଏକ ବଡ଼ ଆହ୍ୱାନ ପାଲଟିଛି । ଯଦି ଏହି ପଦବୀଗୁଡ଼ିକ ଶୀଘ୍ର ପୂରଣ ନହୁଏ, ତେବେ ସଚିବାଳୟର ଗତିଶୀଳତା ପ୍ରଭାବିତ ହେବାର ସମ୍ଭାବନା ରହିଛି ।

## ବିଜେଡି ସୁପ୍ରିମୋଙ୍କ ଚିନ୍ତା ବଢ଼ାଇଲେଣି ବିଧାୟକ: ସସ୍‌ପେନ୍ସ ବଢ଼ାଇଲେ ସୁବାସିନୀ

ଭୁବନେଶ୍ୱର, ୦୯/୩ (ନି.ପ୍ର): ରାଜ୍ୟସଭା ନିର୍ବାଚନ ତାରିଖ ଯେତିକି ପାଖଉଛି, ବିରୋଧୀ କ୍ୟାମ୍ପର ଚିନ୍ତା ସେତେ ଅଧିକ ବଢୁଛି । ବିଜେଡିର କିଛି ବିଧାୟକ, ଏଯାଏଁ ନବୀନଙ୍କ ନିଷ୍ପତ୍ତିରେ ସହମତ ହେଉନଥିବା ନେଇ ସଂକେତ ଦେଲେଣି । ସେପଟେ ମୋକିମ ବିଜେଡ଼ି ଓ କଂଗ୍ରେସ ମେଣ୍ଟକୁ ସମାଲୋଚନା କରିବା ପରେ ସୋଫିଆଙ୍କ ପରବର୍ତ୍ତୀ ପଦକ୍ଷେପକୁ ନେଇ ବଢ଼ିଛି ଚର୍ଚ୍ଚା । ସରିଲା ନାମାଙ୍କନ ପ୍ରତ୍ୟାହାରର ଶେଷ ତାରିଖ । ଏହାସହ ଚତୁର୍ଥ



ଆସନ ପାଇଁ ଲଢେଇ ନିଶ୍ଚିନ୍ତ ହୋଇଛି । ଦତ୍ତେଶ୍ୱର ବନାମ ଦିଲ୍ଲୀପ । ସଂଖ୍ୟା ଗଣିତରେ ବିରୋଧୀ କ୍ୟାମ୍ପର ମିଳିତ ପ୍ରାର୍ଥୀ ଦତ୍ତେଶ୍ୱର ଆଗରେ ଥିବା ବେଳେ ବିଜୟ ନେଇ ଦମ୍ଭ ବାଢୁଛନ୍ତି ଶାସକ ଦଳ ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ଦିଲ୍ଲୀପ ରାୟ ଓ ବିଜେପି ନେତା । ଏସବୁ ଭିତରେ ବିରୋଧୀ ବିଜେଡି କ୍ୟାମ୍ପର ଜଣେ ପରେ ଜଣେ ବିଧାୟକ ସସପେନ୍ସ କାର୍ଡ ଖେଳିବା ବିଜେଡି ସୁପ୍ରିମୋଙ୍କ ଗଣିତକୁ ଓଲଟପାଲଟ କରିବା ନେଇ ଚର୍ଚ୍ଚା ବଢିଛି । ସୌଭିକଙ୍କ ପରେ ସୁବାସିନୀ । ସମୟ କହିବ କାହାକୁ ଦିଆଯିବ ଭୋଟ, କିଛି ଏଭଳି କହି ଚର୍ଚ୍ଚାକୁ ଖୋରାକ ଯୋଗାଇଛନ୍ତି ବସ୍ତା ବିଧାୟକ । ହେଲେ ପ୍ରଶ୍ନ ଉଠୁଛି, ଦଳୀୟ ସମର୍ଥିତ ପ୍ରାର୍ଥୀଙ୍କୁ ଭୋଟ୍ ଦେବାକୁ କହିବାକୁ କାହିଁକି କୁଣ୍ଠାବୋଧ କରୁଛନ୍ତି ଦଳୀୟ ବିଧାୟକ ? ନବୀନଙ୍କ ନିଷ୍ପତ୍ତିକୁ ନେଇ ବିଜେଡି ବିଧାୟକଙ୍କ ମଧ୍ୟରେ ଅଛି କି ଅସନ୍ତୋଷ ? ଏଭଳି ସ୍ଥିତିରେ ପାଳିପାଳି କରି ବିଧାୟକଙ୍କୁ ଡାକି ଆଲୋଚନା କଲେଣି ବିଜେଡି ମୁଖିଆ ।

## ଓଲା-ଉବର-ରାପିଡୋ ବାଇକ୍ ବ୍ୟାନ୍

ନୂଆଦିଲ୍ଲୀ,୦୯/୩ : ଓଲା, ଓବେର ଏବଂ ରାପିଡୋ ଉପରେ ମହାରାଷ୍ଟ୍ର ସରକାରଙ୍କ ପକ୍ଷରୁ ବଡ଼ ଆକ୍ସନ । ସୂଚନା ଅନୁଯାୟୀ, କମ୍ପାନୀଗୁଡ଼ିକୁ କେବଳ 'ଇଲେକ୍ଟ୍ରିକ୍ ବାଇକ୍' ଚଲାଇବାକୁ ଅନୁମତି ମିଳିଥିବା ବେଳେ ସେମାନେ ବେଆଇନ ଭାବେ 'ପେଟ୍ରୋଲ ବାଇକ୍' ବ୍ୟବହାର କରୁଥିଲେ । ଏଥିସହ ସେମାନେ ଆବଶ୍ୟକୀୟ କାଗଜପତ୍ର ଦାଖଲ କରିବାରେ ମଧ୍ୟ ବିଫଳ ହୋଇଛନ୍ତି ବୋଲି ପ୍ରଶାସନ କହିଛି। ରାଜ୍ୟ ପରିବହନ ମନ୍ତ୍ରୀ ପ୍ରତାପ ସରନାୟକଙ୍କ ଅନୁଯାୟୀ, ଏହି କମ୍ପାନୀଗୁଡ଼ିକ ନିୟମ ଉଲ୍ଲଙ୍ଘନ କରୁଥିବା ଜଣାପଡ଼ିବା ପରେ ସେମାନଙ୍କ ଲାଇସେନ୍ସ ବାତିଲ କରାଯାଇଛି ।

## ଗ୍ୟାସ ପରେ ମହଙ୍ଗା ହେଲା ଖାଇବା ତେଲ: ଦୁଇ ଦିନରେ ଲିଟର ପିଛା ବଢ଼ିଲାଣି ୫ରୁ ୧୦ଟଙ୍କା

ନୂଆଦିଲ୍ଲୀ,୦୯/୩ : ଯୁଦ୍ଧର ପ୍ରଭାବ ରୋଷେଇ ଘରେ ପଡ଼ିବା ଆରମ୍ଭ ହୋଇଛି । ଗତ ଦୁଇ ମାସ ହେଲା ଦର ଧିରେ ଧିରେ ବଢୁଥିବେଳେ ଯୁଦ୍ଧ ପ୍ରଭାବରେ ଦର ଉପରମୁହାଁ ହୋଇଛି । ରିଫାଇନ୍, ପାମୋଲିନ୍ ତେଲ ଦର ଲିଟର ପିଛା ୫ରୁ ୧୦ଟଙ୍କା



ବଢ଼ିଯାଇଛି । ଆମଦାନୀ ସ୍ୱାଭାବିକ ନହେଲେ ଆଗକୁ ତେଲ ଦର ଆହୁରି ବଢ଼ିବା ଆଶଙ୍କା କରାଯାଉଛି । ମଧ୍ୟପ୍ରାଚ୍ୟ ଯୁଦ୍ଧକୁ ନେଇ ଯାହା ଆଶଙ୍କା କରାଯାଉଥିଲା ତାହା ହିଁ ହୋଇଛି। ଭାରତରେ ସିଧାସଳଖ ଯୁଦ୍ଧର ପ୍ରଭାବ ।


◆◆ପୃଷ୍ଠା ୭


## ଥମୁନି ମହାଯୁଦ୍ଧ: ଇରାନ ଆକାଶରେ ଛାଇ ଯାଇଛି ବିଷାକ୍ତ ଧୂଆଁ

ନୂଆଦିଲ୍ଲୀ,୦୯/୩ : ଚାହୁଁଚାହୁଁ ବିତିଗଲାଣି ୧୦ ଦିନ, ୧୦ ରାତି । ତଥାପି ଥମିବା ତ ଦୂରର କଥା, ଆହୁରି ଭୟାବହ ହେଉଛି ମଧ୍ୟପ୍ରାଚ୍ୟ ଯୁଦ୍ଧ । ଆଜି ଦଶମ ଦିନରେ ଇରାନ ଉପରେ ଆକ୍ରମଣ ଜୋରଦାର କରିଛନ୍ତି ଆମେରିକା ଓ ଇସ୍ରାଏଲ୍ । ତେବେ ଯୁଦ୍ଧ ବିଭୀଷିକା ଭିତରେ ସାଧାରଣ ଲୋକଙ୍କ ସ୍ୱାସ୍ଥ୍ୟ ସଂକଟକୁ ନେଇ ପ୍ରକାଶ ପାଇଛି



ଉଦବେଗ । ଏପଟେ ମଧ୍ୟପ୍ରାଚ୍ୟ ସ୍ଥିତି ଓ ଭାରତ ସରକାରଙ୍କ ଆଭିମୁଖ୍ୟ ସଂପର୍କରେ ଆଜି ସଂସଦରେ ବିବୃତି ରଖିଛନ୍ତି ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର । ଇରାନ ଆକାଶରେ ଏହା କଳାହାଣ୍ଡିଆ ମେଘ ନୁହେଁ । ଚତୁର୍ଦ୍ଦିଗ ଢାଙ୍କି ଦେଇଛି କଳା ଧୂଆଁ । ଆକାଶରୁ ଖସୁଛି କଳା ଓ ତେଲିଆ ବର୍ଷା । କାର୍, ଛାତ, ରାସ୍ତାଘାଟ ପୂରା ଅଞ୍ଚଳରେ ଛାଇ ଯାଇଛି ମୋଟା ପରସ୍ତ । ଇରାନର ୩୦ଟି ତୈଳ ଭଣ୍ଡାର ଉପରେ ଇସ୍ରାଏଲର ଅଗ୍ନିବର୍ଷା ପରେ, ଜାରି ହୋଇଛି ବିଷାକ୍ତ ଧୂଆଁ ଓ ଏସିଡ୍ ବର୍ଷା। ସତର୍କତା। ଆଖି ପୋଡ଼ାଜଳା, ଫୁସଫୁସ ସମସ୍ୟା ଆଦି ଆଶଙ୍କାରେ ମାସ୍କ ପିନ୍ଧୁଛନ୍ତି ଲୋକେ ।


◆◆ପୃଷ୍ଠା ୭


## 'ନାଚ୍' ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ମହାସମାରୋହରେ ପାଳିତ

ବାଲେଶ୍ୱର, ୦୯/୩ (ନି.ପ୍ର): ନୃତ୍ୟ, କଳା ଓ ଐତିହ୍ୟର ଅଗ୍ରଣୀ ଅନୁଷ୍ଠାନ 'ନାଚ୍' ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ୨୦୨୬ ମସିହା ପାଇଁ ୪ ଜଣ ବିଶିଷ୍ଟ ମହିଳାଙ୍କୁ ସମ୍ମାନିତ କରାଗଲା। ଗତ ପାଞ୍ଚ ବର୍ଷ ଧରି ଆୟୋଜନ ହେଉଥିବା ଉତ୍ସବ ରେ ସମାଜର ବିଭିନ୍ନ ବର୍ଗର ପ୍ରତିଭା ସମ୍ପର୍ଣ୍ଣ ୪ ଜଣ ମହିଳାଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଗଲା । ଏହି ଉତ୍ସବରେ ବିଶିଷ୍ଟ ଲେଖିକା ଏବଂ 'ଧ୍ୱନି ପ୍ରତିଧ୍ୱନି' ଓ 'ସାଗରିକା'ର ସମ୍ପାଦିକା ସୈରିନ୍ଧ୍ରୀ ସାହୁ , ଜାତୀୟ ସ୍ତରୀୟ ଚିତ୍ର ଶିଳ୍ପୀ ପାରମିତା ସରକାର, (କୋଲକତା ), ଶିକ୍ଷାବିତ ଓ ସୋର ସ୍ଥିତ ପୁରୁବାଇ କନ୍ୟାଆଶ୍ରମର ସମ୍ପାଦିକା ତଥା





ସମାଜସେବୀ ସୁମତି ମହାନ୍ତି ଏବଂ ଯୁବ ସାମ୍ବାଦିକା ଓ ଗାଳ୍ପିକା ସ୍ମୃତିଲଗ୍ନା ନନ୍ଦ ନାଚ୍ ମହିଳା ଉତ୍କର୍ଷ ସମ୍ମାନ ପାଇଲେ। ନାଚ ପ୍ରେକ୍ଷ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମ ରେ ପ୍ରାରମ୍ଭିକ ସୂଚନା ଅରୁଣାଂଶୁ ପାଣିଗ୍ରାହୀ ଦେଇଥିବା ବେଳେ ନିଷ୍ପାଦକ ଭାବେ ଶିକ୍ଷାବିତ ତଥା ସମାଜସେବୀ ସତ୍ୟମ କୁମାର ମିଶ୍ର ଥିଲେ। ସତ୍ୟମ ବିଶିଷ୍ଟ କବି କୃଷ୍ଣ କୁମାର ମହାନ୍ତିଙ୍କ ଶୁଭେଚ୍ଛା ବାର୍ତ୍ତା ଓ କବିତା ପାଠ କରିଥିଲେ। କଥାସାର କବି ଶ୍ରୀଦେବ ରଖିଥିଲେ, ସମାଜସେବୀ ତଥା ପୂର୍ବ ସମ୍ବର୍ଦ୍ଧିତ ପ୍ରତିଭା ସାରଦା ଗିରି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନୁଷ୍ଠାନର ସଭାପତି ତଥା ବିଶିଷ୍ଟ ନୃତ୍ୟ ଶିଳ୍ପୀ ରୋନାଲିସା ନାଚ ଅନୁଷ୍ଠାନ ତଥା ମହିଳା ଦିବସ ପାଳନର ଆଭିମୁଖ୍ୟ ବିଷୟରେ କହିଥିଲେ। ନାଚ ମହିଳା ଶାଖା ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରକାରର ପାରମ୍ପରିକ ନୃତ୍ୟ ପରିବେଷଣ କରଯାଇଥିଲା। ଆଗରୁ ମହିଳାମାନଙ୍କ ବିଭିର୍ଣ୍ଣ ପ୍ରତିଯୋଗିତାର ପୁରସ୍କାର ବିତରଣ କରାଯାଇଥିଲା। ସମସ୍ତଙ୍କ ପାଇଁ ପାରମ୍ପରିକ ଓଡ଼ିଆ ଖାଦ୍ୟର ବ୍ୟବସ୍ଥା କରାଯାଇଥିଲା। ଶେଷରେରେ ରୋନାଲିସା ପଣ୍ଡା ଧନ୍ୟବାଦ ଦେଇଥିଲେ।

## ଯୁଦ୍ଧର ପ୍ରଭାବ: ଡଲାର ତୁଳନାରେ ଟଙ୍କା ମୂଲ୍ୟ ୯୨.୩୦ ଟଙ୍କା

ନୂଆଦିଲ୍ଲୀ,୦୯/୩ : ପଶ୍ଚିମ ଏସିଆ ଯୁଦ୍ଧ ପ୍ରଭାବରେ ଆମେରିକୀୟ ଡଲାର ତୁଳନାରେ ଭାରତୀୟ ଟଙ୍କା ଅତ୍ୟନ୍ତ ଦୁର୍ବଳ ହୋଇପଡ଼ିଛି। ସୋମବାର ଡଲାର ତୁଳନାରେ ଟଙ୍କା ମୂଲ୍ୟ ପ୍ରଥମ ଥର ୯୨ ଟଙ୍କା ସ୍ତର ଅତିକ୍ରମ କରିଛି। ଏକ ସମୟରେ ଡଲାର ଦାମ୍ ୯୨ ଟଙ୍କା ୩୦ ପଇସା ଥିଲା। ଭୂ-ରାଜନୈତିକ ସଙ୍କଟ, ଅଶୋଧିତ ତୈଳ ଦରରେ ବୃଦ୍ଧି ଓ ବିଦେଶୀ ନିବେଶକମାନେ ଲଗାତାର ଭାବେ ଭାରତୀୟ ଷ୍ଟକ୍ ବଜାରରୁ ପାଣ୍ଠି ପ୍ରତ୍ୟାହାର କରୁଥିବାରୁ ଟଙ୍କା ଉପରେ ଚାପ ସୃଷ୍ଟି ହୋଇଛି।





ବିଶେଷଜ୍ଞମାନଙ୍କ ମତରେ ଅଶୋଧିତ ତୈଳ ଦରରେ ହୋଇଥିବା ବୃଦ୍ଧି ପାଇଁ ଟଙ୍କା ଦୁର୍ବଳ ହୋଇଛି। ଭାରତ ଏହାର ଆବଶ୍ୟକତାର ୮୦ ପ୍ରତିଶତରୁ ଅଧିକ ତେଲ ଆମଦାନୀ କରିଥାଏ। ଆମଦାନୀରେ ଡଲାର ଗ୍ରହଣ କରାଯାଇଥାଏ।


◆◆ପୃଷ୍ଠା ୭

# ପୂଜ୍ୟପୂଜା ସଂସଦର ବାର୍ଷିକ ଉତ୍ସବ

ଜୟପୁର, ୦୯/୩ (ନି.ପ୍ର): ସାହିତ୍ୟ ସାଧନା ଏକ ଚଳନଶୀଳ ପ୍ରକ୍ରିୟା। ଯେତେ ସାଧିବ ସେତେ ପାଇବ। ଶୈଶବରୁ ବାର୍ଦ୍ଧକ୍ୟ, ବାଲିଗରଡାରୁ ହିମାଳୟ ଆକାର, ମାଟିରୁ ଆକାଶ ପର୍ଯ୍ୟନ୍ତ ପରିବ୍ୟାପ୍ତ ସାହିତ୍ୟର ପସରା। କଳ୍ପନାର ଯାଦୁକରୀ ଶବ୍ଦମାନେ ଭଷା ସାହିତ୍ୟର ସମ୍ଭାର। ପଠନ ଆଭ୍ୟାସ ରଖି ମନନ, ଚିନ୍ତନ ଲିଖନ ଓ ଶ୍ରବଣ ମାଧ୍ୟମରେ ସାହିତ୍ୟ ହୁଏ କାଳଜୟୀ। ସମାଜ ଦର୍ପଣରେ ପ୍ରତିବିମ୍ବିତ ଘଟଣାକୁ ନେଇ ଲେଖନୀ ଚାଳନା କରିବାରେ ସିଦ୍ଧହସ୍ତ ଲେଖକ ସମାଜରେ ସଚେତନତା ଆଣିବାକୁ ହେବ ବୋଲି ଜୟପୁର ପୂଜ୍ୟପୂଜା ସଂସଦ, ଜୟପୁରର ତିରିଶିତମ ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥି ମତବ୍ୟକ୍ତ କରିଥିଲେ। ସଂସଦର ସଭାପତି ଉଦୟ ଶଙ୍କର ଜାନୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଆକାଶବାଣୀ ଜୟପୁରର ସେବାନିବୃତ କାର୍ଯ୍ୟକ୍ରମ ନିଷ୍ପାଦକ ଗୌର ଚନ୍ଦ୍ର ତ୍ରିପାଠୀ ମୁଖ୍ୟ ଅତିଥି, କାର୍ଯ୍ୟରତ ଉଦ୍ଘୋଷିକା ଦମୟନ୍ତୀ ବୈକାର ମୁଖ୍ୟବକ୍ତା, ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ଅନୁଷ୍ଠାନର ଅଧକ୍ଷା ମମତା କୁମାରୀ ଝୋଡିଆ ସମ୍ମାନିତ ଅତିଥି, ସଂସଦର ଉପଦେଷ୍ଟା ଇଂ. କେଦାରନାଥ ବେହେରା ଓ ସଂପାଦକ ବୈରାଗୀ ଚରଣ ସାହୁ ପ୍ରମୁଖ ମଂଚାସିନ ଥିଲେ। କାର୍ଯ୍ୟକ୍ରମର ଆରମ୍ଭରେ ପ୍ରଭୁ ଶ୍ରୀ ଜଗନ୍ନାଥ, ବଳଭଦ୍ର ଓ ମାତା ଶୁଭଦ୍ରାଙ୍କ ନିକଟରେ ଧୂପଦୀପାଦି ଅର୍ପଣ କରାଯାଥିଲା। ଏହି ଅବସରରେ ଆକାଶବାଣୀ ସଂଗୀତକାର ବିଜୟ କୁମାର ସାମନ୍ତରାୟ, ଶ୍ରେଷ୍ଠ କ୍ରୀଡାବିତ ଦିଲ୍ଲୀପ କୁମାର ସାମନ୍ତରାୟ, ଅଭିଜ୍ଞ ବିଜ୍ଞନା ଶିକ୍ଷକ ସନ୍ତୋଷ କୁମାର ଶତପଥୀ, ଗଣମାଧ୍ୟମର ପ୍ରତିନିଧି ମଧୁସ୍ମିତା ମିଶ୍ରଙ୍କୁ ' ଗୌରବ ଶ୍ରୀ ' ସମ୍ମାନରେ ସମ୍ମାନିତ କରାଯାଇଥିଲା। ସଂସଦର ସାହିତ୍ୟ ଟୁଙ୍ଗିର ମୁଖପତ୍ର 'ଆମ ଲେଖା ' କବି ବୈରାଗୀ ଚରଣ ସାହୁଙ୍କ କବିତା ସଂକଳନ 'କୁନ୍ଦ କାନନ ', ସସ୍ମିତା ସାହୁଙ୍କ 'ପୁଷ୍ପହାର'ର ଲୋକାର୍ପଣ କରାଯାଇଥିଲା। ଦ୍ୱିତୀୟ ଅଧିବେଶନରେ ସଂସଦର ଉପସଭାପତି ତପନ କିରଣ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ କବିତା ପାଠ ଉତ୍ସବରେ ସମ୍ମାନିତ ଅତିଥି ରୂପେ ରଜତ କୁମାର ଷଡଙ୍ଗୀ, ଉପଦେଷ୍ଟା ଇଂ. ଭାସ୍କର ସାମନ୍ତରାୟ ଯୋଗଦେଇଥିଲେ। କବିତା ସଂଯୋଜନାରେ ପୁଷ୍ପାଞ୍ଜଳି ସାହୁ ଓ ଶୋଭାଙ୍ଗିନୀ ନନ୍ଦ ଥିଲାବେଳେ ଧନ୍ୟବାଦ ଅର୍ପଣ କରିଥିଲେ ସହସଂପାଦକ ମୃତ୍ୟୁଞ୍ଜୟ ସାହୁ। ଏଥିରେ ଶତାଧିକ କବି, ସାହିତ୍ୟପ୍ରେମୀ, ସମାଜସେବୀ ଉପସ୍ଥିତ ଥିଲେ। ବାର୍ଷିକ ଉତ୍ସବ ପାଳନ ଅବସରରେ ଅନୁଷ୍ଠିତ ପ୍ରତିଯୋଗିତାର ସଫଳ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

# ନାରୀ ହିଁ ସମାଜର ମେରୁଦଣ୍ଡ : ଅନ୍ତର୍ଜାତୀୟ ମହିଳା ଦିବସ ପାଳନ

ଜୟପୁର, ୦୯/୩ (ନି.ପ୍ର): ସରକାରୀ ମହିଳା ମହାବିଦ୍ୟାଳୟ, ଜୟପୁର ଠାରେ ଜାତୀୟ ସେବା ଯୋଜନା ତରଫରୁ ଅନ୍ତର୍ଜାତୀୟ ମହିଳା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଅଧକ୍ଷ ଡ୍. ବିବେକାନନ୍ଦ ସୁନା ଆନୁଷ୍ଠାନିକ ଉଦଘାଟନ କରିବା ସହ ଶିକ୍ଷା, ନାରୀ ସ୍ୱାଧୀନତାର ଅଧିକାର , ନାରୀମାନଙ୍କ ଆତ୍ମସମ୍ମାନ ଓ ନାରୀବାଦର ସଂଘର୍ଷର ଇତିହାସ ଉପରେ ଆଲୋକପାତ କରିଥିଲେ। ଉକ୍ତ ଦିବସରେ ସମ୍ମାନୀତ ଅତିଥି ତଥା ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଶିକ୍ଷାବିତ୍, ସମାଜସେବୀ, ସୁସାହିତ୍ୟିକା ବର୍ତ୍ତମାନ ସେମିଳିଗୁଡା ମହାବିଦ୍ୟାଳୟର ଅଧକ୍ଷା ଡ. ଝାନ୍ସୀ ସିଂହ ଯୋଗଦେଇ ନିଜ ବକ୍ତବ୍ୟରେ ନାରୀ ହିଁ ସମାଜର ମେରୁଦଣ୍ଡ, ମହିଳା ମାନଙ୍କ ସମ୍ପର୍କିତ ସାମ୍ବିଧାନିକ ଅଧିକାର, ଶିକ୍ଷା, ସାଂପ୍ରତିକ ସମାଜରେ ଉପୁଜୁଥିବା ବିଭିନ୍ନ ଲିଙ୍ଗଗତ ବିଭେଦତା ସମସ୍ୟା ଏବଂ ତାହାର ପ୍ରତିକାର, ଜନ୍ମ ମୃତ୍ୟୁର ପ୍ଲାବନ ଭିତରେ ଜୀବନକୁ ଅର୍ଥପୂର୍ଣ୍ଣ କରିବା ଆବଶ୍ୟକତା, ବିଶ୍ୱ ଦରବାରରେ ଭାରତୀୟ ନାରୀମାନଙ୍କ ଅତୁଳନୀୟ ଅବଦାନ ଇତ୍ୟାଦି ବିଷୟରେ ବୁଝାଇ ଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ। ସେହିପରି ଯୁକ୍ତ ତିନି ଜାତୀୟ ସେବା ଯୋଜନା ଅଧିକାରୀ ଶ୍ରୀମତୀ ସୁନିତା କୁମାରୀ ପ୍ରଧାନ ଆଜିର ଦିବସର ମୁଖ୍ୟ ଉଦ୍ଦେଶ୍ୟ ଓ ବୈଶିଷ୍ଟକୁ ଅତି ସୁନ୍ଦର ଭାବେ ବର୍ଣ୍ଣନା କରିବା ସହ ଜୀବନରେ ଉତମ ମଣିଷ ହେବାକୁ ହେଲେ ପ୍ରତ୍ୟେକ ପରିସ୍ଥିତିକୁ ସାମ୍ନା କରିବା ଓ ସୁସମାଜ ଗଠନରେ ନାରୀମାନଙ୍କର ଭୂମିକା ଆଦି ଉପରେ ଉଲ୍ଲେଖ କରି କାର୍ଯ୍ୟକ୍ରମକୁ ନିଖୁଣ ଭାବରେ ପରିଚାଳନା କରିଥିଲେ। ଯୁକ୍ତ ଦୁଇ ଜାତୀୟ ସେବା ଯୋଜନା ଅଧିକାରୀ ଶ୍ରୀମତୀ ସୀମା ମହାପାତ୍ର, ଆନ୍ତର୍ଜାତୀୟ ମହିଳା ଦିବସର ଗୁରୁତ୍ୱାରୋପ ଓ ଶୁଭେଚ୍ଛା ଜଣାଇ ଶେଷରେ ମଂଚାସୀନ ଅତିଥି ତଥା ସଭାରେ ଉପସ୍ଥିତ ସମସ୍ତ ଶ୍ରୋତାଗଣ ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ସଭାଶେଷ ପର୍ଯ୍ୟାୟରେ ମହାବିଦ୍ୟାଳୟର ଛାତ୍ରୀ ବୃନ୍ଦ ଓ ଅଧ୍ୟାପକ ଓ ଅଧ୍ୟାପିକାଙ୍କ ଦ୍ୱାରା ସ୍ୱତନ୍ତ୍ର ନାରୀ ସମ୍ବନ୍ଧୀୟ କବିତା ପାଠୋତ୍ସବ ଓ ସଙ୍ଗୀତଗାନ ହୋଇଥିଲା ଉକ୍ତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକାବୃନ୍ଦଙ୍କ ସହ ଯୁକ୍ତ ଦୁଇ, ସ୍ନାତକ ଓ ସ୍ନାତକୋତର ଶ୍ରେଣୀର ଛାତ୍ରୀମାନେ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

# କେନ୍ଦୁଝରରେ 'ଶକ୍ତି ପଦଯାତ୍ରା' ସହ ଆନ୍ତର୍ଜାତୀୟ ମହିଳା ଦିବସ ଉଦ୍‌ଯାପିତ

କେନ୍ଦୁଝର, ୦୯/୩ (ନି.ପ୍ର): ଆନ୍ତର୍ଜାତୀୟ ମହିଳା ଦିବସ ପାଳନର ତୃତୀୟ ତଥା ଉଦଯାପନୀ ଦିବସ ଅବସରରେ ଆଜି କେନ୍ଦୁଝର ସହରରେ ଏକ ବିଶାଳ 'ଶକ୍ତି ପଦଯାତ୍ରା' ବା ପାୱାର ୱାକ୍ ଅନୁଷ୍ଠିତ ହୋଇଯାଇଛି। ସେ ଚାଲିଲେ, ଭାରତ ଚାଲେ ବିଷୟବସ୍ତୁ କୁ ଆଧାର କରି ଆୟୋଜିତ ଏହି ପଦଯାତ୍ରା ମହିଳା ସଶକ୍ତିକରଣର ଏକ ନୂତନ ବାର୍ତା ବହନ କରିଛି। ବିଷୟବସ୍ତୁ ମାଧ୍ୟମରେ ସମାଜକୁ ଏହି ବାର୍ତା ଦିଆଯାଇଛି ଯେ, ଯେତେବେଳେ ଜଣେ ମହିଳା ଆଗକୁ ବଢ଼ନ୍ତି, ସେତେବେଳେ ସମଗ୍ର ଦେଶ ପ୍ରଗତି ପଥରେ ଅଗ୍ରସର ହୁଏ। ଏଥିରେ ଏନସିସି, ଏନଏସଏସ ସ୍ୱେଚ୍ଛାସେବୀ, ଆଇସି ଡିଏସ କର୍ମଚାରୀ, ମହିଳା ପୋଲିସ୍ ଓ ବହୁ ସଂଖ୍ୟାରେ ମହିଳା ଯୋଗଦେଇ ନାରୀ ଶକ୍ତିର ପ୍ରଦର୍ଶନ କରିଥିଲେ। ଏଥିରେ ଅଂଶଗ୍ରହଣ କରିଥିବା ମହିଳା, ବିଶେଷକରି ଗୃହିଣୀ ଏବଂ ଛାତ୍ରୀମାନଙ୍କ ମଧ୍ୟରେ ଏକତା ଏବଂ ଆତ୍ମବିଶ୍ୱାସର ଭାବନା ଜାଗ୍ରତ କରାଯାଇଛି । ସର୍ବସାଧାରଣ ସ୍ଥାନରେ ମହିଳାମାନଙ୍କର ଏହି ବିଶାଳ ଉପସ୍ଥିତି ସେମାନଙ୍କର ସାମାଜିକ ଅଧିକାର ଏବଂ ସମ୍ମାନକୁ ଦର୍ଶାଉଛି। ସେମାନଙ୍କର ଯୋଗଦାନ ସ୍ପଷ୍ଟ କରୁଛି ଯେ ମହିଳା ଶକ୍ତି କେବଳ ଅଫିସରେ ସୀମିତ ନୁହେଁ, ବରଂ ପ୍ରତିଟି ଘରରୁ ହିଁ ଶକ୍ତିର ଆରମ୍ଭ। ଜିଲ୍ଲା କ୍ରୀଡ଼ା ଅଧିକାରୀ ସରୋଜ ମଲ୍ଲିକ ଙ୍କ ତତ୍ତ୍ୱାବଧାନ ରେ ଗତ ମାର୍ଚ୍ଚ ୬ ତାରିଖରୁ ଆରମ୍ଭ ହୋଇଥିବା ଏହି ଉତ୍ସବ ଆଜି ସଫଳତାର ସହ ଉଦଯାପିତ ହୋଇଛି। ସ୍ଥାନୀୟ ହ୍ୟାଣ୍ଡବଲ୍ ଗ୍ରାଉଣ୍ଡଠାରେ କେନ୍ଦୁଝରଗଡ଼ ପୌରପାଳିକାର ଅଧକ୍ଷା, ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ, କେନ୍ଦୁଝରଗଡ଼ ପୌରପାଳିକା ଅଧକ୍ଷା ଶ୍ରୀମତୀ ନିକୁ ସାହୁ ଏବଂ ଉପ-ଜିଲ୍ଲାପାଳ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଏହି ପଦଯାତ୍ରାକୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ।

# ଜାତୀୟ ପତାକା ପ୍ରତି ଅବହେଳା: ତ୍ୱରିତ୍ କାର୍ଯ୍ୟାନୁଷ୍ଠାନ ଦାବି

ସମ୍ବଲପୁର, ୦୯/୩ (ନି.ପ୍ର): ଦେଶର ସର୍ବୋଚ୍ଚ ପ୍ରତୀକ ତଥା ଜାତୀୟ ପତାକା ପ୍ରତି କେବେ ବି କୌଣସି ପରିସ୍ଥିତିରେ ଅବମାନନାକୁ ଗ୍ରହଣ କରାଯାଇ ନପାରେ । ଆବଶ୍ୟକ ସ୍ଥଳେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନର ମଧ୍ୟ ନିୟମ ରହିଛି । ହେଲେ ପଶ୍ଚିମ ଓଡ଼ିଶାର ରାଜଧାନୀ ସମ୍ବଲପୁରରେ ଏହିପରି ଏକ ଦୃଶ୍ୟ ଦୃଶ୍ୟମାନ ହେବା ପରେ ସଂପ୍ରତି ପ୍ରଶାସନିକ କାର୍ଯ୍ୟ ଦକ୍ଷତା ପ୍ରତି ବିରାଟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ସୂଚନାନୁଯାୟୀ, ସରକାରଙ୍କ ନିୟମାନୁଯାୟୀ ନିର୍ଦ୍ଦିଷ୍ଟ କେତେକ ସ୍ଥାନରେ କେବଳ ସାଧାରଣତନ୍ତ୍ର ଦିବସ ବା ସ୍ୱାଧୀନତା ଦିବସ ନୁହେଁ ବର୍ଷ ତମାମ ଜାତୀୟ ପତାକା ଉଠିଥାଏ । ସେହିପରି ସମ୍ବଲପୁର ସହରର ବୁଢାରଜା ପାହାଡ଼ ଶିଖର ଉପରେ ମଧ୍ୟ ଏକ ଜାତୀୟ ପତାକା ଉଠିଥାଏ । ମାତ୍ର ଦୁର୍ଭାଗ୍ୟ, ପରିବର୍ତନଶୀଳ ଜଳବାୟୁ ତଥା ବର୍ଷା ଓ ପବନରେ ଏହି ଜାତୀୟ ପତାକାର ପାର୍ଶ୍ୱ ଗୁଡ଼ିକ ଚିରି ଯାଇଥିବା ଦେଖି କିଛି ପ୍ରତ୍ୟକ୍ଷଦର୍ଶୀ ଗଣମାଧ୍ୟମର ଦୃଷ୍ଟି ଆକର୍ଷଣ କରାଇଛନ୍ତି । ଜିଲ୍ଲାର କେଉଁ କେଉଁ ସ୍ଥାନରେ ଜାତୀୟ ପତାକା ଉତୋଳିତ ରହିଛି ଓ ସେ ସବୁର ସ୍ଥିତାବସ୍ଥା ପ୍ରତି ସଦା ସର୍ବଦା ଜିଲ୍ଲା ପ୍ରଶାସନ ପକ୍ଷରୁ ତୀକ୍ଷ୍ଣ ଦୃଷ୍ଟି ରଖାଯିବା ଆବଶ୍ୟକ । ମାତ୍ର ଦୁର୍ଭାଗ୍ୟ, ସମଗ୍ର ସମ୍ବଲପୁର ଜିଲ୍ଲା ପୂର୍ବାପେକ୍ଷା ଏବେ ମାତ୍ରାଧିକ ରାଜନୈତିକ ବାତାବରଣରେ ମଧ୍ୟରେ ରହିଥିବା ବେଳେ ବୁଢାରଜା ପାହାଡ଼ ଉପରେ ଉତୋଳିତ ଜାତୀୟ ପତାକାର ଚିତ୍ର ବୁଦ୍ଧିଜୀବୀ ମହଲରେ ନୈରାଶ୍ୟତା ସୃଷ୍ଟି କରାଇଛି । ଏ ଦିଗରେ ତୁରନ୍ତ ଜିଲ୍ଲା ପ୍ରଶାସନ ଅନୁସନ୍ଧାନ କରି ଆବଶ୍ୟକୀୟ ପଦକ୍ଷେପ ନେବା ପାଇଁ ସଚେତନ ନାଗରିକଙ୍କ ପକ୍ଷରୁ ଦୃଷ୍ଟି ଆକର୍ଷଣ କରାଯାଇଛି ।

# ପଥପ୍ରାନ୍ତ ନାଟକରେ ଜୀବନ୍ତ ହେଉଛି ନୂତନ ଆଇନ: ନ୍ୟାୟ ସଂହିତା ପ୍ରଦର୍ଶନୀରେ ସଚେତନତା

ଭୁବନେଶ୍ୱର, ୦୯/୩ (ନି.ପ୍ର): ଭୁବନେଶ୍ୱରସ୍ଥିତ ପ୍ରଦର୍ଶନୀ ପଡ଼ିଆରେ ଚାଲିଥିବା "ନ୍ୟାୟ ସଂହିତା ପ୍ରଦର୍ଶନୀ"ରେ ପଥପ୍ରାନ୍ତ ନାଟକ ମାଧ୍ୟମରେ ସାଧାରଣ ଲୋକଙ୍କୁ ଭାରତର ନୂତନ ଅପରାଧିକ ଆଇନ ସମ୍ପର୍କରେ ସଚେତନ କରାଯାଉଛି। ପଥପ୍ରାନ୍ତ ନାଟକ ମାଧ୍ୟମରେ ନୂତନ ଅପରାଧିକ ଆଇନର ନୂତନ ବ୍ୟବସ୍ଥା, ପୀଡ଼ିତଙ୍କ ଅଧିକାର, ବୈଜ୍ଞାନିକ ତଦନ୍ତ ପ୍ରକ୍ରିୟା ଓ ଶୀଘ୍ର ନ୍ୟାୟ ପ୍ରଦାନ ବ୍ୟବସ୍ଥା ସମ୍ପର୍କରେ ଜୀବନ୍ତ ଓ ରୋଚକ ଭାବରେ ଉପସ୍ଥାପନ କରାଯାଉଛି। କଳାକାର ମାନଙ୍କ ଦ୍ୱାରା "ଅପରାଧସ୍ଥଳରୁ ହାଇକୋର୍ଟ ପର୍ଯ୍ୟନ୍ତ" ସମଗ୍ର ନ୍ୟାୟ ବ୍ୟବସ୍ଥାକୁ ଏକ ସମନ୍ୱିତ ଓ ଶିକ୍ଷା ମୂଳକ ଶୈଳୀରେ ପ୍ରଦର୍ଶିତ କରାଯାଉଛି । ଗୃହ ମନ୍ତ୍ରଣାଳୟ ଦ୍ୱାରା ଅନୁମୋଦିତ ୧୦ଟି ଷ୍ଟଲ୍‌ରେ ଅପରାଧ ସ୍ଥଳ, ୧୧୨ ଜରୁରୀ କାଳୀନ ସହାୟତା, ଥାନାର କାର୍ଯ୍ୟ ପ୍ରଣାଳୀ, ହସ୍ପିଟାଲ୍ ସମନ୍ୱୟ, ଫରେନସିକ ପ୍ରୟୋଗଶାଳା, ପବ୍ଲିକ ପ୍ରସିକ୍ୟୁସନ୍, ଜିଲ୍ଲା ଅଦାଲତ, କାରାଗାର ଓ ହାଇକୋର୍ଟର କାର୍ଯ୍ୟ ଶୈଳୀ ସମ୍ପର୍କରେ ନାଟକ ମାଧ୍ୟମରେ ଜୀବନ୍ତ କରାଯାଉଛି । ଅପରାଧ ଘଟଣାରୁ ଆରମ୍ଭ କରି ପୋଲିସ ତଦନ୍ତ ଓ ନ୍ୟାୟ ପ୍ରକ୍ରିୟା ପର୍ଯ୍ୟନ୍ତ ସମଗ୍ର ଘଟଣାକୁ ନାଟକ ମାଧ୍ୟମରେ ଦେଖାଯାଉଥିବାରୁ ଦର୍ଶକମାନେ ସହଜରେ ନୂତନ ଆଇନର ବିଭିନ୍ନ ପ୍ରାସଙ୍ଗିକତା ବୁଝିପାରୁଛନ୍ତି।

# କଳାଗୁଡା ଜଙ୍ଗଲରେ ଅବକାରି ଥାନାର ଚଢାଉ

ଜୟପୁର, ୦୯/୩ (ନି.ପ୍ର): ଦେଶି ମଦ ପ୍ରସ୍ତୁତ ସହ ଲୁଚାଇ ରଖିଥିବା ସୁଚନା ପାଇ କଳାଗୁଡା ଜଙ୍ଗରେ ଜୟପୁର ଅବକାରି ଥାନା ଚଢାଉ କରିଛି । ଚଢାଉ ସୁଚନା ପାଇ ମଦ ମାଫିଆ ମାନେ ଚମ୍ପଟ ମାରିଥିବା ବେଳେ ୧୨ ଶହ ଲିଟର ପୋଚ ୧୩୦ ଲିଟର ଦେଶି ମଦ ଜବତ କରି ନଷ୍ଟ କରିଛି । ମଦ ରନ୍ଧା ସରଞ୍ଜାମ ଡ୍ରମ ଆଦିକୁ ଜବତ କରିଥିବା ବିଷୟ ଜୟପୁର ଅବକାରି ଥାନା ଓଆଇସି ସୁବ୍ରତ କେଶୋରି ହିରନ ସୁଚନା ଦେଇଛନ୍ତି ।

# ୱାନ ଷ୍ଟପ ସେଂଟରର ଓ ସୁଭଦ୍ରା ଶକ୍ତି କେନ୍ଦ୍ର ଉଦ୍‌ଘାଟିତ

ପୁରୀ, ୦୯/୩ (ନି.ପ୍ର): ଆଜି ଅପରାହ୍ନରେ ଏସ ସି ଏସ କଲେଜ ନିକଟରେ ବ୍ଲକ ସୁଭଦ୍ରା ଶକ୍ତି କେନ୍ଦ୍ର ଓ ସଖି ୱାନ କେନ୍ଦ୍ରର ଉଦଘାଟନ ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡାଙ୍କ ଦ୍ୱାରା ଉଦଘାଟିତ ହୋଇଥିଲା। ମହିଳା ମାନଙ୍କୁ ଆତ୍ମନିର୍ଭର କରିବା ଲକ୍ଷ୍ୟରେ ସେମାନଙ୍କୁ ପ୍ରଶିକ୍ଷଣ ଦେବା, ପାରସ୍ପରିକ ସହଯୋଗ ବଢାଇବା, ଆଲୋଚନା ବୈଠକ କରାଇବା, ସମ୍ମାନର ସହ ନିଜ କାର୍ଯ୍ୟକୁ ପରିଚାଳନା କରିବାରେ ବ୍ଲକ ସୁଭଦ୍ରା ଶକ୍ତି କେନ୍ଦ୍ର ସହାୟକ ହେବ ବୋଲି ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ସୂଚନା ଦେଇଥିଲେ। ସେହିପରି ଉପ ମୁଖ୍ୟମନ୍ତ୍ରୀ ସଖି ୱାନ ଷ୍ଟପ ସେଂଟରକୁ ଏସ ସି ଏସ କଲେଜ ଠାରେ ଉଦଘାଟନ କରିଥିଲେ। ଭାରତ ସରକାର ପ୍ରଣୟନ କରିଥିବା'ସଖି' ଯାହା ୱାନ୍ ଷ୍ଟପ୍ କ୍ରାଇସିସ୍ ସେଣ୍ଟର (ଓଏସସି) ଅଟେ। ଯାହା ବ୍ୟକ୍ତିଗତ ଏବଂ ସାର୍ବଜନୀନ ସ୍ଥାନରେ, ପରିବାର, ସମ୍ପ୍ରଦାୟ ଏବଂ କର୍ମକ୍ଷେତ୍ରରେ ହିଂସା ଦ୍ୱାରା ପ୍ରଭାବିତ ମହିଳାମାନଙ୍କୁ ସମର୍ଥନ କରିବା ପାଇଁ ଉଦ୍ଦିଷ୍ଟ। ବୟସ, ବର୍ଗ, ଜାତି, ଶିକ୍ଷା ସ୍ଥିତି, ବୈବାହିକ ସ୍ଥିତି, ଜାତି ଏବଂ ସଂସ୍କୃତି ନିର୍ବିଶେଷରେ ଶାରୀରିକ, ଯୌନ, ଭାବପ୍ରବଣ, ମାନସିକ ଏବଂ ଆର୍ଥିକ ନିର୍ଯାତନାର ସମ୍ମୁଖୀନ ହେଉଥିବା ମହିଳାମାନଙ୍କୁ ସମର୍ଥନ ଏବଂ ପ୍ରତିକାର ପ୍ରଦାନର ବ୍ୟବସ୍ଥା ଏଠାରେ କରାଯାଇଥାଏ। ପୁରୀ ଜିଲ୍ଲାରେ ଏହା ୨୦୨୦ ମସିହାରୁ ନୀଳାଚଳ ସେବା ପ୍ରତିଷ୍ଠାନ କଣାସଙ୍କ ଦ୍ୱାରା ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ପରିସରରେ କାର୍ଯ୍ୟ କରୁଥିଲା। ତେବେ ସରକାରଙ୍କ ପକ୍ଷରୁ ୬୦ ଲକ୍ଷ ଟଙ୍କା ଅନୁଦାନ ମିଳିବା ପରେ ଏହା ଏସସିଏସ କଲେଜ ଠାରେ ନିଜସ୍ୱ ବିଲ୍ଡିଂ ଭାବେ ଆଜି ଉଦଘାଟିତ ହୋଇଛି। ଚଳିତ ବର୍ଷ ଫେବୃଆରୀ ୭ ତାରିଖ ସୁଦ୍ଧା ୧୨୪୯ ଟି ମାମଲା ସଖିରେ ପଞ୍ଜିକରଣ ହୋଇଛି।ଏହା ୨୪ ଘଣ୍ଟିଆ ସେବା ଦେଉଛି ଓ ହେଲ୍ପ ଲାଇନ ନମ୍ବର ୧୮୧ ସହ ଯୋଡି ହୋଇଛି ବୋଲି ସମାଜ କଲ୍ୟାଣ ଅଧିକାରୀ ଜଣାଇଥିଲେ। ଏହି କେନ୍ଦ୍ର ଦ୍ୱାରା ନିର୍ଯ୍ୟାତିତ ବା କ୍ଷତିଗ୍ରସ୍ତ ମହିଳା ମାନେ ଉପକୃତ ହେବେ ବୋଲି ଶ୍ରୀମତୀ ପରିଡା କହିଥିଲେ। ଏହି କାର୍ଯ୍ୟକ୍ରମରେ ପିପିଲି ବିଧାୟକ ଆଶ୍ରୀତ ପଟ୍ଟନାୟକ, ପୁରୀ ବିଧାୟକ ସୁନୀଲ କୁମାର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ପ୍ରମୁଖ ଯୋଗ ଦେଇଥିଲେ। ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରା ସମସ୍ତଙ୍କୁ ସ୍ୱାଗତ କରି ଥିଲେ।କାର୍ଯ୍ୟକ୍ରମରେ ଉପଖଣ୍ଡ ସୂଚନା ଅଧିକାରୀ ପ୍ରଦୀପ୍ତ କୁମାର ସେନାପତି, ସିଡିପିଓ, ସୁପରଭାଇଜର, ଅଙ୍ଗନବାଡି କର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ପ୍ରମୁଖ ଯୋଗ ଦେଇଥିଲେ।

# ଦର୍ଶକମାନଙ୍କ ମଧ୍ୟରେ ଆକର୍ଷଣର କେନ୍ଦ୍ର ପାଲଟିଲା ନ୍ୟାୟ ସଂହିତା ପ୍ରଦର୍ଶନୀ

ଭୁବନେଶ୍ୱର, ୦୯/୩ (ନି.ପ୍ର): ଭୁବନେଶ୍ୱରସ୍ଥିତ ପ୍ରଦର୍ଶନୀ ପଡ଼ିଆରେ ଓଡ଼ିଶା ପୋଲିସ ପକ୍ଷରୁ ଆୟୋଜିତ "ନ୍ୟାୟ ସଂହିତା ପ୍ରଦର୍ଶନୀ" ଦର୍ଶକମାନଙ୍କ ମଧ୍ୟରେ ଆକର୍ଷଣର କେନ୍ଦ୍ର ପାଲଟିଛି । ପ୍ରତିଦିନ ସମସ୍ତ ବର୍ଗର ବ୍ୟକ୍ତିବିଶେଷଙ୍କର ଗହଳି ଏହି ପ୍ରଦର୍ଶନୀ ପଡ଼ିଆରେ ଦେଖିବାକୁ ମିଳୁଛି। ବିଶେଷକରି ଏସଓଜି , ଓଡ୍ରାଫ ଓ ଉପକୂଳ ସୁରକ୍ଷା ବିଭାଗର ଷ୍ଟଲ ଦର୍ଶକମାନଙ୍କୁ ବେଶ ଆକର୍ଷିତ କରୁଛି।

ଏସଓଜି ଷ୍ଟଲରେ ମାଓ ଦମନ ଅଭିଯାନରେ ବ୍ୟବହୃତ ବିଭିନ୍ନ ଅସ୍ତ୍ରଶସ୍ତ୍ର ପ୍ରଦର୍ଶିତ ହେଉଥିବା ବେଳେ ଶହୀଦ ହୋଇଥିବା ବୀର ଯବାନମାନଙ୍କ ଫଟୋ ଚିତ୍ର ମଧ୍ୟ ସ୍ଥାନ ପାଇଛି । ଅଶୋକ ଚକ୍ର ଓ ସୌର୍ଯ୍ୟ ଚକ୍ର ରେ ସମ୍ମାନିତ ଶହୀଦ ବୀର ଯବାନମାନଙ୍କ ଫଟୋ ଚିତ୍ର ଦେଖି ସେମାନଙ୍କ ମାଓ ଦମନ ଅଭିଯାନ ସମ୍ପର୍କରେ ଜାଣିବାକୁ ଦର୍ଶକମାନଙ୍କ ମଧ୍ୟରେ ଆଗ୍ରହ ପରିଲକ୍ଷିତ ହେଉଛି । ଏହା ସହ ଜର୍ମାନୀ, ବୁଲଗେରିଆ, ଇସ୍ରାଏଲ, ସ୍ୱିଜର୍ଲାଣ୍ଡ, ୟୁଏସଏ, ଅଷ୍ଟ୍ରିଆ ଓ ଭାରତରେ ନିର୍ମିତ ଆଧୁନିକ ବନ୍ଧୁକ ପ୍ରଦର୍ଶିତ ହୋଇଛି। ଏହି ସମସ୍ତ ବନ୍ଧୁକ ବିଷୟରେ ଲୋକମାନେ ଆଗ୍ରହର ସହ ଜାଣୁଥିବା ସହିତ ସେଗୁଡ଼ିକ ସହ ଫଟୋ ଉଠାଉଥିବା ଦେଖାଯାଉଛି। ଏହା ସହ ଉପକୂଳ ସୁରକ୍ଷା ପକ୍ଷରୁ ମଧ୍ୟ ଏକ ସ୍ୱତନ୍ତ୍ର ଷ୍ଟଲ ପ୍ରଦର୍ଶିତ ହୋଇଛି। ସେଠାରେ ଥିବା ଉଚ୍ଚ କ୍ଷମତାସମ୍ପନ୍ନ ଡ୍ରୋନ୍ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରୁଛି। ଏହି ଡ୍ରୋନ୍ ଏକ ସମୟରେ ୧ ଘଂଟା ୨୦ ମିନିଟ ପର୍ଯ୍ୟନ୍ତ ଉଡ଼ି ପାରେ ଏବଂ ଭୂପୃଷ୍ଠରୁ ପ୍ରାୟ ୪ ହଜାର ଫୁଟ ଉଚ୍ଚତା ପର୍ଯ୍ୟନ୍ତ ଯାଇପାରେ। ଏଥିରେ ୨୫ଢ ଅପ୍ଟିକାଲ ଜୁମ ଓ ୪ଢ ଡିଜିଟାଲ ଜୁମ ସହିତ ୩୬୦ ଡିଗ୍ରୀ କ୍ୟାମେରା ସୁବିଧା ରହିଛି। ୫ରୁ ୫୫ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରାରେ କାମ କରିପାରୁଥିବା ଏହି ଡ୍ରୋନ୍ ମେରାଇନ୍ ପୋଲିସ ପାଇଁ ଗୁରୁତ୍ୱପୂର୍ଣ୍ଣ ଉପକରଣ ହୋଇପାରିଛି। ରାଜ୍ୟ ପୋଲିସ ପାଖରେ ଏହି ପ୍ରକାରର ପ୍ରାୟ ୧୦ଟି ଡ୍ରୋନ୍ ରହିଛି।

ଏହା ବ୍ୟତୀତ ଓଡ୍ରାଫ ଷ୍ଟଲ ମଧ୍ୟ ଦର୍ଶକମାନଙ୍କ ମଧ୍ୟରେ ବେଶ ଆକର୍ଷଣ ସୃଷ୍ଟି କରିଛି। ବିପର୍ଯ୍ୟୟ ସମୟରେ ଓଡ୍ରାଫ ଯବାନମାନଙ୍କ ଅସାଧାରଣ ସାହସିକତା ଓ କୌଶଳକୁ ସେଠାରେ ପ୍ରଦର୍ଶନ କରାଯାଉଛି। ଧନ ଓ ଜୀବନକୁ ସୁରକ୍ଷିତ ଭାବେ ଉଦ୍ଧାର କରିବା ପ୍ରକ୍ରିୟା, ବିଭିନ୍ନ ପ୍ରକାରର ରେସ୍କ୍ୟୁ ଉପକରଣ ଓ ପ୍ରାୟୋଗିକ ଡେମୋ ମାଧ୍ୟମରେ ସାଧାରଣ ଲୋକଙ୍କୁ ଅବଗତ କରାଯାଉଛି। ବନ୍ୟା, ବାତ୍ୟା ଓ ଅନ୍ୟାନ୍ୟ ପ୍ରାକୃତିକ ବିପର୍ଯ୍ୟୟ ସମୟରେ କିପରି ଲୋକମାନଙ୍କୁ ଦ୍ରୁତ ଉଦ୍ଧାର କରାଯାଏ ଓ ସୁରକ୍ଷିତ ରଖାଯାଏ, ସେଥିପାଇଁ ମଧ୍ୟ ଡେମୋ ପ୍ରଦର୍ଶନ କରାଯାଉଛି। ଏହି ପ୍ରଦର୍ଶନୀ ମାଧ୍ୟମରେ ସାଧାରଣ ଲୋକମାନେ ଓଡ୍ରାଫ ଯବାନମାନଙ୍କ ସାହସ, କଠୋର ପ୍ରଶିକ୍ଷଣ ଓ ବିପର୍ଯ୍ୟୟ ସମୟରେ ସେମାନଙ୍କ ଦ୍ରୁତ ଉଦ୍ଧାର କାର୍ଯ୍ୟ ସମ୍ପର୍କରେ ନିକଟରୁ ଜାଣିବାର ସୁଯୋଗ ପାଉଛନ୍ତି।

# ଏପିଏଫ ପେନସନର୍ସ ଆସୋସିଏସନ କୋରାପୁଟ ଜିଲ୍ଲା କମିଟିର ବୈଠକ

ଜୟପୁର, ୦୯/୩ (ନି.ପ୍ର): ଇପିଫ ପେନସନର୍ସ କୋରାପୁଟ ଜିଲ୍ଲା କମିଟି ର ବୈଠକ ନଳିନୀ ରଥଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇ ଯାଇଛି । ଦିଲ୍ଲୀ ର ଯନ୍ତର ମନ୍ତର ଠାରେ ଚାଲିଥିବା ଆନ୍ଦୋଳନ ଆହୁରି ବ୍ୟାପକ କରିବା ପାଇଁ ସର୍ବଭାରତୀୟ ସ୍ତରରେ ନିଷ୍ପତି ନିଆ ଯାଇଛି । ପାର୍ଲ୍ୟାମେଂଟର ଦ୍ୱିତୀୟ ପର୍ଯ୍ୟାୟ ଅଧିବେଶନ ରେ ସାଂସଦ ମାନେ ଜୋରଦାର ଦାବି କରିବା ପାଇଁ ସ୍ଥିର କରିଛନ୍ତି । ମାସିକ ନ ହଜାର ଟଙ୍କା ପେନସନ ସହ ମେଡିକାଲ ସୁବିଧା ପାଇଁ ଆନ୍ଦୋଳନ ଲଗାତାର ଜାରି ରହିବ । କୋରାପୁଟ ଜିଲ୍ଲା କମିଟି କେନ୍ଦ୍ର ସଂଗଠନ କୁ ସହଯୋଗ କରିବା ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଛି । ଆଜିର ସଭା ରେ ସର୍ବଶ୍ରୀ ପ୍ରମୋଦ ମହାନ୍ତି, ପି ଗୌରୀ ଶଙ୍କର ରାଓ, ଜି ପ୍ରସାଦ ରାଓ, ମୁଦି ନାଥ ରଥ, ବସନ୍ତ ବେହେରା ପ୍ରମୁଖ ମତାମତ ରଖିଥିଲେ । ଶେଷରେ ଶ୍ରୀ କିଶୋର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

# ରାଷ୍ଟ୍ରପତିଙ୍କ ପ୍ରତି ପଶ୍ଚିମବଙ୍ଗ ସରକାରଙ୍କ ଆଚରଣକୁ ନିନ୍ଦା କଲା 'ବିଶ୍ୱ ଓଡ଼ିଆ ପରିବାର'

ଭୁବନେଶ୍ୱର , ୦୯/୩ (ନି.ପ୍ର): ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ପ୍ରତି ପଶ୍ଚିମବଙ୍ଗ ସରକାରଙ୍କ ଆଚରଣକୁ ନେଇ ଏବେ ସବୁଠି ଅସନ୍ତୋଷ ପ୍ରକାଶ ପାଇଛି। ଏହି କ୍ରମରେ 'ବିଶ୍ୱ ଓଡ଼ିଆ ପରିବାର' ପକ୍ଷରୁ ପଶ୍ଚିମବଙ୍ଗ ସରକାରଙ୍କ ଏତାଦୃଶ ମନୋଭାବକୁ ଦୃଢ଼ ନିନ୍ଦା କରାଯାଇଛି। ବିଶ୍ୱ ଓଡ଼ିଆ ପରିବାର ଅଭିଯୋଗ କରିଛି ଯେ, ପଶ୍ଚିମବଙ୍ଗ ସରକାର ରାଷ୍ଟ୍ରପତିଙ୍କୁ ସମ୍ମାନ ଦେବା ତ ଦୂରର କଥା, ଓଲଟା ତାଙ୍କୁ ଅପମାନିତ କରିଛନ୍ତି। ରାଷ୍ଟ୍ରପତିଙ୍କ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମରେ ପଶ୍ଚିମବଙ୍ଗ ସରକାରଙ୍କ କୌଣସି ପ୍ରତିନିଧି ବା ମନ୍ତ୍ରୀ ଯୋଗ ନଦେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଏହି ଘଟଣା କେବଳ ଜଣେ ବ୍ୟକ୍ତିଙ୍କ ପ୍ରତି ନୁହେଁ, ବରଂ ସମଗ୍ର ଦେଶ ଓ ନାରୀ ସମାଜ ପାଇଁ ଏକ ନିନ୍ଦନୀୟ ବିଷୟ ବୋଲି ସଂଗଠନ ପ୍ରକାଶ କରିଛି। ଏପରି ଆଚରଣକୁ ସବୁ ରାଜନୈତିକ ଦଳ ନିର୍ବିଶେଷରେ ନିନ୍ଦା କରିବା ଉଚିତ ବୋଲି ମତ ପ୍ରକାଶ ପାଇଛି। 'ଦେଶର ସର୍ବୋଚ୍ଚ ସାମ୍ବିଧାନିକ ପଦବୀରେ ଥିବା ଜଣେ ମହିଳା ତଥା ଓଡ଼ିଶାର ଗର୍ବ ଓ ଗୌରବଙ୍କ ପ୍ରତି ଏପରି ଅବହେଳା ଅସହ୍ୟ।' - ବିଶ୍ୱ ଓଡ଼ିଆ ପରିବାର ବିଶ୍ୱ ଓଡ଼ିଆ ଦିବସ ପାଇଁ ଆହ୍ୱାନ ଆଗକୁ 'ବିଶ୍ୱ ଓଡ଼ିଆ ଦିବସ' ପାଳନ କରାଯିବାକୁ ଥିବାବେଳେ, ଓଡ଼ିଆ ଅସ୍ମିତା ଓ ସମ୍ମାନକୁ ନେଇ ଏହି ଘଟଣା ଏକ ବଡ଼ ପ୍ରସଙ୍ଗ ପାଲଟିଛି। ଓଡ଼ିଆ ଜାତିର ଗର୍ବ ରାଷ୍ଟ୍ରପତିଙ୍କୁ ହେଉଥିବା ଅସମ୍ମାନ ବିରୋଧରେ ସ୍ୱର ଉତ୍ତୋଳନ କରିବା ପାଇଁ ବିଶ୍ୱ ଓଡ଼ିଆ ପରିବାର ସମସ୍ତ ଓଡ଼ିଆଙ୍କୁ ଏକଜୁଟ ହେବାକୁ ଆହ୍ୱାନ ଦେଇଛି। ବିଶ୍ୱ ଓଡ଼ିଆ ଦିବସ ଅବସରରେ ଓଡ଼ିଆ ସଂସ୍କୃତି ଓ ସ୍ୱାଭିମାନର ସୁରକ୍ଷା ପାଇଁ ସଂକଳ୍ପ ନେବାକୁ ସଂଗଠନ ପକ୍ଷରୁ କୁହାଯାଇଛି।

# ପ୍ରବାସୀ ଓଡ଼ିଆ ସମାଜର ବିକାଶ ପାଇଁ ଓଡ଼ିଶା ସରକାର ସଂକଳ୍ପବଦ୍ଧ : ସଂସ୍କୃତି ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ

ଭୁବନେଶ୍ୱର, ୦୯/୩ (ନି.ପ୍ର): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ପ୍ରଥମ ଥର ଆୟୋଜିତ ହୋଇଛି ଓଡ଼ିଶା ଉତ୍ସବ। କୋଲକାତା ସ୍ଥିତ ନ୍ୟାସନାଲ ଲାଇବ୍ରେରୀ ଅଡ଼ିଟୋରିୟମ୍ ଠାରେ ଆଜି 'ଓଡ଼ିଶା ଉତ୍ସବ' କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଆଜିର କାର୍ଯ୍ୟକ୍ରମରେ ସଂସ୍କୃତି ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ନିଜର ଅଭିଭାଷଣରେ ମନ୍ତ୍ରୀ ଶ୍ରୀ ସୂରଜ କହିଥିଲେ ଯେ, 'ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ପ୍ରଥମ ଥର ପାଇଁ ପ୍ରବାସୀ ଓଡ଼ିଆମାନଙ୍କ ପାଇଁ ଓଡ଼ିଶା ଉତ୍ସବ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଓଡ଼ିଶାର ସମୃଦ୍ଧ କଳା, ସାହିତ୍ୟ, ଐତିହ୍ୟ ଓ ସଂସ୍କୃତିର ବହୁଳ ପ୍ରଚାର ଓ ପ୍ରସାର ଦିଗରେ ଆମ ପ୍ରବାସୀ ଓଡ଼ିଆମାନେ ଏକ ପ୍ରମୁଖ ଭୂମିକା ନିର୍ବାହ କରୁଛନ୍ତି। ଆଜି ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ସମସ୍ତ ପ୍ରବାସୀ ଓଡ଼ିଆ ମାତୃଶକ୍ତିଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି। ଓଡ଼ିଆ ଘରର ପରମ୍ପରାକୁ ଉଜ୍ଜୀବିତ କରି ରଖିବା ସହ ଏହାକୁ ବିଶ୍ୱବିଦିତ କରିବା ଦିଗରେ ଆମ ମାତୃଶକ୍ତିର ଭୂମିକା ଅଗ୍ରଗଣ୍ୟ। ପ୍ରବାସୀ ଓଡ଼ିଆ ଭାଇ ଓ ଭଉଣୀମାନଙ୍କୁ ଓଡ଼ିଶାର ସାଂସ୍କୃତିକ ରାଜଦୂତ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ। ଆମ ପ୍ରବାସୀ ଓଡ଼ିଆ ଭାଇ ଓ ଭଉଣୀମାନେ ଓଡ଼ିଶା ବାହାରେ ରହୁଛନ୍ତି ସତ, କିନ୍ତୁ ଓଡ଼ିଆମାନଙ୍କ ଭିତରୁ ଓଡ଼ିଶାକୁ କେହି କାଢ଼ି ପାରିବେ ନାହିଁ। ତେଣୁ ବିକଶିତ ଓଡ଼ିଶା-୨୦୩୬ ନିର୍ମାଣରେ ପ୍ରବାସୀ ଓଡ଼ିଆମାନଙ୍କ ଯୋଗଦାନ ଏକାନ୍ତକାମ୍ୟ।' ସେ ଆହୁରି ମଧ୍ୟ କହିଥିଲେ ଯେ, 'ପ୍ରବାସୀ ଓଡ଼ିଆମାନଙ୍କୁ ସମସ୍ତ ପ୍ରକାର ସହାୟତା ପ୍ରଦାନ କରିବା ପାଇଁ ଓଡ଼ିଶା ସରକାରଙ୍କ ସଂସ୍କୃତି ବିଭାଗ ଅଧିନସ୍ଥ ଓଡ଼ିଶା ପରିବାର ନିର୍ଦ୍ଦେଶାଳୟ ନିରନ୍ତର ଭାବେ ନିଜର କାର୍ଯ୍ୟ କରିଆସୁଛି। ପ୍ରବାସୀ ଓଡ଼ିଆ ସମାଜର ବିକାଶ ପାଇଁ ଓଡ଼ିଶା ସରକାର ସଂକଳ୍ପବଦ୍ଧ' ବୋଲି ସଂସ୍କୃତି ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି। ଆଜିର କାର୍ଯ୍ୟକ୍ରମରେ ମନ୍ତ୍ରୀ ଶ୍ରୀ ସୂରଜ ପ୍ରବାସୀ ଓଡ଼ିଆ ସାହିତ୍ୟିକ ଓ ପ୍ରବାସୀ ଓଡ଼ିଆ ଅନୁଷ୍ଠାନମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଓଡ଼ିଶା ଉତ୍ସବରେ ଓଡ଼ିଶାର ଲୋକକଳା, ସମୃଦ୍ଧ ଐତିହ୍ୟ ଓ ପରମ୍ପରା, ପାରମ୍ପରିକ ଖାଦ୍ୟ, ହସ୍ତତନ୍ତ, ହସ୍ତଶିଳ୍ପ ସାମଗ୍ରୀ ଆଦିକୁ ପ୍ରଦର୍ଶିତ କରାଯାଇଥିଲା। ଏଥିସହ ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନର କଳାକାରମାନେ ଓଡ଼ିଶୀ, ସାହିଯାତ, ଛଉ, ଘୁମୁରା, ଢେମସା, ପଶୁମୁଖା, ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ। ଆଜିର କାର୍ଯ୍ୟକ୍ରମରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସଚିବ ଡ଼ା. ବିଜୟ କେତନ ଉପାଧ୍ୟାୟ, ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଡ଼. ଚନ୍ଦ୍ର ଶେଖର ହୋତା, ଉତ୍କଳୀୟ ମିଳିତ ମଞ୍ଚର ସଭାପତି ଶ୍ରୀ ରବି ନାରାୟଣ ମହାପାତ୍ର, ସାଧାରଣ ସଂପାଦକ, ଶିକ୍ଷା ସମୂହ, ଉତ୍କଳୀୟ ମିଳିତ ମଞ୍ଚ ଶ୍ରୀ ବିଜୟ କୁମାର ବାରିକ, ଅଧକ୍ଷ, ଶିକ୍ଷା ସମୂହ, ଉତ୍କଳୀୟ ମିଳିତ ମଞ୍ଚ ଶ୍ରୀ କ୍ଷୀରୋଧ କୁମାର ଧଳ, ବିଭିନ୍ନ ପ୍ରବାସୀ ଓଡ଼ିଆ ସମାଜର ସଦସ୍ୟ ଓ ସଦସ୍ୟାମାନେ ଉପସ୍ଥିତ ଥିଲେ।

# ୧୯୮୮ ମସିହା ବ୍ୟାଚ୍ ପକ୍ଷରୁ ଗୁରୁପୂଜନ ଓ ବନ୍ଧୁମିଳନ କାର୍ଯ୍ୟକ୍ରମ

ଭଦ୍ରକ, ୦୯/୩ (ନି.ପ୍ର): ଭଦ୍ରକ ଜିଲ୍ଲା ରକ୍ତ ସଂଗଠନ ଚାରିଟେବୁଲ ଟ୍ରଷ୍ଟ ଓଡ଼ିଶା ପରିବାର ତରଫରୁ ସମାଜ ମଙ୍ଗଳ ହୁଣ୍ଡିଦାନ ଭଦ୍ରକ ଶାଖା ରୁ ଅସହାୟ ଗରିବ କର୍କଟ ପୀଡ଼ିତ ପାଇଁ ସହାୟତା ମଠଡିହ ନୋଡାଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୧୯୮୮ ମସିହା ବ୍ୟାଚ୍ ତରଫରୁ ଗୁରୁପୂଜନ ଓ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଆମ ଭଦ୍ରକ ଜିଲ୍ଲା ରକ୍ତ ସଂଗଠନ ଚାରିଟେବୁଲ ଟ୍ରଷ୍ଟ ଓଡ଼ିଶା ର ସଭାପତି ମିଥୁନ ଜେନାଙ୍କ ନେତୃତ୍ୱରେ ଓ ନବଜୀବନ ଫାଉଣ୍ଡେସନ ଓଡ଼ିଶା ଶାଖା ପକ୍ଷରୁ ୧୯୮୮ ବ୍ୟାଚ୍ ର ବନ୍ଧୁ ମାନେ କର୍କଟ ପୀଡ଼ିତାଙ୍କୁ ସହାୟତା ପ୍ରଦାନ କରିଥିଲେ। ଏବଂ ଏଥିସହ ସମସ୍ତ ପୂର୍ବତନ ଶିକ୍ଷକ ମହେନ୍ଦ୍ର ପଣ୍ଡା,ରକ୍ଷାକର ବିଶ୍ୱାସ,ଦୟାନିଧି ମିଶ୍ର, ବୈକୁଣ୍ଠ ବିଶ୍ୱାଳ,ରାହାସ ବିହାରି ନାୟକ, କହ୍ନେଇ ଚରଣ ବ ି ଳ । ସ , ଭ । ର ି ର ଥ୍ ନାୟକ,ଦୁର୍ଯ୍ୟୋଧନ ନାୟକ,ପ୍ରଧାନ ଶିକ୍ଷୟତ୍ରୀ ବନିତା ପୃଷ୍ଟି ସାମାଜିକ ପ୍ରମୁଖ ଅତିଥି ଏବଂ ଅନୁଷ୍ଠାନ ର ସଦସ୍ୟ ଓ ସଦସ୍ୟା ମାନେ ଉପସ୍ଥିତ ଥିଲେ । ସହଯୋଗ କର୍ମୀ ମାନସୀ ନାୟକ,ଦିଲ୍ଲୀପ ଶେଖର ନାୟକ,ଦୀପ୍ତି ରଞ୍ଜନ ବିଶ୍ୱାଳ,ଏଲିଲତା ନାୟକ, ଆକାଶ ଦାସ, ସଲେନ୍ଦ୍ର ନାୟକ,ମଧୁସ୍ମିତା ପଲାଇ,ଅକ୍ଷୟ ବାରିକ୍,ଦୀପକ ମଲ୍ଲିକ ଉପସ୍ଥିତ ରହି ସାହାଯ୍ୟ କରିଥିଲେ।

## ଶ୍ରୀଖଣ୍ଡ ପର୍ବତ



ଅଙ୍ଗିରା ବା ଅଙ୍ଗୀରସ ମୁନି ବ୍ରହ୍ମାଙ୍କର ମାନସ ସନ୍ତାନମାନଙ୍କ ମଧ୍ୟରୁ ଅନ୍ୟତମ। କୂର୍ମ ପୁରାଣ ଅନୁସାରେ ସେ ବ୍ରହ୍ମାଙ୍କର ମସ୍ତିଷ୍କରୁ ଜାତ ହୋଇଥିଲେ। ସେ ସପ୍ତରଷିଙ୍କର ଅନ୍ତର୍ଗତ। ସେ 'ଅଙ୍ଗୀରସ ସଂହିତା' ନାମକ ଏକ ଗ୍ରନ୍ଥର ପ୍ରଣେତା। ଏହି ଋଷିଙ୍କର ସାତ ପ୍ରଭାମୟ ପୁତ୍ର ଥିଲେ, ଯେଉଁମାନଙ୍କ ମଧ୍ୟରୁ ଦେବଗୁରୁ ବୃହସ୍ପତି ଜଣେ। ତାହାଙ୍କଠାରୁ ବିଭିନ୍ନ ଅଗ୍ନିମାନ ସଂଜାତ ହୋଇଥିଲେ। ସଂସାରରେ ସେ ଦ୍ୱିତୀୟ ଅଗ୍ନି ଭାବରେ ଖ୍ୟାତ। ପ୍ରାଚୀନ କାଳର କଥା। ମହାଭାଗ ଅଙ୍ଗିରା ଏକଦା କଠୋର ତପସ୍ୟା କରିବା ଆରମ୍ଭ କଲେ। ସେହି ତପଶ୍ଚରଣରେ ସେ ସଫଳ ମଧ୍ୟ ହେଲେ। ସେହି ସମୟରେ କୌଣସି କାରଣରୁ ଅଗ୍ନିଦେବ ଜଳ ମଧ୍ୟରେ ରହି ତପସ୍ୟା କରି ଅତ୍ୟନ୍ତ କ୍ଷୀଣ ଓ ପ୍ରଭାହୀନ ହୋଇଯାଇଥିଲେ। ସ୍ୱୟଂ ତେଜୋମୟ ହୋଇ ମଧ୍ୟ ଅଙ୍ଗିରାମୁନିଙ୍କ ତାପରେ ସେ ଅତ୍ୟନ୍ତ ସନ୍ତାପିତ ହୋଇପଡ଼ିଲେ। ତାଙ୍କର ଶରୀର ମଳିନ ହୋଇଗଲା। କିନ୍ତୁ ଏହାର କାରଣ ଜାଣି ନ ପାରିବାରୁ ସେ ମନେ ମନେ ଚିନ୍ତା କଲେ- ଦୀର୍ଘ ସମୟ ଅନୁପସ୍ଥିତ ରହିବାରୁ ବ୍ରହ୍ମା ବୋଧହୁଏ କୌଣସି ଦ୍ୱିତୀୟ ଅଗ୍ନି ନିର୍ମାଣ କରିଛନ୍ତି। ତପସ୍ୟା ହେତୁ ମୋର ଅଙ୍ଗ କ୍ଷୀଣ ଓ ନିଷ୍ପ୍ରଭ ହୋଇଯାଇଛି। କିପରି ପୁଣି ମୁଁ ମୋର ପୂର୍ବରୂପ ଫେରି ପାଇବି? ରାମକଥା ଅନୁସାରେ, ଭଗବାନ ରାମଚନ୍ଦ୍ର ଅଙ୍ଗିରା ମୁନିଙ୍କୁ ସାକ୍ଷାତ କରିବା ପାଇଁ ଏଠାକୁ ଆସିଥିଲେ। ବନବାସ କାଳରେ ସେ ଏଠାରେ କିଛିଦିନ ଅତିବାହିତ କରିଥିଲେ। ଏଠାରେ ସପ୍ତରଷି- ମୁଚୁକୁନ୍ଦ, ଅଗସ୍ତ୍ୟ, ଅଙ୍ଗିରା, ଶୃଙ୍ଗୀ, କଂକର, ଶରଭଙ୍ଗ ଓ ଗୌତମଙ୍କ ଆଶ୍ରମ ଥିଲା। ଏହି ପର୍ବତର ଶିଖର ଦେଶରେ ଋଷି ଅଙ୍ଗିରାଙ୍କର ଏକ ପ୍ରତିମୂର୍ତ୍ତି ରହିଛି। ପର୍ବତ ପାଦତଳେ ଏକ ଯଜ୍ଞଶାଳା ରହିଛି, ଯେଉଁଠି ଅଙ୍ଗିରାଙ୍କର ଚିମୁଟା ଓ ତ୍ରିଶୂଳ ପୂଜା ପାଉଛି। ପର୍ବତ ଶିଖରର ଏକ ଶିଳା ଉପରେ ଏକ ପଦଚିହ୍ନ ଅଙ୍କିତ। ତାହାକୁ ଭଗବାନ ରାମଙ୍କର ପାଦଚିହ୍ନ ବୋଲି କୁହାଯାଏ। ଏହିପରି ଚିନ୍ତାକରି ଇତସ୍ତତଃ ହୋଇ ବୁଲୁବୁଲୁ ଅଙ୍ଗିରା ମୁନିଙ୍କ ସହିତ ଅଗ୍ନିଙ୍କର ସାକ୍ଷାତ ହେଲା। ସେ ଦେଖିଲେ, ମୁନି ଅଙ୍ଗିରା ଅଗ୍ନିସମାନ ପ୍ରକାଶିତ ହୋଇ ସମଗ୍ର ଜଗତକୁ ଉତ୍ତାପ ପ୍ରଦାନ କରୁଛନ୍ତି। ଏହା ଦେଖି ଅଗ୍ନି ମୁନି ଅଙ୍ଗିରାଙ୍କ ନିକଟକୁ ଆସି ତାଙ୍କୁ ଲୋକପାବନ ଅଗ୍ନିଙ୍କ ପଦରେ ପ୍ରତିଷ୍ଠିତ ହେବାକୁ ଅନୁରୋଧ କଲେ। ଏହାକୁ ମହାମୁନି ଅଙ୍ଗିରା ଅସ୍ୱୀକାର କରିବା ସହିତ ଅଗ୍ନିଙ୍କୁ ନିଜ ପଦରେ ରହିବାକୁ ଏବଂ ତାଙ୍କୁ ପୁତ୍ର ରୂପେ ଗ୍ରହଣ କରିବାକୁ ଅନୁରୋଧ କଲେ। ସେ ଯଜ୍ଞହବି ଅଗ୍ନିଙ୍କ ନିକଟରେ ପହଞ୍ଚାଇ ତାଙ୍କୁ ପୁନଶ୍ଚ ପ୍ରଭାଯୁକ୍ତ କଲେ। ଏହା ପଞ୍ଚାଗ୍ନି ନାମରେ ବିଖ୍ୟାତ ହେଲା।

ଏହି କୀର୍ତ୍ତିମାନ ତପସ୍ୱୀଙ୍କର ଆଶ୍ରମ ଛତିଶଗଡ଼ର ଧମତେରୀ ଜିଲାର ସିହବା ପର୍ବତରେ ରହିଛି। ପ୍ରାଚୀନ କାଳରେ ତାହା ଶ୍ରୀଖଣ୍ଡ ପର୍ବତ ନାମରେ ପ୍ରଖ୍ୟାତ ଥିଲା। ଏହି ପର୍ବତ ମହାନଦୀର ଉଦ୍‌ଗମ ସ୍ଥଳ। ରାମକଥା ଅନୁସାରେ, ଭଗବାନ ରାମଚନ୍ଦ୍ର ଅଙ୍ଗିରା ମୁନିଙ୍କୁ ସାକ୍ଷାତ କରିବା ପାଇଁ ଏଠାକୁ ଆସିଥିଲେ। ବନବାସ କାଳରେ ସେ ଏଠାରେ କିଛିଦିନ ଅତିବାହିତ କରିଥିଲେ। ଏଠାରେ ସପ୍ତରଷି- ମୁଚୁକୁନ୍ଦ, ଅଗସ୍ତ୍ୟ, ଅଙ୍ଗିରା, ଶୃଙ୍ଗୀ, କଂକର, ଶରଭଙ୍ଗ ଓ ଗୌତମଙ୍କ ଆଶ୍ରମ ଥିଲା।

ଏହି ପର୍ବତର ଶିଖର ଦେଶରେ ଋଷି ଅଙ୍ଗିରାଙ୍କର ଏକ ପ୍ରତିମୂର୍ତ୍ତି ରହିଛି। ପର୍ବତ ପାଦତଳେ ଏକ ଯଜ୍ଞଶାଳା ରହିଛି, ଯେଉଁଠି ଅଙ୍ଗିରାଙ୍କର ଚିମୁଟା ଓ ତ୍ରିଶୂଳ ପୂଜା ପାଉଛି। ପର୍ବତ ଶିଖରର ଏକ ଶିଳା ଉପରେ ଏକ ପଦଚିହ୍ନ ଅଙ୍କିତ। ତାହାକୁ ଭଗବାନ ରାମଙ୍କର ପଦଚିହ୍ନ ବୋଲି କୁହାଯାଏ। ପର୍ବତ ମଧ୍ୟରେ ସାତରୁ ଅଧିକ ଗୁମ୍ଫା ରହିଛି। ଗୋଟିଏ ଗୁମ୍ଫାରେ ସର୍ବଦା ପ୍ରଦୀପ ପ୍ରଜ୍ୱଳିତ ରହିଛି। ପର୍ବତର ପାଦଦେଶରେ ସୀତାନଦୀ ପ୍ରବାହିତ। ଛତିଶଗଡ଼ ସରକାର ସଂପ୍ରତି ରାମ ଗମନ ପଥ ପରିକ୍ରମା ବିକାଶ ଯୋଜନାରେ ଏହି ପର୍ବତକୁ ଅନ୍ତର୍ଭୁକ୍ତ କରି ଏହି ସ୍ଥାନର ବିକାଶ ପାଇଁ ଧ୍ୟାନ ଦେଉଛନ୍ତି।

## ଚା' ସହିତ ଖାଉଛନ୍ତି କି ଏହି ୫ ଜିନିଷ, ଆଜି ହିଁ ଛାଡନ୍ତୁ; ନଚେତ ହେଇପାରେ ଏମିତି ଅବସ୍ଥା

**ଆଜିକାଲି ପ୍ରାୟ ସମସ୍ତେ ଚା' ପ୍ରିୟ। ଯଦି ଚା ସହିତ କିଛି ଖାଇବାକୁ ମିଳିଗଲା ତେବେ କଥା ସରିଲା। କିନ୍ତୁ ଏମିତି କିଛି ଖାଦ୍ୟ ଅଛି ଯାହାକୁ ଚା' ସହିତ ଖାଇବା ଉଚିତ ନୁହେଁ। ଡାକ୍ତରଙ୍କ ଅନୁଯାୟୀ ଏହା ଅନେକ ପେଟ ଏବଂ ହୃଦୟ ସମ୍ବନ୍ଧୀୟ ରୋଗ ସୃଷ୍ଟି କରିପାରେ। ଆଜିକାଲି ପ୍ରାୟ ସମସ୍ତେ ଚା' ପ୍ରିୟ। ଯଦି ଚା ସହିତ କିଛି ଖାଇବାକୁ ମିଳିଗଲା ତେବେ କଥା ସରିଲା। କିନ୍ତୁ ଏମିତି କିଛି ଖାଦ୍ୟ ଅଛି ଯାହାକୁ ଚା' ସହିତ ଖାଇବା ଉଚିତ ନୁହେଁ। ଡାକ୍ତରଙ୍କ ଅନୁଯାୟୀ ଏହା ଅନେକ ପେଟ ଏବଂ ହୃଦୟ ସମ୍ବନ୍ଧୀୟ ରୋଗ ସୃଷ୍ଟି କରିପାରେ।**







*ସିଝା ଅଣ୍ଡା:*
ଅନେକ ଲୋକ ଚା ସହିତ ଅଣ୍ଡା ଖାଇବାକୁ ପସନ୍ଦ କରନ୍ତି। ଯଦି ଆପଣ ମଧ୍ୟ ସେମାନଙ୍କ ମଧ୍ୟରେ ଅଛନ୍ତି ତେବେ ଟିକେ ସତର୍କ ରୁହନ୍ତୁ। କାରଣ ସିଝା ଅଣ୍ଡା ଖାଇବା ଦ୍ୱାରା ହଜମ ସମ୍ବନ୍ଧୀୟ ସମସ୍ୟା ହୋଇପାରେ। ତେବେ ବ୍ରେକଫାଷ୍ଟ ଭାବରେ ଆପଣ ଓମଲେଟ୍ କିମ୍ବା ସାଣ୍ଡୱିଚ୍ ଖାଇପାରିବେ।

*ପକୋଡି:*
ବର୍ଷା ସମୟରେ ଅଧିକାଂଶ ଲୋକ ଚା' ସହିତ ପକୋଡି ଖାଇବାକୁ ପସନ୍ଦ କରନ୍ତି। ବେସନରୁ ପ୍ରସ୍ତୁତ ପକୋଡି, କଟ୍ ?ଲେଟ୍ ଏବଂ ଆଳୁଚପ୍ ଆଦି ସ୍ୱାଦିଷ୍ଟ ହୋଇପାରେ, କିନ୍ତୁ ଏହା ହଜମ ପ୍ରକ୍ରିୟାକୁ ଦୁର୍ବଳ କରିପାରେ। ତେବେ ଚା' ସହିତ ମିଶିଗଲେ ଏଥିରେ ଥିବା ପୋଷକ ତତ୍ତ୍ୱ ପେଟ ସମ୍ବନ୍ଧୀୟ ରୋଗକୁ ବଢେଇଦେଇପାରେ।

*ପାଣି:*
ଚା' ସହିତ ପାଣି ପିଇବା ମଧ୍ୟ ଶରୀର ପାଇଁ କ୍ଷତିକାରକ ବୋଲି ବିବେଚନା କରାଯାଏ। ହଜମ ପ୍ରକ୍ରିୟା ଉପରେ ଏହାର ଖରାପ ପ୍ରଭାବ ପଡିଥାଏ ଏବଂ ବଦହଜମୀ, ଖଟା ହେକୁଟି ଏବଂ ଏସିଡିଟି ଭଳି ସମସ୍ୟା ବଢିଥାଏ।




*ଲୁଣି ଖାଦ୍ୟ:*
ବର୍ତ୍ତମାନ ଆପଣ କହିବେ ଚା ସହିତ ଲୁଣି ଖାଦ୍ୟ ଖାଇବାରେ ଅସୁବିଧା କ'ଣ? ଅନେକ ପ୍ରକାରର ଲୁଣି ଜିନିଷ ଚା' ସହିତ ପ୍ରତିକ୍ରିୟା ସୃଷ୍ଟି କରେ। ହଜମକୁ ନଷ୍ଟ କରିପାରେ। ଚା'ରେ ମିଳୁଥିବା ଟେନିନ୍ ଲୁଣି ଖାଦ୍ୟରୁ ମିଳୁଥିବା ପୋଷକ ତତ୍ତ୍ୱକୁ ନଷ୍ଟ କରିଦିଏ। ଯେଉଁଥିପାଇଁ ଲାଭ ବଦଳରେ ଶରୀର ପାଇଁ କ୍ଷତି ପାଇଥାଏ।



*ଲେମ୍ବୁ:*
ଅନେକ ଖାଦ୍ୟ ସାମଗ୍ରୀର ସ୍ୱାଦ ବଢାଇବା ପାଇଁ, ଲୋକମାନେ ଏଥିରେ ଲେମ୍ବୁ ମିଶାଇ ଏହାକୁ ଚା ସହିତ ବଡ ମଜାରେ ଖାଆନ୍ତି। ଏହା କରିବା ଦ୍ୱାରା ଲେମ୍ବୁରେ ଥିବା ଅମ୍ଳୀୟ ଉପାଦାନଗୁଡ଼ିକ ପେଟରେ ଏସିଡ୍ ସମସ୍ୟା ସୃଷ୍ଟି କରିପାରେ। ଏହା ପେଟ ଦରଜ ଏବଂ ହୃଦଘାତ ଭଳି ସମସ୍ୟାକୁ ବଢାଇପାରେ।

## ଗରମ ଭାତ ସହ ଖାଆନ୍ତୁ ଭାକୁର ମାଛ ପୋସ୍ତ



ଅଧିକାଂଶ ଲୋକଙ୍କୁ ମାଛ ଖାଇବା ବେଶ୍ ଭଲ ଲାଗେ। ମାଛକୁ ବିଭିନ୍ନ ପ୍ରକାରର ରୋଷେଇ କରି ସମସ୍ତେ ଖାଆନ୍ତି। କିଏ ମାଛକୁ ତେଲରେ ଡିପ୍ ଫ୍ରାଏ କରି ଖାଏ ତ ଆଉ କିଏ ତରକାରୀ କରି। କେବେ ଭାକୁର ମାଛ ପୋସ୍ତ ବନାଇ ଖାଇଛନ୍ତି? ଆସନ୍ତୁ ଜାଣିବା କିପରି ତିଆରି କରିବା ଭାକୁର ମାଛ ପୋସ୍ତ।

ଆବଶ୍ୟକ ସାମଗ୍ରୀ: ଭାକୁର ମାଛ, ଏକ ଚାମଚ ହଳଦୀ ଗୁଣ୍ଡ, ୩ରୁ ୪ଟି କଞ୍ଚା ଲଙ୍କା, ଏକ କପ୍ ପୋସ୍ତ ବଟା, ୩ରୁ ୪ଟି କଟା ପିଆଜ ତେଲ ଏକ କପ୍, ଲୁଣ ସ୍ୱାଦ ଅନୁସାରେ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ରୋହି ମାଛରେ ଲୁଣ ଓ ହଳଦୀ ଗୁଣ୍ଡ ଗୋଳାଇ ଗରମ ତେଲରେ ଅଳ୍ପ ଛାଣି ରଖନ୍ତୁ। ଏହାପରେ ପ୍ୟାନ୍‌ରେ ତେଲ ଗରମ କରି ସଥିରେ ଜିରା, କଟା ପିଆଜ, କଞ୍ଚା ଲଙ୍କା ଓ ଗୋଟା ରସୁଣ ପାଖୁଡା ପକାଇ ଭାଜନ୍ତୁ। ଏ ସବୁ ଭାଜି ହେବା ପରେ ଛଣା ମାଛକୁ ସେଥିରେ ପକାଇ ତା'ପରେ କଟା ଟମାଟ ଓ ଲୁଣ ପକାଇ ଭାଜନ୍ତୁ। ପରେ ଏଥିରେ ପୋସ୍ତ ବଟାକୁ ପକାଇ କିଛି ସମୟ କଷନ୍ତୁ। ଏହାପରେ ସେଥିରେ ଅଳ୍ପ ପାଣି ଓ ସ୍ୱାଦ ଅନୁସାରେ ଲୁଣ ଦେଇ ଘୋଡାଇ ଦିଅନ୍ତୁ। ଦୁଇରୁ ତିନି ମିନିଟ୍ ପରେ ପ୍ରସ୍ତୁତ ହୋଇଯିବ ଭାକୁର ମାଛ ପୋସ୍ତ।

## ନିରାମିଷ ନୁହେଁ 'ଅଞ୍ଜିର' ହେଉଛି ଆମିଷ ଫଳ: ଜାଣନ୍ତୁ ଏହା ପଛର ସତ...





ଯେତେବେଳେ ବି ନିରାମିଷ ଖାଦ୍ୟ କଥା ଆସେ, ସେ ସମୟରେ ଫଳଗୁଡ଼ିକୁ ପ୍ରଥମ ପ୍ରାଥମିକତା ଦିଆଯାଏ । ସାଧାରଣତଃ ଫଳଗୁଡିକୁ ନିରାମିଷ ଭାବରେ ବିବେଚନା କରାଯାଏ । ତେଣୁ ଶାକାହାରୀମାନେ ଅନ୍ଧ ଭାବରେ ସେମାନଙ୍କ ଖାଦ୍ୟରେ ଫଳଗୁଡିକ ଅନ୍ତର୍ଭୁକ୍ତ କରଥାନ୍ତି । କିନ୍ତୁ ଯଦି ଆମେ ଆପଣଙ୍କୁ କହିବୁ କି ସମସ୍ତ ଫଳଗୁଡ଼ିକ ନିରାମିଷ ନୁହେଁ । ତେବେ ଆପଣ ଏହାକୁ ବିଶ୍ୱାସ କରିବେ କି ? ଯଦି ଆପଣ ସମସ୍ତ ଫଳକୁ ନିରାମିଷ ବୋଲି ମଧ୍ୟ ଭାବନ୍ତି, ତେବେ ଆଜି ଆମେ ଏହି ଆର୍ଟିକିଲରେ ଆପଣଙ୍କର ଏହି ଭୁଲ ଧାରଣାକୁ ଦୂର କରିବୁ । ସମସ୍ତେ ନିଶ୍ଚିତ ଭାବରେ ଅଞ୍ଜିରର ନାମ ଶୁଣିଥିବେ । ଯାହା ଇଂରାଜୀରେ ଫିଗ୍ସ କୁହନ୍ତି । ଏହା ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଲାଭଦାୟକ ଏବଂ ଏହାକୁ ଖାଇବା ଦ୍ୱାରା ଅନେକ ସମସ୍ୟା ଉପଶମ ହୋଇଥାଏ । ସାଧାରଣତଃ ଏହାକୁ ନିରାମିଷ ଭାବରେ ବିବେଚନା କରାଯାଏ କାରଣ ଏହା ଫଳ ବର୍ଗରେ ରହିଥାଏ । କିନ୍ତୁ ଆପଣ ଜାଣନ୍ତି କି ରସଶସ୍ୱ ଖାଇବା ଦ୍ୱାରା ଆପଣ ଏକ ମାଂସାହାରୀ ହୋଇପାରିବେ । ତେବେ ଆପଣଙ୍କ ମନରେ ପ୍ରଶ୍ନ ଆସୁଥିବା ଏହା କେମିତି ସମ୍ଭବ । ତେବେ ଆସନ୍ତୁ ଜାଣିବା ଲସଶସ୍ୱ ଖାଇଲେ ଆପଣ କିପରି ମାଂସାହାରୀ ହୋଇପାରିବେ। ମିଠା ଏବଂ ସ୍ୱାଦିଷ୍ଟ ଅଞ୍ଜିରକୁ ଏକ ଆମିଷ ଫଳ ଭାବରେ ବିବେଚନା କରାଯିବାର କାରଣ ହେଉଛି ଏହାର ପରାଗଣ ପ୍ରକ୍ରିୟ । ବାସ୍ତବରେ, ଅଞ୍ଜିରରେ ପରାଗଣ ପାଇଁ ବିରୁଡ଼ି ପ୍ରଜାତିର ଛୋଟ ଛୋଟ କୀଟ ଉପରେ ନିର୍ଭର କରେ । ଏହି କୀଟ ଛୋଟ ଛୋଟ ଗର୍ତ୍ତ ଦେଇ ଫଳ ମଧ୍ୟକୁ ପ୍ରବେଶ କରିଥାଏ । ଅଞ୍ଜିରର ଫୁଲ ଫଳ ଭିତରେ ଅଛି ଏବଂ ତେଣୁ ପରାଗଣ ପ୍ରକ୍ରିୟା ପାଇଁ ବିରୁଡ଼ି ପ୍ରଜାତିର ଛୋଟ ଛୋଟ କୀଟକୁ ଫଳ ଭିତରକୁ ଯିବାକୁ ପଡେ । ଯେତେବେଳେ ଏହି କୀଟ ଫଳ ଭିତରେ ଥାଏ, ସେ ସମୟରେ ସେମାନେ ଅଣ୍ଡା ଦେଇଥାନ୍ତି । ଏହାପରେ ପରାଗ ଅଞ୍ଜିରର ଫୁଲକୁ ଟ୍ରାନ୍ସଫର ହୋଇଥାଏ । ଏହାପରେ ଅଣ୍ଡାହୀନ ମହିଳା କୀଟ ଇନ୍ୟୁବେଡ୍ କରେ ଓ ପରେ ଅଞ୍ଜିର ଭିତରେ ମରିଯାଏ । ଯାହାକୁ ଅଞ୍ଜିରରେ ଥିବା ଫିସିନ୍ ଏନଜାଇମ୍ ଖାଇଦିଏ ଏବଂ ଏହାକୁ ଫଳ ସହିତ ମିଶାଇଦିଏ। ତେବେ ଏହି ପୂରା ପ୍ରକ୍ରିୟା ଉଭୟ ପ୍ରଜାତି ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ। ତେବେ ଏହି ପ୍ରକ୍ରିୟା ପରେ ଆପଣ ଅଞ୍ଜିରକୁ ନିରାମିଷ କିମ୍ବା ଆମିଷ ଭାବେ ବିବେଚନା କରନ୍ତି, ଏହା ଆପଣଙ୍କ ନିଷ୍ପତ୍ତି ।



## ରୋଜଗାରଠୁ ବଳି ଯାଉଛି ଖର୍ଚ୍ଚ, ତା' ହେଲେ ସୁଧାରି ନିଅନ୍ତୁ ଏହି ତ୍ରୁଟି




ଯେତେ ରୋଜଗାର କଲେ ବି ନିଅଣ୍ଟ ପଡୁଛି, ଘରେ ସବୁବେଳେ ଆର୍ଥିକ ସମସ୍ୟା ଲାଗି ରହୁଛି। ରୋଜଗାରଠୁ ବଳି ଯାଉଛି ଖର୍ଚ୍ଚ। ଆପଣଙ୍କ ଦ୍ୱାରା ହେଉଥିବା ସାମାନ୍ୟ ତ୍ରୁଟି ଯୋଗୁ ଆପଣ ଏପରି ସମସ୍ୟା ଭୋଗିଥାଇ ପାରନ୍ତି। ଯେତେ ରୋଜଗାର କଲେ ବି ନିଅଣ୍ଟ ପଡୁଛି, ଘରେ ସବୁବେଳେ ଆର୍ଥିକ ସମସ୍ୟା ଲାଗି ରହୁଛି। ରୋଜଗାରଠୁ ବଳି ଯାଉଛି ଖର୍ଚ୍ଚ। ଆପଣଙ୍କ ଦ୍ୱାରା ହେଉଥିବା ସାମାନ୍ୟ ତ୍ରୁଟି ଯୋଗୁ ଆପଣ ଏପରି ସମସ୍ୟା ଭୋଗିଥାଇ ପାରନ୍ତି। ଆପଣଙ୍କ ଅଜାଣତରେ ହେଉଥିବା ୪ଟି ଭୁଲ୍ ପାଇଁ ଆପଣଙ୍କୁ ହୁଏତ ଏପରି ବାଧାବିଘ୍ନର ସମ୍ମୁଖୀନ ହେବାକୁ ପଡ଼ିଥାଇପାରେ। ତା' ହେଲେ ଆସନ୍ତୁ ଜାଣିବା କ'ଣ ଏହି ତ୍ରୁଟି ଓ କିପରି ଏହାକୁ ସୁଧାରିବା। ବାସ୍ତୁ ଶାସ୍ତ୍ର ଅନୁଯାୟୀ, ପାଣିର ଅଯଥା ଅପଚୟ କରନ୍ତୁ ନାହିଁ। ଅନାବଶ୍ୟକ ସ୍ଥଳେ ପାଣି ଟ୍ୟାପ ଖୋଲନ୍ତୁ ନାହିଁ। ଏହାଦ୍ୱାରା ଧନହାନୀ ହୋଇଥାଏ। ତେଣୁ ସବୁବେଳେ ପାଣି ଟ୍ୟାପକୁ ଭଲ ଭାବେ ବନ୍ଦ କରନ୍ତୁ । ତ୍ରୁଟି ଥିଲେ ଏହାକୁ ତୁରନ୍ତ ସଜାଡ଼ି ନିଅନ୍ତୁ । ଘରର ଆଲମିରା ବା ଟଙ୍କାପଇସା ଆଦି ରଖୁଥିବା ସ୍ଥାନକୁ କେବେବି ଖୋଲା ଛାଡ଼ନ୍ତୁ ନାହିଁ। ଏପରି ହେବା ଦ୍ୱାରା ଆପଣଙ୍କୁ ସବୁବେଳେ ଧନର ଅଭାବ ଅନୁଭବ ହୋଇଥାଏ। ତେଣୁ ସବୁବେଳେ ସବୁବେଳେ ଏହାକୁ ବନ୍ଦ କରି ରଖନ୍ତୁ। ଆଲମିରା ସବୁବେଳେ ଖୋଲା ରହିବା ଦ୍ୱାରା ଧନର ଦେବୀ ମା' ଲକ୍ଷ୍ମୀଙ୍କ କୋପ ଦୃଷ୍ଟି ପଡ଼ିଥାଏ। ଯେଉଁ ଘର ସବୁବେଳେ ସଫାସୁତୁରା ରହି ନ ଥାଏ, ଉକ୍ତ ଘରେ ମା' ଲକ୍ଷ୍ମୀଙ୍କ ପାଦ ପଡ଼ି ନ ଥାଏ। ଆଉ ମା' ଲକ୍ଷ୍ମୀ ପ୍ରସନ୍ନ ନ ରହିଲେ, ତାଙ୍କ ଆଗମନ ନ ହେଲେ ସବୁବେଳେ ଆର୍ଥିକ ସମସ୍ୟା ଲାଗି ରହିବା ଥୟ। ତେଣୁ ଯଥା ସମ୍ଭବ ଘରକୁ ସବୁବେଳେ ପରିଷ୍କାର ରଖନ୍ତୁ । ଘରେ ଥିବା ତୁଳସୀ ଗଛକୁ କେବେ ବି ଶୁଖିବାକୁ ଦିଅନ୍ତୁ ନାହିଁ। ଯଦି ବିନା କୌଣସି କାରଣରେ ସବୁବେଳେ ତୁଳସୀ ଗଛ ଶୁଖି ଯାଉଛି ତେବେ ଏହାର ପରିଣାମ ଶୁଭଙ୍କର ନୁହେଁ। ଏପରି ହେଲେ ଆପଣ ସବୁବେଳେ ଅଭାବ, ଅନଟନରେ ଘାଣ୍ଟି ହେବେ। ଆର୍ଥିକ ଦୁର୍ଗତି ପିଛା ଛାଡ଼ିବନି। ତେଣୁ ଯଥା ସମ୍ଭବ ଘରେ ଥିବା ତୁଳସୀ ଗଛକୁ ସବୁବେଳେ ବଞ୍ଚାଇ ରଖନ୍ତୁ।

# ଖାଲି ପଡ଼ିଛି ରଣନୈତିକ ତୈଳ ଭଣ୍ଡାର: ସଙ୍କଟ ଦିଗରେ ଭାରତୀୟ ଅର୍ଥନୀତି

ବର୍ତ୍ତମାନ ସମଗ୍ର ବିଶ୍ୱ ଏକ ଗଭୀର ତୈଳ ସଙ୍କଟ ଦେଇ ଗତି କରୁଛି । ପଶ୍ଚିମ ଏସିଆରେ ଦେଖାଦେଇଥିବା ଭୟାବହ ଯୁଦ୍ଧ ପରିସ୍ଥିତି, ବିଶେଷ କରି ଆମେରିକା ଏବଂ ଇସ୍ରାଏଲ୍‌ର ଇରାନ ଉପରେ ଆକ୍ରମଣ ଏବଂ ଇରାନର ହୋରମୁଜ ପ୍ରଣାଳୀ ବନ୍ଦ କରିବା ଘଟଣା ଆନ୍ତର୍ଜାତିକ ବଜାରରେ ତୀବ୍ର ଅଶାନ୍ତି ସୃଷ୍ଟି କରିଛି । ଏହାର ପ୍ରଭାବରେ ମାତ୍ର ୧୮ ମିନିଟ୍ ମଧ୍ୟରେ ଅଶୋଧିତ ତୈଳ ଦର ୧୮ ପ୍ରତିଶତ ବୃଦ୍ଧି ପାଇବା ଏକ ଅଭୂତପୂର୍ବ ତଥା ଭୟାବହ ସ୍ଥିତିର ସୂଚନା ଦେଉଛି । ଭାରତରେ ମଧ୍ୟ ଏହାର ପ୍ରତ୍ୟକ୍ଷ ପ୍ରଭାବ ଅନୁଭୂତ ହେବା ଆରମ୍ଭ ହୋଇଛି ଏବଂ ସପ୍ତାହନ୍ତରେ ଏଲପିଜି ସିଲିଣ୍ଡର ପିଛା ଦର ୬୦ ଟଙ୍କା ବୃଦ୍ଧି ପାଇ ସାଧାରଣ ଲୋକଙ୍କ ଚିନ୍ତା ବଢ଼ାଇ ଦେଇଛି । ଆଗାମୀ ଦିନରେ ଏଲଏନଜି ଏବଂ ପେଟ୍ରୋଲ-ଡିଜେଲ ଦର ମଧ୍ୟ ଆକାଶଛୁଆଁ ହେବାର ଆଶଙ୍କା ରହିଛି । ସାଧାରଣତଃ ଏଭଳି ପରିସ୍ଥିତିରେ କେନ୍ଦ୍ର ସରକାର କେବଳ ବିଶ୍ୱସ୍ତରୀୟ ସଙ୍କଟକୁ ଦାୟୀ କରି ନିଜର ଦୋଷ ଲୁଚାଇବାକୁ ପ୍ରୟାସ କରିଥାନ୍ତି । କିନ୍ତୁ ବାସ୍ତବତା ହେଉଛି, ଭାରତୀୟ ଜନସାଧାରଣଙ୍କ ଉପରେ ପଡୁଥିବା ଏହି ଅସହ୍ୟ ମୂଲ୍ୟବୃଦ୍ଧିର ବୋଝ ପାଇଁ କେବଳ ଆନ୍ତର୍ଜାତିକ କାରଣ ଦାୟୀ ନୁହେଁ, ବରଂ ସରକାରଙ୍କ ଦୀର୍ଘଦିନର ଅଦୂରଦର୍ଶୀ ନୀତି, ରଣନୈତିକ ବିଫଳତା ଏବଂ ଆର୍ଥିକ ପରିଚାଳନାଗତ ତ୍ରୁଟି ମଧ୍ୟ ଦାୟୀ । ସରକାରଙ୍କ ଏହି ନୀତିଗତ ତ୍ରୁଟିଗୁଡ଼ିକ ଦେଶର ଅର୍ଥନୀତିକୁ ଏକ ବିପଜ୍ଜନକ ମୋଡ଼ରେ ଛିଡ଼ା କରାଇଛି ।

ଭାରତ ନିଜର ମୋଟ ଅଶୋଧିତ ତୈଳ ଆବଶ୍ୟକତାର ପ୍ରାୟ ୯୦ ପ୍ରତିଶତ ଆମଦାନୀ କରିଥାଏ । ଏହି ବିପୁଳ ନିର୍ଭରଶୀଳତା କାରଣରୁ ବିଶ୍ୱ ବଜାରରେ ସାମାନ୍ୟ ପରିବର୍ତ୍ତନ ମଧ୍ୟ ଭାରତୀୟ ଅର୍ଥନୀତିକୁ ଦୋହଲାଇ ଦେଇଥାଏ । ଭୂ-ଅର୍ଥନୀତି ବିଶେଷଜ୍ଞ ବିବେକ ଓ୍ୱାଇ. କେଲକରଙ୍କ ମତରେ, ଅଶୋଧିତ ତୈଳ ବ୍ୟାରେଲ ପିଛା ମାତ୍ର ୧୦ ଡଲାର ବୃଦ୍ଧି ପାଇଲେ ଭାରତର ବାର୍ଷିକ ଆମଦାନୀ ଖର୍ଚ୍ଚ ୧୩ ରୁ ୧୪ ବିଲିୟନ ଡଲାର ବଢ଼ିଯାଏ । ଏହା ଫଳରେ ଦେଶର ଚଳିତ ଖାତା ନିଅଣ୍ଟ ବ୍ୟାପକ ଭାବେ ବୃଦ୍ଧି ପାଏ, ଟଙ୍କାର ମୂଲ୍ୟ ହ୍ରାସ ପାଏ ଏବଂ ଦେଶରେ ମୁଦ୍ରାସ୍ଫୀତି ବା ଦରଦାମ ବୃଦ୍ଧି ଘଟେ । ବର୍ତ୍ତମାନ ଭାରତୀୟ ମୁଦ୍ରା ଟଙ୍କାର ମୂଲ୍ୟ ଇତିହାସର ସର୍ବନିମ୍ନ ସ୍ତରରେ ପହଞ୍ଚିଛି, ଯାହା ଆମଦାନୀକୁ ଆହୁରି ମହଙ୍ଗା କରୁଛି । ନୋମୁରା, ଏସୀୟ ଉନ୍ନୟନ ବ୍ୟାଙ୍କ (ଏଡିବି) ଏବଂ ମୁଡିସ୍ ଭଳି ଆନ୍ତର୍ଜାତିକ ରେଟିଂ ସଂସ୍ଥାଗୁଡ଼ିକ ଚେତାବନୀ ଦେଇଛନ୍ତି ଯେ ଯଦି ପଶ୍ଚିମ ଏସିଆ ସଙ୍କଟ ଦୀର୍ଘସ୍ଥାୟୀ ହୁଏ, ତେବେ ବିଶ୍ୱରେ ସର୍ବାଧିକ କ୍ଷତିଗ୍ରସ୍ତ ହେବାକୁ ଥିବା ଦେଶଗୁଡ଼ିକ ମଧ୍ୟରେ ଭାରତ ଅନ୍ୟତମ ହେବ । ଏତେ ବଡ଼ ବିପଦର ପୂର୍ବାଭାସ ଥାଇ ମଧ୍ୟ ସରକାର ଦେଶର ତୈଳ ନିରାପତ୍ତାକୁ ସୁନିଶ୍ଚିତ କରିବା ପାଇଁ ଆବଶ୍ୟକ ପଦକ୍ଷେପ ନେବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି । ଅର୍ଥନୈତିକ ସୁରକ୍ଷା ପାଇଁ ଯେଉଁ ଦୂରଦୃଷ୍ଟି ଆବଶ୍ୟକ, ତାହାର ଘୋର ଅଭାବ ପରିଲକ୍ଷିତ ହେଉଛି ।

ଏହି ବିଫଳତାର ସବୁଠାରୁ ବଡ଼ ତଥା ଚିନ୍ତାଜନକ ଉଦାହରଣ ହେଉଛି ଦେଶର ଷ୍ଟ୍ରାଟେଜିକ୍ ପେଟ୍ରୋଲିୟମ୍ ରିଜର୍ଭ ବା ରଣନୈତିକ ତୈଳ ଭଣ୍ଡାରର କୁପରିଚାଳନା । ଯୁଦ୍ଧ କିମ୍ବା ପ୍ରାକୃତିକ ବିପର୍ଯ୍ୟୟ ଭଳି ଜରୁରୀକାଳୀନ ପରିସ୍ଥିତିରେ ବିଶ୍ୱ ବଜାରରୁ ଯୋଗାଣ ବାଧାପ୍ରାପ୍ତ ହେଲେ ଦେଶର ତୈଳ ଆବଶ୍ୟକତା ପୂରଣ କରିବା ପାଇଁ ଏହି ଭଣ୍ଡାରଗୁଡ଼ିକ ସୃଷ୍ଟି କରାଯାଇଛି । କିନ୍ତୁ ସରକାରୀ ତଥ୍ୟ ଏବଂ ବିଭିନ୍ନ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ଏହି ଭଣ୍ଡାରଗୁଡ଼ିକର ଅବସ୍ଥା ଅତ୍ୟନ୍ତ ନୈରାଶ୍ୟଜନକ । ହିନ୍ଦୁସ୍ତାନ ଟାଇମ୍ସର ରିପୋର୍ଟ ଅନୁଯାୟୀ, ଚଳିତ ଆର୍ଥିକ ବର୍ଷରେ ଏହି ତୈଳ ଭଣ୍ଡାରଗୁଡ଼ିକୁ ପୂରଣ କରିବା ଏବଂ ସମ୍ପ୍ରସାରଣ କରିବା ପାଇଁ ସରକାର ୫,୮୭୬ କୋଟି ଟଙ୍କା ଆବଣ୍ଟନ କରିଥିଲେ । କିନ୍ତୁ ଆଶ୍ଚର୍ଯ୍ୟର କଥା ହେଉଛି ଏଥିରୁ ମାତ୍ର ୧,୦୩୯ କୋଟି ଟଙ୍କା ଖର୍ଚ୍ଚ ହେବାର ଅନୁମାନ କରାଯାଉଛି । ଆହୁରି ଉଦବେଗଜନକ ବିଷୟ ହେଉଛି, ଆସନ୍ତା ଆର୍ଥିକ ବର୍ଷ ପାଇଁ ବଜେଟ୍‌ରେ ଏହି ବାବଦକୁ ମାତ୍ର ୨୦୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । ଏହାର ସିଧାସଳଖ ଅର୍ଥ ହେଉଛି, ଜରୁରୀକାଳୀନ ତୈଳ ଭଣ୍ଡାରଗୁଡ଼ିକ ଆଂଶିକ ଭାବେ ଖାଲି ପଡ଼ିବ ଏବଂ ଏହାର ସମ୍ପ୍ରସାରଣ ଯୋଜନା ବାଧାପ୍ରାପ୍ତ ହେବ । ବିଜନେସ୍ ଷ୍ଟାଣ୍ଡାର୍ଡର ରିପୋର୍ଟ ଦର୍ଶାଉଛି ଯେ ମାଙ୍ଗାଲୋର ସ୍ଥିତ ତୈଳ ଭଣ୍ଡାର ଅଧାରୁ କମ୍ ପୂର୍ଣ୍ଣ ଥିବା ବେଳେ ୧୮.୩ ନିୟୁତ ବ୍ୟାରେଲ କ୍ଷମତା ବିଶିଷ୍ଟ ଦେଶର ସର୍ବବୃହତ୍ ପାଦୁର ତୈଳ ଭଣ୍ଡାର ମାତ୍ର ୮୨ ପ୍ରତିଶତ ପୂର୍ଣ୍ଣ ରହିଛି । ଏଭଳି ସ୍ଥିତିରେ ଯଦି ବିଶ୍ୱ ବଜାରରୁ ତୈଳ ଆମଦାନୀ ଦୀର୍ଘ ଦିନ ପାଇଁ ବାଧାପ୍ରାପ୍ତ ହୁଏ, ତେବେ ଦେଶ ଏକ ଭୟଙ୍କର ଇନ୍ଧନ ସଙ୍କଟର ସମ୍ମୁଖୀନ ହେବ, ଯାହା ପାଇଁ କେବଳ ସରକାରଙ୍କ ଅବହେଳା ହିଁ ଦାୟୀ ରହିବ । କେବଳ ଭଣ୍ଡାର ପରିଚାଳନା ନୁହେଁ, ବରଂ ଶକ୍ତି କ୍ଷେତ୍ରରେ ଭାରତ ନିଜର ସାର୍ବଭୌମତ୍ୱ ଏବଂ ପସନ୍ଦକୁ ଆମେରିକା ନିକଟରେ ସମର୍ପଣ କରିଦେବା ମଧ୍ୟ ଏକ ଐତିହାସିକ ଭୁଲ । ଅତୀତରେ ଟ୍ରମ୍ପ ପ୍ରଶାସନର ଚାପରେ ପଡ଼ି ଭାରତ ଇରାନ ଭଳି ପାରମ୍ପରିକ ତଥା ଶସ୍ତା ତୈଳ ଯୋଗାଣକାରୀ ଦେଶଠାରୁ ତୈଳ କିଣିବା ସମ୍ପୂର୍ଣ୍ଣ ବନ୍ଦ କରିଦେଇଥିଲା । ନିଜର ସ୍ୱାଧୀନ ବୈଦେଶିକ ନୀତି ଏବଂ ରଣନୈତିକ ସ୍ୱାୟତ୍ତତା କଥା ବାରମ୍ବାର କହୁଥିବା ସରକାର ବାସ୍ତବରେ ପାଶ୍ଚାତ୍ୟ ଦେଶଗୁଡ଼ିକର ନିର୍ଦ୍ଦେଶରେ ପରିଚାଳିତ ହେଉଥିବା ଦେଖିବାକୁ ମିଳିଛି । ବର୍ତ୍ତମାନ ମଧ୍ୟ ଋଷିଆଠାରୁ ତୈଳ କିଣିବା ପାଇଁ ଆମେରିକାର ସାମୟିକ ଅନୁମତି ଉପରେ ନିର୍ଭର କରିବାକୁ ପଡୁଛି । ଏହିଭଳି ଦୁର୍ବଳ ନୀତି ଯୋଗୁଁ ଭାରତ ନିଜର ଶକ୍ତି ଉତ୍ସଗୁଡ଼ିକୁ ସ୍ୱାଧୀନ ଭାବେ ବିବିଧୀକରଣ କରିବାରେ ବିଫଳ ହୋଇଛି ଏବଂ ଅନେକ ସମୟରେ ମହଙ୍ଗା ଦରରେ ତୈଳ କିଣିବାକୁ ବାଧ୍ୟ ହେଉଛି । ଏହା କେବଳ ଏକ କୂଟନୈତିକ ବିଫଳତା ନୁହେଁ, ବରଂ ଦେଶର ଅର୍ଥନୈତିକ ସୁରକ୍ଷା ସହିତ ଏକ ବଡ଼ ସାଲିସ୍, ଯାହାର ମୂଲ୍ୟ ଦେଶବାସୀଙ୍କୁ ଦେବାକୁ ପଡୁଛି ।

ଅନ୍ୟପକ୍ଷରେ, ଋଷିଆ-ୟୁକ୍ରେନ ଯୁଦ୍ଧ ସମୟରେ ଭାରତ ଋଷିଆଠାରୁ ବିପୁଳ ପରିମାଣରେ ରିହାତି ମୂଲ୍ୟରେ ଅଶୋଧିତ ତୈଳ ଆମଦାନୀ କରିଥିଲା । ସରକାର ଏହାକୁ ଏକ ବଡ଼ କୂଟନୈତିକ ସଫଳତା ଭାବେ ପ୍ରଚାର କରିଥିଲେ ଏବଂ ଦାବି କରିଥିଲେ ଯେ ଏହା ଦ୍ୱାରା ଦେଶବାସୀ ଉପକୃତ ହେବେ । କିନ୍ତୁ ବାସ୍ତବରେ ଏହି ଶସ୍ତା ତୈଳର ଲାଭ ସାଧାରଣ ଗ୍ରାହକଙ୍କୁ ଟିକିଏ ବି ମିଳିଲା ନାହିଁ । ତୈଳ ବିଶୋଧନାଗାର ଏବଂ କମ୍ପାନୀଗୁଡ଼ିକ ବିପୁଳ ଲାଭ କମାଇଲେ, ସରକାର ଟିକସ ଆକାରରେ ନିଜର ରାଜସ୍ୱ ବୃଦ୍ଧି କଲେ, କିନ୍ତୁ ପେଟ୍ରୋଲ ପମ୍ପରେ ସାଧାରଣ ଲୋକଙ୍କ ପାଇଁ ଦର କମିଲା ନାହିଁ । ଏହା କୌଣସି ନୂଆ କଥା ନୁହେଁ । ୨୦୧୪ ରୁ ୨୦୨୨ ମସିହା ମଧ୍ୟରେ ଯେତେବେଳେ ଆନ୍ତର୍ଜାତିକ ବଜାରରେ ଅଶୋଧିତ ତୈଳ ଦର ଅତ୍ୟନ୍ତ ନିମ୍ନ ସ୍ତରରେ ଥିଲା, ସେତେବେଳେ ମଧ୍ୟ ମୋଦୀ ସରକାର କ୍ରମାଗତ ଭାବେ ଏକ୍ସାଇଜ୍ ଡ୍ୟୁଟି ବା ଉତ୍ପାଦନ ଶୁଳ୍କ ବୃଦ୍ଧି କରି ଦେଶରେ ପେଟ୍ରୋଲ ଏବଂ ଡିଜେଲ ଦରକୁ ଉଚ୍ଚା ରଖିଥିଲେ । ଅର୍ଥାତ୍, ବିଶ୍ୱ ବଜାରରେ ଦର କମିଲେ ସରକାର ଟିକସ ବଢ଼ାଇ ନିଜ ରାଜକୋଷ ଭରୁଛନ୍ତି, କିନ୍ତୁ ଦର ବଢ଼ିଲେ ତୁରନ୍ତ ତାର ବୋଝ ସାଧାରଣ ଜନତାଙ୍କ ଉପରେ ଲଦି ଦେଉଛନ୍ତି । ଏହି ଅନ୍ୟାୟପୂର୍ଣ୍ଣ ଟିକସ ନୀତି ଦେଶର ଜନସାଧାରଣଙ୍କୁ ଆର୍ଥିକ ସ୍ତରରେ ଶୋଷଣ କରିଆସିଛି ଏବଂ ସେମାନଙ୍କ କ୍ରୟ କ୍ଷମତାକୁ ହ୍ରାସ କରିଛି ।

ଏହା ସହିତ ଇଥାନଲ୍ ମିଶ୍ରଣ ନୀତିକୁ ମଧ୍ୟ ସରକାର ଏକ ବଡ଼ ଉପଲବ୍ଧି ଭାବେ ଦର୍ଶାଉଛନ୍ତି । ପେଟ୍ରୋଲରେ ଇଥାନଲ୍ ମିଶାଇବା ଦ୍ୱାରା ତୈଳ ଆମଦାନୀ କମିବ ଏବଂ ପରିବେଶ ପ୍ରଦୂଷଣ ହ୍ରାସ ପାଇବ ବୋଲି କୁହାଯାଉଥିଲେ ମଧ୍ୟ ଏହାର ଅନେକ ଲୁକ୍କାୟିତ ନକାରାତ୍ମକ ଦିଗ ରହିଛି । ଅଧିକ ଇଥାନଲ୍ ମିଶ୍ରଣ ଯୋଗୁଁ ଇନ୍ଧନର ଘନତ୍ୱ କମିଯାଏ, ଯାହା ଫଳରେ ଗାଡ଼ିର ଇଞ୍ଜିନ୍ କ୍ଷମତା ପ୍ରଭାବିତ ହେବା ସହ ମାଇଲେଜ୍ କମିଯାଉଛି । ଏହାର ସିଧାସଳଖ ଅର୍ଥ ହେଉଛି ଗ୍ରାହକଙ୍କୁ ସମାନ ଦୂରତା ଅତିକ୍ରମ କରିବା ପାଇଁ ଅଧିକ ଇନ୍ଧନ ଖର୍ଚ୍ଚ କରିବାକୁ ପଡୁଛି । ଏହାବ୍ୟତୀତ ବ୍ୟାପକ ମାତ୍ରାରେ କୃଷିଜାତ ଦ୍ରବ୍ୟରୁ ଇଥାନଲ୍ ପ୍ରସ୍ତୁତି ଦେଶର ଖାଦ୍ୟ ସୁରକ୍ଷା ପ୍ରତି ମଧ୍ୟ ଭବିଷ୍ୟତରେ ବିପଦ ସୃଷ୍ଟି କରିବାର ଆଶଙ୍କା ରହିଛି । ସବୁଠାରୁ ବଡ଼ କଥା ହେଲା, ଗତ ଏକ ଦଶନ୍ଧି ମଧ୍ୟରେ ଏକ ସୁଦୃଢ଼ ଏବଂ ଦୀର୍ଘମିଆଦୀ ସ୍ୱଚ୍ଛ ଶକ୍ତି ଯୋଜନା ପ୍ରସ୍ତୁତ କରିବାରେ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି । ଜୀବାଶ୍ମ ଇନ୍ଧନ ଉପରେ ନିର୍ଭରଶୀଳତା ହ୍ରାସ କରିବା ପାଇଁ ଯେଉଁ ଦ୍ରୁତ ଗତିରେ ବିକଳ୍ପ ଏବଂ ନବୀକରଣଯୋଗ୍ୟ ଶକ୍ତିର ବିକାଶ ହେବା କଥା, ତାହା କେବଳ କାଗଜପତ୍ରରେ ସୀମିତ ରହିଛି । ଫଳସ୍ୱରୂପ, ଆଜି ମଧ୍ୟ ଆମକୁ ନିଜର ଶକ୍ତି ଆବଶ୍ୟକତା ପାଇଁ ସମ୍ପୂର୍ଣ୍ଣ ରୂପେ ବିଶ୍ୱ ତୈଳ ବଜାରର ଉତ୍ଥାନ-ପତନ ଉପରେ ନିର୍ଭର କରିବାକୁ ପଡୁଛି ।

ପରିଶେଷରେ ଏହା ସ୍ପଷ୍ଟ ଯେ, ବର୍ତ୍ତମାନର ତୈଳ ଦର ବୃଦ୍ଧି ଏବଂ ତଜ୍ଜନିତ ଆର୍ଥିକ ସଙ୍କଟ ପାଇଁ କେବଳ ପଶ୍ଚିମ ଏସିଆର ଯୁଦ୍ଧ କିମ୍ବା ଆନ୍ତର୍ଜାତିକ ବଜାରର ଅସ୍ଥିରତାକୁ ଦାୟୀ କରି ସରକାର ନିଜ ଦାୟିତ୍ୱରୁ ଖସିଯାଇ ପାରିବେ ନାହିଁ । ଜରୁରୀକାଳୀନ ତୈଳ ଭଣ୍ଡାରର ସମ୍ପ୍ରସାରଣରେ ଘୋର ଅବହେଳା, ଆମେରିକା ନିକଟରେ ଶକ୍ତି ନୀତିର ସମର୍ପଣ, ଶସ୍ତା ଋଷୀୟ ତୈଳର ଲାଭ ଲୋକଙ୍କୁ ନଦେବା, ଅତ୍ୟଧିକ ଟିକସ ଆଦାୟ କରିବା ଏବଂ ଏକ ସ୍ଥାୟୀ ସ୍ୱଚ୍ଛ ଶକ୍ତି ଯୋଜନାର ଅଭାବ – ଏହି ସବୁ ଭାରତ ସରକାରଙ୍କ ନୀତିଗତ ବିଫଳତାକୁ ପ୍ରମାଣିତ କରୁଛି । ଦେଶର ଅର୍ଥନୈତିକ ସ୍ଥିରତା ଏବଂ ସାଧାରଣ ଲୋକଙ୍କୁ ମୁଦ୍ରାସ୍ଫୀତିରୁ ରକ୍ଷା କରିବା ପାଇଁ ଏବେ ସମୟ ଆସିଛି ଯେ ସରକାର ନିଜର ଶକ୍ତି ପରିଚାଳନା ନୀତିର ପୁନର୍ବିଚାର କରନ୍ତୁ ଏବଂ କେବଳ ରାଜସ୍ୱ ଆଦାୟର ମାଧ୍ୟମ ଭାବେ ତୈଳ କ୍ଷେତ୍ରକୁ ବ୍ୟବହାର କରିବା ବନ୍ଦ କରନ୍ତୁ ।

# ଓଁ ବ୍ରହ୍ମଦର୍ଶୀ ବ୍ରାହ୍ମଣ



## ପ୍ରମିଳା ପଣ୍ଡା

ହମାଳୟାତ୍ ସମାରଭ୍ୟ
ଯାବତ୍ ଇନ୍ଦୁ ସରୋବର
ତଂ ଦେବଂ ନିର୍ମିତଂ
ଦେଶ ହନ୍ଦୁସ୍ଥାତ୍ ପ୍ରଚକ୍ଷତେ ।

ଦେବଭୂମି, ପୂଣ୍ୟଭୂମି, ସୁଜଳା, ସୁଫଳା ମୋ ଭାରତ ମାତାର ନୀତି, ଆଦର୍ଶ ଏବଂ ଦର୍ଶନ ନିଆରା । ଅତିଯତ୍ନରେ, ଅତି ଆଦରରେ ଅତି ସ୍ନେହରେ ସମସ୍ତଙ୍କୁ କୋଳେଇ କିଏ ମୋ ମାଆ ଭାରତ । ତାହାର ସେହି ଉଦାରତାର ସୁଯୋଗ ନେଇ ଆମେ ବାରମ୍ବାର କ୍ଷତାକ୍ତ କରୁଛୁ ତା'ର ବୁକୁକୁ । ଜାତି, ଧର୍ମ, ବର୍ଣ୍ଣ ଏବଂ ସଂପ୍ରଦାୟକୁ ଆମେ ସର୍ବଦା କଳହରତ, ସଂଘର୍ଷରେ ଲିପ୍ତ । ଆମର ମୂର୍ଖତା ଆମକୁ ଏକୀଭୂତ କରିବା ପରିବର୍ତ୍ତେ ଆମ ଭିତରେ ସୃଷ୍ଟି କରୁଛି ତିକ୍ତତା, ଅହଂକାରିତା ।

ଯେଉଁ ଦେଶର ସଂସ୍କୃତି କହେ :-
ଅୟଂ ନିଜୋ ପରୋବେତି
ଗଣନାଂ ଲଘୁ ଚେତଷାଂ
ଉଦାର ଚରିତାନାଂତୁ
ବସୁଧୈବ କୁଟୁମ୍ବକମ୍ ।

ସମଗ୍ର ବସୁଧାକୁ ଯିଏ ଗୋଟିଏ ପରିବାର ମନେକରେ ସେଠାରେ ପୁଣି ଏ ଭିନ୍ନତା କାହିଁକି ? ଆମ ସଂସ୍କୃତି, ଆମ ପରମ୍ପରା, ଆମ ଦର୍ଶନକୁ ଆମେ ଯଦି ଠିକ୍ ଭାବରେ ଉପଲବ୍ଧି କରିପାରିବୁ ତାହା ହେଲେ ଏହି ଭିନ୍ନତା ଭାବ ଦୂର ହୋଇ ଆମେ ସମସ୍ତେ ଏକତା ସୂତ୍ରରେ ବାନ୍ଧି ହୋଇ ରହି ପାରିବୁ । ଭଗବାନ ଶ୍ରୀକୃଷ୍ଣ ଭଗବତ୍ ଗୀତାରେ କହିଲେ – ଚତୁର୍ବର୍ଣ୍ଣ ମୟା ସୃଷ୍ଟା ଗୁଣୋକର୍ମ ବିଭାଗସଃ । ଗୁଣ ଏବଂ କର୍ମକୁ ନେଇ ଚାରିବର୍ଣ୍ଣ ସୃଷ୍ଟି କରିଥିଲେ ସ୍ୱୟଂ ଭଗବାନ । ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଓ ଶୂଦ୍ର । ବ୍ରାହ୍ମଣ ଅଧ୍ୟୟନ, ଅଧ୍ୟାପନ, ଯାଜନ କରି ସମାଜକୁ ଉଚିତ୍ ମାର୍ଗ ଦର୍ଶନ କରାଇବା ସହିତ ସମାଜର କଲ୍ୟାଣ ସାଧନରେ ବ୍ରତୀ ହେବେ ।

କ୍ଷତ୍ରିୟ ଯୁଦ୍ଧବିଦ୍ୟାରେ ପାରଙ୍ଗମ ହେବା ସହିତ ରାଷ୍ଟ୍ରର ସୁରକ୍ଷା କବଚ ସାଜି ରାଷ୍ଟ୍ରକୁ ଶତ୍ରୁ କବଳରୁ ରକ୍ଷାକରିବେ । ବୈଶ୍ୟ କୃଷି, ବ୍ୟବସାୟ ମାଧ୍ୟମରେ ରାଷ୍ଟ୍ରର ଆର୍ଥିକ ମାନଦଣ୍ଡକୁ ସମୃଦ୍ଧ କରିବେ ଏବଂ ଶୂଦ୍ର ନିଜକୁ ସେବା କାର୍ଯ୍ୟରେ ନିୟୋଜିତ କରି ସମାଜର କଲ୍ୟାଣ ସାଧନ କରିବେ । ଏହା ଥିଲା ସୃଷ୍ଟି ରଚୟିତାଙ୍କର ଉଦ୍ଦେଶ୍ୟ ଆଜି ଅନେକ ଜାତି, ଉପଜାତି ସୃଷ୍ଟି ହୋଇ ନିଜ କର୍ତବ୍ୟ କର୍ମରୁ ବିଚ୍ୟୁତ ହୋଇ ନାନା ପ୍ରକାର ବିଭ୍ରାଟ ସୃଷ୍ଟି କରାଯାଇଛି । ଏହା ଦୁଃଖର ବିଷୟ ।

ସୃଷ୍ଟିର ପ୍ରାରମ୍ଭରେ ଈଶ୍ୱର ନିଜକୁ ଦୁଇଭାଗ ଗୋଟିଏ ଭାଗ ପୁରୁଷ ଏବଂ ଅନ୍ୟ ଭାଗଟି ସ୍ତ୍ରୀ ରୂପ ନେଇ ଏହି ବିରାଟ ସୃଷ୍ଟିକୁ ସଂରଚନା କରିଛନ୍ତି ।

ଦ୍ୱିଧା କୃତ୍ୱା ଆତ୍ମନଂ
ଦେହ ଅର୍ଦ୍ଧେଣ ପୁରୁଷୋଭବତ୍
ଅର୍ଦ୍ଧେଣ ନାରୀ
ଭୂତ୍ୱା ବିରାଟୋସୃଜନ୍ ପ୍ରଭୋ ।

ତେଣୁ ଈଶ୍ୱରଙ୍କ ସୃଷ୍ଟିରେ ଦୁଇଟି ଜାତି ପୁରୁଷ ଏବଂ ନାରୀ । ଅନ୍ୟ ସବୁ ଗୁଣ ଏବଂ କର୍ମ ଦ୍ୱାରା ବିଭାଜିତା ତେବେ ଆମ୍ଭମାନଙ୍କ ପରମ୍ପରାରେ ବ୍ରାହ୍ମଣଙ୍କୁ ଶ୍ରେଷ୍ଠ ଜାତିରେ ପରିଗଣିତ କରାଯାଇଛି । କିନ୍ତୁ ସେ ବ୍ରାହ୍ମଣ କିଏ, କାହାକୁ କହିବା ଆମ୍ଭେ ବ୍ରାହ୍ମଣ ?

ଜନ୍ମନା ଜାୟତେ
ଶୂଦ୍ର, ସଂସ୍କାରେ ଦ୍ୱିଜ ଉଚ୍ୟତେ
ବେଦଭ୍ୟାସେ ଭବେତ୍
ବିପ୍ର ବ୍ରହ୍ମ ନାନାତି ବ୍ରାହ୍ମଣ

ଯେତେବେଳେ ପିଲାଟିଏ ଜନ୍ମହୁଏ ସେ ଶୂଦ୍ରଭାବରେ ପରିଗଣିତ ହୁଏ, ତାର ସଂସ୍କାର କର୍ମ ବା ସଂସ୍କାରିତ ହେଲାପରେ ସେ ହୁଏ ଦ୍ୱିଜ, ଯେତେବେଳେ ସେ ବେଦ ଅଧ୍ୟୟନ କରେ ଏବଂ ଚର୍ତୁବେଦର ଗୂଢ଼ତତ୍ତ୍ୱକୁ ଜାଣିଯାଏ ସେ ହୁଏ ବିପ୍ର । ଶେଷରେ ଏହି ଅଗାଧ ଜ୍ଞାନ ଦ୍ୱାରା ଯେତେବେଳେ ସେ ବ୍ରହ୍ମଙ୍କୁ ଜାଣେ, ବ୍ରହ୍ମଦର୍ଶୀ ହୋଇଯାଏ ସେତେବେଳେ ଯାଇ ସେ ବ୍ରାହ୍ମଣରେ ପରିଗଣିତ ହୁଏ ଏବଂ ସେତେବେଳେ ସମାଜକୁ ଦିଗ୍‌ଦର୍ଶନ ଦେବାର ଅଭୁତ ଶକ୍ତିର ସେ ଅଧିକାରୀ ହୋଇଥାଏ । ରାଜା ବିଶ୍ୱାମିତ୍ର କ୍ଷତ୍ରୀୟ ହୋଇ ମଧ୍ୟ ନିଜର ସାଧନା ବଳରେ ବ୍ରହ୍ମର୍ଷି ହୋଇ ପାରିଥିଲେ । ରାମାୟଣ, ମହାଭାରତର ସମୟକୁ ଅନୁଶୀଳନ କଲେ ଆମେ ନିଶ୍ଚିତ ଜାଣି ପାରିବେ ଯେ ସେ ସମୟରେ କେବଳ ଗୁଣ ଏବଂ କର୍ମକୁ ନେଇ ଜାତି ସୃଷ୍ଟି ହୋଇଥିଲା ସତ କିନ୍ତୁ ଭେଦଭାବ ନଥିଲା ।

ଅଧୁନାତନ ଯୁଗରେ ମଧ୍ୟ ଜାତି ଭେଦ ନାହିଁ । ମାତ୍ର ପରିତାପର ବିଷୟ ଜାତି ଭେଦଭାବକୁ ନେଇ ରାଜନୈତିକ ବ୍ୟକ୍ତି ବିଶେଷ ଭୋଟ ବ୍ୟାଙ୍କ ସଜାଡ଼ିବାରେ ଲାଗିଛନ୍ତି । ଯଦି ଭାରତ ମାତା ସମସ୍ତଙ୍କୁ ନିସଙ୍କୋଚରେ ତା କୋଳରେ ସମସ୍ତ ବର୍ଗର ବ୍ୟକ୍ତି ମାନଙ୍କୁ ଆଶ୍ରୟ ଦେଇଛି, ଧାରଣ କରିଛି, ତାହେଲେ ଭେଦଭାବ ସୃଷ୍ଟି କରିବାକୁ ମଣିଷ କିଏ । ସୃଷ୍ଟିର ଶ୍ରେଷ୍ଠ ଜୀବ ଆମେ ମଣିଷ, ଆମର କର୍ତବ୍ୟ-

ପରୋପକାରାୟ ସ୍ୱର୍ଗୀୟ
ପାପାୟ ପରପୀଡ଼ନମ୍ ।

ଅନ୍ୟର ଉପକାର କରିବା । ଅଶିକ୍ଷିତକୁ ଶିକ୍ଷିତ କରିବା ଦୁର୍ବଳକୁ ସାହାଯ୍ୟର ହାତ ବଢ଼ାଇବା । ସମସ୍ତଙ୍କୁ ସଂସ୍କାରିତ, ମାର୍ଜିତ, ଶୃଙ୍ଖଳିତ କରିବାର ପ୍ରୟାସ କରିବା । ଅନ୍ୟ ମୁହଁରେ ହସ ଫୁଟାଇବା, ନିଜର କର୍ମକୁ ଉଚିତ ଢ଼ଙ୍ଗରେ ସମାପନ କରିବା । ଆମେ ଭାଙ୍ଗିବା ନୁହଁ ଗଢ଼ିବାରେ ବିଶ୍ୱାସ ରଖିବା । ଜାତି ଧର୍ମ ଭେଦଭାବ ଭୁଲି ଜଣେ ଅନ୍ୟ ଜଣଙ୍କର ହାତଧରି ଆଗକୁ ନେବାକୁ ଚେଷ୍ଟା କରିବା ।

ମାତୃବତ୍ ପରଦାରେଷୁ
ପରଦ୍ରବ୍ୟେଷୁ ଲୋଷ୍ଟ୍ରବତ୍
ଆତ୍ମବତ୍ ସର୍ବଭୂତେଷୁ
ଯ ପଶ୍ୟତି ସଃ ପଣ୍ଡିତଃ ।

ଅନ୍ୟର ଦୁଃଖରେ ଦୁଃଖି ହେବା, ଅନ୍ୟ ସୁଖରେ ସୁଖି । ବ୍ରହ୍ମଭକୁ ଜାଣିବା । ସଂସ୍କାରିତ ହେବା, ବେଦରେ ଥିବା ଅଗାଧ ଜ୍ଞାନ ଆହରଣ କରିବା ଏବଂ ବ୍ରାହ୍ମଣ ହେବା ପାଇଁ ଚେଷ୍ଟା କରିବା । ଆଉ ସମସ୍ତେ ଯଦି ବ୍ରହ୍ମଦର୍ଶୀ ହୋଇ ଯାଆନ୍ତି ଏଇଠାରେ ହିଁ ଆମେ ସ୍ୱର୍ଗିୟ ସୁଷମାର ଅଧିକାରୀ ହୋଇ ପାରିବା । ଆସନ୍ତୁ ଚେଷ୍ଟା କରିବା । ଭାରତ ମାତାକୁ ଶାନ୍ତି ପ୍ରଦାନ କରିବା ।

+ନଗରପାଳ, ଉଦଳା
ଏନ୍.ଏ.ସି.
ମୋ-୯୪୩୮୫୧୮୭୯୪

# ଲେଖକ ପ୍ରବଳ: ପାଠକ ଦୁର୍ବଳ



## ବିଷ୍ଣୁ ପ୍ରସାଦ ଦାସ

ପ୍ରତିଦିନ ସୂର୍ଯ୍ୟ ଉଦୟ ହେବା ପୂର୍ବରୁ ସମ୍ବାଦ ପତ୍ର ଆସି ଘରେ ପହଞ୍ଚି ଯାଇଥାଏ । ଆଖି ଖୋଲିବା ପରେ ଅନେକ ପାଠକଙ୍କ ସମ୍ବାଦ ପତ୍ର ଦେଖିବା ଏକ ନିଶାରେ ପରିଣତ ହୋଇ ଯାଇଛି । ମୋବାଇଲ ଯୁଗରେ ସମ୍ବାଦପତ୍ରର ଉପାଦେୟତା ଆଜି ମଧ୍ୟ ପୂର୍ବବତ୍ ରହିଅଛି । ବର୍ତ୍ତମାନ କିଛି ସମ୍ବାଦପତ୍ର ଇ-ସମ୍ବାଦପତ୍ର ଭାବେ ପ୍ରକାଶିତ ହେଉଛି । ଇଲେକ୍ଟ୍ରୋନିକ୍ ମିଡ଼ିଆର ବହୁଳ ବ୍ୟବହାର ସତ୍ତ୍ୱେ ମଧ୍ୟ ସମ୍ବାଦପତ୍ର ନିଜ ସ୍ଥାନରେ ମହା ମେରୁ ପରି ଦଣ୍ଡାୟମାନ ହୋଇ ରହିଛି । ଆଗକୁ ମଧ୍ୟ ରହିବ ବୋଲି ଆଶା କରାଯାଏ । ତେବେ ଏହି ସମ୍ବାଦପତ୍ର ମାନଙ୍କର ସମାଜ ପ୍ରତି ଦାୟିତ୍ୱ କେତେ ? ସମ୍ବାଦପତ୍ର କେତେ ନିରପେକ୍ଷ ସମ୍ବାଦ ପ୍ରକାଶନ କରୁଛନ୍ତି ତାହା ଅନେକ ସମୟରେ ପାଠକ ମାନଙ୍କ ନିକଟରେ ଏକ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ଓଡିଶା ପ୍ରଦେଶରେ ଅନେକ ଓଡ଼ିଆ, ଇଂରାଜୀ ସମ୍ବାଦପତ୍ର ପ୍ରକାଶ ପାଉଛି । ଆଗଧାଡିର ସମ୍ବାଦପତ୍ର ଗୁଡିକ ଲକ୍ଷାଧିକ ସଂଖ୍ୟାରେ ପ୍ରକାଶ ପାଉଥିବା ସମୟରେ ଅନ୍ୟ ସମ୍ବାଦପତ୍ର ଗୁଡିକ ନିଜ ଗ୍ରାହକଙ୍କୁ ଆକୃଷ୍ଟ କରିବାକୁ ଚେଷ୍ଟା କରୁଛନ୍ତି ।

ଖବରକାଗଜ ଦୈନ୍ୟଦିନ ଜୀବନରେ ବହୁମୁଖୀ ଭୂମିକା ଗ୍ରହଣ କରିଥାଏ । ନାଗରିକ ମାନଙ୍କୁ ବିଶ୍ୱ ତଥା ସ୍ଥାନୀୟ ଘଟଣା ବିଷୟରେ ଅବଗତ କରାଇବା, ସାଧାରଣ ଜ୍ଞାନ ତଥା ଶିକ୍ଷାର ଉତ୍ସ ଭାବରେ କାର୍ଯ୍ୟ କରିବା, ବିଭିନ୍ନ ମତ ବ୍ୟକ୍ତ ପାଇଁ ଏକ ପ୍ଲାଟଫର୍ମ ଯୋଗାଇବା, ସରକାର ଏବଂ ଜନସାଧାରଣଙ୍କ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ସେତୁ ଭାବରେ କାର୍ଯ୍ୟ କରିଥାଏ । ଏହାଛଡା ସାହିତ୍ୟ ସଂସ୍କୃତି, ବିଜ୍ଞାନ, ସାମାଜିକ ଶିକ୍ଷା, ନାରୀ ତଥା ଶିଶୁ ମାନଙ୍କ ସ୍ୱତନ୍ତ୍ର ପୃଷ୍ଠା, ମନୋରଞ୍ଜନ, ପ୍ରବନ୍ଧ, କ୍ରୀଡା ଜଗତ, ଇତ୍ୟାଦିର ଏକ ସୁନ୍ଦର କଳେବର ଧରି ଆବାଳ ବୃଦ୍ଧ ବନୀତାଙ୍କ ମନ ଛୁଇଁ ଯାଏ । ପାଠକ ନିଜ ଚାହିଦା ଏବଂ ଆଗ୍ରହକୁ ନେଇ ସମ୍ବାଦ ପୃଷ୍ଠାରୁ ନିଜର ଇପ୍ସିତ୍ ବିଷୟ ପଢି ଅନେକ ଜ୍ଞାନ ଆହରଣ କରିଥାନ୍ତି । ଡିଜିଟାଲ୍ ଯୁଗରେ ମଧ୍ୟ ଖବର କାଗଜ ଜଗତକୁ ବାନ୍ଧି ରଖି ନିର୍ଭୁଲ ତଥ୍ୟ ଯୋଗାଇବା ସହିତ ଭୂଲ ତଥ୍ୟର ମୁକାବିଲା ପାଇଁ ଏକ ଦାୟିତ୍ୱ ବାନ୍ ଭୂମିକା ନିର୍ବାହ କରି ଚାଲିଛି ।

ଓଡ଼ିଶାରୁ ବର୍ତ୍ତମାନ୍ ପ୍ରାୟ ୭୦ଟି ଦୈନିକ ସମ୍ବାଦ ପତ୍ର ପ୍ରକାଶିତ ହେଉଛି । କିଛି ଆଗ ଧାଡ଼ିର, କିଛି ମଝି ଧାଡ଼ିର ଏବଂ ବାକି ପଛ ଧାଡ଼ିର ସମ୍ବାଦ ପତ୍ର ପ୍ରକାଶିତ ହେଉଛି । ଉତ୍କଳ ଦୀପିକା ଓଡ଼ିଶାର ପ୍ରଥମ ସାପ୍ତାହିକ ସମ୍ବାଦ ପତ୍ର, ଏହା ୦୪ ଅଗଷ୍ଟ ୧୮୬୬ ମସିହାରେ ପ୍ରଥମେ ପ୍ରକାଶ ପାଇ ଥିଲା । ଭାରତରେ ୧୬ ହଜାର ରୁ ଅଧିକ ଦୈନିକ ସମ୍ବାଦ ପତ୍ର ପ୍ରକାଶିତ ହେଉଛି ସମ୍ବାଦପତ୍ର ଶିଳ୍ପରେ ଅନେକ ଶିଳ୍ପପତି, ରାଜନେତା, ମାଫିଆ, କୁଚକ୍ରୀ ଗୋଷ୍ଠୀ ଆସ୍ଥାନ ଜମାଇ ବସିଛନ୍ତି ତଥା ସମ୍ବାଦ ପତ୍ରକୁ ସେମାନେ ନିଜ ସୁରକ୍ଷା ପାଇଁ ଏକ ଢାଲ ସଦୃଶ ବ୍ୟବହାର କରିବାକୁ ପଛାଉ ନାହାନ୍ତି । ଅନେକ ଦେଶରେ ସରକାର ଗଢିବା, ସରକାର ବରଖାସ୍ତ କରିବାରେ ସମ୍ବାଦ ପତ୍ରର ଭୂମିକାକୁ ମଧ୍ୟ ଏଡାଇ ଦେଇ ହେବନାହିଁ । ଜନତାଙ୍କ ମଧ୍ୟରେ ସରକାରଙ୍କ ଭାବମୂର୍ତ୍ତିକୁ ସକାରାତ୍ମକ ଢଙ୍ଗରେ ବା ନକାରାତ୍ମକ ଢଙ୍ଗରେ ଉପସ୍ଥାପନ କରିବାକୁ କିଛି ସ୍ୱାର୍ଥପର ସମ୍ବାଦପତ୍ର ପଛାଇ ନ'ଥାନ୍ତି ।

ଭାରତବର୍ଷରେ ବର୍ତ୍ତମାନ ଅନେକ ଖବର କାଗଜ ପ୍ରତିଦିନ ପ୍ରକାଶିତ ହେଉଛି ତନ୍ମଧ୍ୟରୁ କେତୋଟି ନିଜର କର୍ତ୍ତବ୍ୟ ସୁଚାରୁରୂପେ ତୁଲାଉଛନ୍ତି ? ହୁଏତ ୧୫ ରୁ ୨୦ ପ୍ରତିଶତ ସମ୍ବାଦପତ୍ର ନିଜ କର୍ତ୍ତବ୍ୟ ସୁଚାରୁରୂପେ ନିର୍ବାହ କରୁଛନ୍ତି । କେହି ଭୟର ବଶବର୍ତ୍ତୀ ତ' କେହି ଲୋଭର ବଶବର୍ତ୍ତୀ ତ' କେହି ନିଜର ପ୍ରଭୂତ୍ୱ ଜାହିର କରିବାକୁ ଯାଇ ସମ୍ବାଦ ଗୁଡିକୁ ନିଜ ରଙ୍ଗରେ ରଙ୍ଗାଇ ଦେବାକୁ ପଛାନ୍ତି ନାହିଁ । ସମ୍ପାଦକୀୟ ନିବନ୍ଧ ଗୁଡିକ ସମ୍ପାଦକଙ୍କ ପ୍ରିୟ ତଥା ତାଙ୍କୁ ସୁହାଇଲା ପରି କିଛି ହାତ ଗଣତି ବ୍ୟକ୍ତିଙ୍କ ଲେଖାରେ ବାରମ୍ବାର ପରିପୂର୍ଣ୍ଣ ହୁଏ । ଅନେକ ସମ୍ମାନନୀୟ ଲେଖକ ଲେଖିକା ମାନେ ତାଙ୍କ ଲେଖାଟିକୁ ପ୍ରକାଶ କରିବା ନିମନ୍ତେ ଅନେକ କଷ୍ଟ କରିଥାନ୍ତି । କେଉଁଠି ଚିହ୍ନା ମୁହଁ ଦେଖି, କେଉଁଠି କିଛି ଲାଞ୍ଚ ଦେଇ, କେଉଁଠି ଉପରୁ ଚାପ ପକାଇ ଲେଖା ପ୍ରକାଶ ପାଇବା ଏକ ସାଧାରଣ କଥାରେ ପରିଣତ ହୋଇ ଗଲାଣି । ପ୍ରକାଶକ ମାନେ ମଧ୍ୟ କେଉଁ ଲେଖକ ତାଙ୍କୁ କେତେ ଖୋସାମଦ୍ କରୁଛି, ତାଙ୍କ କଥାରେ ସମ୍ମତି ପ୍ରଦାନ କରୁଛି ତାହା ଦେଖନ୍ତି । ବର୍ତ୍ତମାନ ସମ୍ମାନ ସୂଚକ (ଡ଼) ଧାରୀ ବ୍ୟକ୍ତିଙ୍କ ବ୍ୟକ୍ତିତ୍ୱ ଉପରେ ଅନେକ ସମ୍ବାଦପତ୍ର ଗୁରୁତ୍ୱ ଦେଇ ଆସୁଛନ୍ତି ତାଙ୍କ ଲେଖା ଗୁଡିକୁ ଅଗ୍ରାଧିକାର ଦିଆ ଯାଉଛି । କିଛି ସମ୍ବାଦପତ୍ର ବର୍ଷକୁ ଦଶଥର ହାତଗଣତି ଲେଖକ / ଲେଖିକା ମାନଙ୍କୁ ନେଇ ନିଜସ୍ୱ ଟିମ୍ ଗଢି ପ୍ରଚାର ପ୍ରସାର ଉପରେ ଗୁରୁତ୍ୱ ଦେଉଛନ୍ତି, ଆଉ କିଛି ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ମୁଖପାତ୍ର ସାଜିଛନ୍ତି । ଏପରି ସମ୍ବାଦପତ୍ର ସମାଜକୁ କଣ ଶିକ୍ଷା ଦେଉଛନ୍ତି ? ମନେ ହୁଏ କେବଳ ସରକାରୀ ପ୍ରୋତ୍ସାହନ ନେଇ ବିଜ୍ଞାପନ ଅର୍ଥରେ ବିକ୍ରି ହୋଇ ଯାଉଛନ୍ତି । ସତ୍ୟକୁ ସତ୍ୟ କହିବାର ସତ୍ ସାହସ ନଥିବା ସମ୍ବାଦ ପତ୍ର ମାନେ ନିଜକୁ 'ବେସାଲିଶ୍ ନିରପେକ୍ଷ' ବୋଲାଇବା ଅତ୍ୟନ୍ତ ଦୁଃଖର ବିଷୟ । ଏଠାରେ କୌଣସି ନିର୍ଦ୍ଦିଷ୍ଟ ସମ୍ବାଦ ପତ୍ରକୁ ଆକ୍ଷେପ କରାଯାଉ ନାହିଁ ଏହା ଏକ ସାଧାରଣ ବିଷୟ ଯାହାକି ପାଠକ ମାନେ ନିଜେ ପରଖି ନେଇ ପାରନ୍ତି । ଅବଶ୍ୟ ସମସ୍ତେ ଏପରି ଲୋକ ଦେଖାଣିଆ ଆଚରଣ କରନ୍ତି ନାହିଁ । ଖୁବ୍ ଦାୟିତ୍ୱବାନ୍ ସମ୍ବାଦ ପତ୍ର ଅଛନ୍ତି ଯେଉଁ ମାନେ କି ତା'ଙ୍କର ଶାଣିତ ଲେଖନୀରେ ଅପ୍ରିୟ ସତ୍ୟକୁ ଲୋକ ଲୋଚନକୁ ଆଣି ଥା'ନ୍ତି । ହୁଏତ ସେଥିପାଇଁ ତା'ଙ୍କୁ ସରକାରଙ୍କ ନାଲି ଆଖି ଦେଖିବାକୁ ପଡିଥାଏ, ତଥାପି ସେମାନେ କୌଣସି ଚାପ କିମ୍ବା ଭୟର ବଶବର୍ତ୍ତୀ ନ'ହୋଇ ନିଜ ସମ୍ବାଦ ପତ୍ରର ଗାରିମା ବଜାୟ ରଖି ଥା'ନ୍ତି । ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଆଜି ଅନେକାଂଶରେ ଚାପର ସମ୍ମୁଖୀନ ହେଉଛି ଯାହାକି ଗଣତନ୍ତ୍ର ପ୍ରତି ବିପଦ । ଯେଉଁଠାରେ ସତ୍ୟକୁ ସତ୍ୟ ରୂପେ ପ୍ରତିପାଦିତ କରିବାରେ ସମ୍ବାଦପତ୍ର କୁଣ୍ଠାବୋଧ କରେ ସେଠାରେ ସେହି ସମ୍ବାଦପତ୍ର ଜନତାଙ୍କୁ/ସମାଜକୁ ଭୂଲ ମାର୍ଗରେ ପରିଚାଳିତ କରି ଦେଶର ପ୍ରଭୂତ କ୍ଷତି କରିଥାଏ । ହୁଏତ ଏହି କ୍ଷେତ୍ରରେ ସମ୍ବାଦ ପତ୍ରଟି ସରକାରଙ୍କ ପ୍ରିୟପାତ୍ର ହୋଇ ଅକୁଣ୍ଠ ଚିତ୍ତରେ ସରକାରୀ ବିଜ୍ଞାପନ ପାଇ ପାରେ କିନ୍ତୁ ଏହା କ'ଣ ସମ୍ବିଧାନର ଚତୁର୍ଥ ସ୍ତମ୍ଭର କର୍ତ୍ତବ୍ୟ ? କିନ୍ତୁ ଆଜିକାଲି ଏହିସବୁ ବିଷୟ ପ୍ରତି କେହି ଗୁରୁତ୍ୱ ଦିଅନ୍ତି ନାହିଁ ।

ସମ୍ପାଦକୀୟ ଲେଖା ଲେଖୁଥିବା ବିଜ୍ଞ ସମ୍ପାଦକ ମାନେ ତାଙ୍କର ଲେଖାକୁ ସମୟ ସମୟରେ ଏପରି ଲେଖି ଦିଅନ୍ତି ଯେ, ଯାହା ପାଠକ ସହଜରେ ଗ୍ରହଣ କରି ପାରନ୍ତି ନାହିଁ । ନିହାତି ପିଲାଳିଆମି ଏବଂ ସମାଜକୁ ନକାରାତ୍ମକ ସନ୍ଦେଶ ଦେଉଥିବା ଲେଖାରୁ ସ୍ପଷ୍ଟ ବାରି ହୋଇଯାଏ ତାଙ୍କର ଲୁକ୍କାୟିତ ଉଦ୍ଦେଶ୍ୟ କଣ ? କଥାରେ ଅଛି 'ପଣ୍ଡିତ ପୁଅ ମାଙ୍କଡ଼ ମାରିଲେ ଦୋଷ ନାହିଁ' ସେ ତ' ମହା ଜ୍ଞାନୀ, ତାଙ୍କୁ କହିବ କିଏ ? ସେମାନଙ୍କର ନିଜସ୍ୱ ଆଚରଣ ଏବଂ ସନ୍ଦର୍ଭର ଉଚ୍ଚାରଣ ଭିତରେ ଆଦୌ ତାଳ ମେଳ ନାହିଁ କହିଲେ ଚଳେ, କିନ୍ତୁ ସମାଜରେ ସେହିମାନେ ଖୁବ୍ ପ୍ରତିଷ୍ଠିତ ବ୍ୟକ୍ତିତ୍ୱ ବୋଲାନ୍ତି । ତେବେ ପାଠକ ମାନଙ୍କୁ ଏତେଟା ବୋକା ଭାବିବା ଉଚିତ୍ ନୁହେଁ । ସମାଜ ସୁଧାରିବା ପାଇଁ ସମ୍ବାଦ ପତ୍ରର ଭୂମିକା ସର୍ବଶ୍ରେଷ୍ଠ, ବୋଲି ପ୍ରତିପାଦିତ ହୋଇଅଛି, ଏଥିପ୍ରତି ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ସଦା ଜାଗ୍ରତ ରହିବା ଉଚିତ । ବର୍ତ୍ତମାନ ପ୍ରତିଯୋଗିତା ମୂଳକ ଭାବେ ଅନେକ ସମ୍ବାଦପତ୍ର ମନୋରଞ୍ଜନ ଉପରେ ବେଶୀ ଧ୍ୟାନ ଦେଇ ରଙ୍ଗୀନ ଅର୍ଦ୍ଧ ଉଲଗ୍ନ ଚଳଚ୍ଚିତ୍ର ତାରକାଙ୍କ ଛବି ଦ୍ୱାରା ନିଜ ସମ୍ବାଦପତ୍ରର ଗୋଟିଏ ପୃଷ୍ଠା ମଣ୍ଡନ କରୁଛନ୍ତି । ଯୁବ ପିଢ଼ି ମାନଙ୍କ ପାଇଁ ହୁଏତ ଏହା ଏକ ଆକର୍ଷଣର କେନ୍ଦ୍ରବିନ୍ଦୁ ହୋଇପାରେ । ଆମ ସଂସ୍କୃତି/ସମାଜ କ'ଣ ଏହା ଚାହୁଁଛି ନା କେବଳ ଅର୍ଥ ପାଇଁ ନିଜର ସଂସ୍କୃତି, ପରମ୍ପରା, ସ୍ୱାଭିମାନକୁ ସମ୍ବାଦପତ୍ରର ମାଲିକ ମାନେ ଭୂଲି ଯାଉଛନ୍ତି ? ବର୍ତ୍ତମାନ୍ ସମୟରେ ସମ୍ବାଦ ପତ୍ର ମାନେ ପ୍ରଥମ ପୃଷ୍ଠାକୁ ମଧ୍ୟ ଅର୍ଥ ଲୋଭରେ ବିକ୍ରି କରି ଦେଉଛନ୍ତି । ନିଜ ମୁହଁ ଉପରେ ମୁଖା ପିନ୍ଧି ବୁଲିବା ପରି ଅବସ୍ଥା, ନିଜର ନିଜତ୍ୱ, ନିଜର ପରିଚୟ, ନିଜର ସ୍ୱାଭିମାନ ହେଉଛି ସମ୍ବାଦ ପତ୍ରର ପ୍ରଥମ ପୃଷ୍ଠା ତାହା କୌଣସି ପରିସ୍ଥିତିରେ ଟଙ୍କା ପାଇଁ ବିଜ୍ଞାପିତ ହେବା ଉଚିତ ନୁହେଁ ( ଏହା ମୋର ନିଜସ୍ୱ ମତ) ।

ଆମେ ଆଜି କେଉଁ ପଥର ପଥିକ ସଜିଛୁ ଏବଂ ଏହି ପଥର ଶେଷ କେଉଁଠି ? ସେକଥା ହୁଏତ ସ୍ୱୟଂ ଭଗବାନ୍ କହିବେ । କେତେ ଯୁବ ପିଢ଼ି ବର୍ତ୍ତମାନ ସମୟରେ ଖବର କାଗଜ ପଢୁଛନ୍ତି ? ଏବଂ କାହିଁକି ପଢ଼ି ପାରୁ ନାହାନ୍ତି କେବେ କେହି ତର୍ଜମା କରିଛନ୍ତି କି ? ଏହାତ' ନିଶ୍ଚିତ ଭାବେ ଗୁଣି ଜ୍ଞାନୀ ବ୍ୟକ୍ତି ମାନେ ପରିସଂଖ୍ୟାନରୁ ଜାଣି ପାରୁ ଥିବେ । ଅନେକ ସମୟରେ ଅନେକ ମିଥ୍ୟା ବିଜ୍ଞାପନ ପ୍ରକାଶ ପାଇଥାଏ, ଯାହାକୁ ପଢ଼ି ପାଠକ ମାନେ ଆର୍ଥିକ କ୍ଷତିର ସମ୍ମୁଖୀନ ହେବା ସହିତ ମାନସିକ କଷ୍ଟ ମଧ୍ୟ ପାଇଥାନ୍ତି । କିଛି ସମ୍ବାଦ ପତ୍ର ମାନେ ବିଜ୍ଞାପନର ସତ୍ୟତା ନ' ପରଖି ତାହାକୁ କେବଳ ଅର୍ଥ ଉପାର୍ଜନର ଏକ ପନ୍ଥା ରୂପେ ପ୍ରକାଶ କରିବା ଦ୍ୱାରା ସମାଜର ଯେଉଁ କ୍ଷତି ହେଉଛି ତାହାକୁ ଭରଣା କରିବ କିଏ ? ଏହି ସମ୍ବେଦନଶୀଳ ବିଷୟ ଉପରେ ତର୍ଜମା କରି ସମ୍ପାଦକ ଏବଂ ପାଠକ ଉଭୟ ବିଚାର କରନ୍ତୁ । ବିଜ୍ଞାପନ ତଳେ କେବଳ ବୈଧାନିକ ସତର୍କତା ଲେଖି ନ'ଦେଇ ବିଜ୍ଞାପନର ସତ୍ୟାସତ୍ୟ ପରଖି ନେବା ଉଚିତ୍ । ମିଥ୍ୟା ବିଜ୍ଞାପନ ଦ୍ୱାରା ଅନେକ ଲୋକ ତଳିତଳାନ୍ତ ହେବାର ନଜିର ରହିଛି । ସର୍ବସାଧାରଣଙ୍କ ସ୍ୱାର୍ଥ ପ୍ରତି ଦୃଷ୍ଟି ଦେବା ସମ୍ବାଦପତ୍ର ତଥା ଇଲେକ୍ଟ୍ରୋନିକ୍ ମିଡ଼ିଆଙ୍କ ଦାୟୀତ୍ୱ ହେବା ଉଚିତ୍ । ମୁଷ୍ଟିମେୟ ମୁନାଫା ଖୋର୍ ବ୍ୟବସାୟୀ ମାନେ ନିଜ ସାମ୍ରାଜ୍ୟ ବଢ଼ାଇବା ପାଇଁ ସମ୍ବାଦ ପତ୍ର/ ଟିଭି ଚ୍ୟାନେଲ୍ ମାନଙ୍କର ସହାୟତା ନେଇ ଅତିରଞ୍ଜିତ ବିଜ୍ଞାପନ ଦେଇ ଥାଆନ୍ତି । ବିଜ୍ଞାପନ ବାବଦକୁ ଦେୟ ଠାରୁ ଅନେକ ଗୁଣ ଅଧିକ ପରୋକ୍ଷରେ ସାଧାରଣ ଜନତାଙ୍କ ଦ୍ୱାରା ଭରଣା ହୁଏ । ସମସ୍ତେ ସମସ୍ତଙ୍କ ଲାଗି ବଞ୍ଚିଛନ୍ତି ତା' ମାନେ ନୁହେଁ ଯେ, ଶୋଷକ ଶୋଷଣ କରି ଚାଲିଥିବ ଏବଂ ଶୋଷିତ ଶୋଷଣର ଶିକାର ହେଉଥିବ । ଜ୍ଞାନୀ ଗୁଣି ସମ୍ପାଦକ ମଣ୍ଡଳୀ ପ୍ରିୟା ପ୍ରୀତି ତୋଷଣ ଛାଡ଼ି ନିଜ କର୍ତ୍ତବ୍ୟ ସୁଚାରୁରୂପେ କରି ପାରିଲେ ନିଶ୍ଚିତ ଭାବେ ସମାଜର ଉନ୍ନତି ହେବ ଏଥିରେ ସନ୍ଦେହ ନାହିଁ । ସମାଜକୁ ସକାରାତ୍ମକ ଉପଦେଶ ଦେବାପରି ଲେଖାର ଆବଶ୍ୟକତା ରହିଛି, ଉଶୃଙ୍ଖଳିତ ଯୁବ ସମାଜ, ବେଲଗାମ୍ ଜନତା, ସ୍ୱାର୍ଥପର ରାଜନେତା, କଲ୍ୟାଣକାରୀ ଯୋଜନା, ଜନସଚେତନତା, ସାମ୍ପ୍ରତିକ ପରିସ୍ଥିତି, ଶିଶୁ ବିକାଶ, ସ୍ୱାସ୍ଥ୍ୟ, ଶିକ୍ଷା ଉପରେ ଗବେଷଣାତ୍ମକ ସନ୍ଦର୍ଭ ଗୁଡିକୁ ଅଗ୍ରାଧିକାର ଭିତ୍ତିରେ ପ୍ରକାଶ କରିବା ଉଚିତ୍ । ସମ୍ବାଦ ପତ୍ର ଥିଲା, ଅଛି ଏବଂ ଆଗକୁ ମଧ୍ୟ ରହିବ କେବଳ ତାଙ୍କ ଦାୟିତ୍ୱ ସେମାନେ ପାଠକଙ୍କ ମନକୁ କିପରି ଆକୃଷ୍ଟ କରିବେ ତାହା ସମୟ କହିବ । କୌଣସି ବ୍ୟକ୍ତି ବିଶେଷଙ୍କୁ ବା ନିର୍ଦ୍ଦିଷ୍ଟ ସମ୍ବାଦପତ୍ରକୁ ଆକ୍ଷେପ କରି ଲେଖା ହୋଇ ନାହିଁ । ଜଣେ ନିୟମିତ ସମ୍ବାଦପତ୍ର ପାଠକ ହିସାବରେ ପ୍ରତିଦିନର ନିଜସ୍ୱ ଅନୁଭୂତିରୁ କିଛିଟା ଉପସ୍ଥାପନ କରିଛି ।

ଜୟ ଜଗନ୍ନାଥ ।

+ସମ୍ମାନ ସହ,
ବରିଷ୍ଠ ନାଗରିକ, ସ୍ନେହ କୁଟୀର
ଝାଞ୍ଜିରୀ ମଙ୍ଗଳା,
କଟକ ୭୫୩୦୦୯
ମୋ: ୯୯୩୭୧୭୪୦୯୭

କବିତା କୋଣାର୍କ

## ହଳଦୀ ବସନ୍ତ...

### ରାମଚନ୍ଦ୍ର ବେହେରା



ହଳଦୀ ବସନ୍ତ ଆସିଛି ଗାଆଁକୁ
ଋତୁରାଜ ଆଗମନେ
କିଚିରି ମିଚିରି ଗୀତ ଗାଉଅଛି
ଖୁସି ଭରିଅଛି ପ୍ରାଣେ
ହଳଦୀ ରଂଗକୁ ବୁଣି
ରୂପ ଲାବଣ୍ୟରେ ସଭିଂକୁ ମୋହୁଛି
ଦେଖାଇ ଅପୂର୍ବ ଠାଣି ।
ଫଗୁଣ ଚଇତେ ଦେଖାଦିଏ ସିଏ
ସାଜି ବସନ୍ତର ଦୂତ
ସାହାଡା କୋଳିକୁ ଅତି ସରାଗରେ
ବାଛି ବାଛି ଖାଏ ମିତ
ମୁଣ୍ଡ ତା'ସାମାନ୍ୟ କଳା
ନାଲି ଥଣ୍ଟ ତା'ର ଭାରି ମନଲୋଭା
ବାଣ୍ଟଇ ପୀୟୂଷ ଧାରା ।
ବିଭୂଂକର ସିଏ ଅପୂର୍ବ ସର୍ଜନା
ସଭିଂକ ମନକୁ ମୋହେ
ଗଛ ଡାଳେ ଡାଳେ ଲୁଚକାଳି ଖେଳେ
ପ୍ରାଣ ମୁଖରିତ ହୁଏ
ଆସିଲେ ବରଷା କାଳ
ବରଷକ ପାଇଁ ଛୁପିଯାଏ ସିଏ
ଧନ୍ୟ ଏ ପ୍ରକୃତି ଖେଳ ।
ଆମ୍ବ ପଳାଶର ନବ ଯଉବନେ
ଧରା ଦିଶେ ସୁଶୋଭିତା
ନାଲି କୃଷ୍ଣଚୂଡ଼ା ଶିମୁଳି ଅଶୋକ
ହସେ ଫୁଟି ପେନ୍ଥା ପେନ୍ଥା
କୋଇଲିର କୁହୁ ତାନେ
ହଳଦୀ ବସନ୍ତ ସାଜି ଶାନ୍ତି ଦୂତ
ବିଷାଦ ଦୂରାଏ କ୍ଷଣେ ।
ବୃକ୍ଷ ବିନା ଆଜି ବେସାହାରା ସିଏ
ନାହିଁ ସାଥୀ ପରିବାର
ପରିବେଶ ପ୍ରତି ଧ୍ୟାନଦେବା ଆସ
ସର୍ବେ ହୋଇ ତତପର
ବଢିବ ପାଦପ ରାଜି
ହଳଦୀ ବସନ୍ତ ଖୁସିରେ ଜୀଇଁବ
ବଣଭୂଇଁ ଖୋଜି ଖୋଜି ।

+ତେନ୍ତୁଳିପଦା,ଜଗତସିଂହପୁର
ମୋ-୭୩୫୫୬୩୪୨୪୬

## ବସନ୍ତ

### ମନୋଜ କୁମାର ମେହେର



ବସୁଧା କୋଳରୁ ଶୀତ ନେଲା ବିଦାୟ,
ବସନ୍ତ ଆସିଲା ଆଣି ମୃଦୁ ମଳୟ ।
ବଉଳରେ ପୁରିଗଲା ଆମ୍ର ବୃକ୍ଷ ଡାଳ,
ବନଭୂମେ କଅଁଳିଲା ପଲ୍ଲବ କଅଁଳ ॥
ବଗିଚାରେ ଫୁଟିଗଲା
ନାନା ଜାତି ଫୁଲ,
ବିରି, ମୁଗ, କୋଳଥ
ହୋଇଲା ଅମଳ ।

ବରଷା କି ଶୀତର ନାହିଁ ତ ପ୍ରଭାବ,
ବୃକ୍ଷଲତା ସବୁଜିମା ସୁନ୍ଦର ଦିଶିବ ॥
ବିହଙ୍ଗେ ଆନନ୍ଦ ମନେ କୁହୁ କୁହୁ ରାବ,
ବିହରିବେ ଏଣେ ତେଣେ
ହୋଇ ସୁଖ ଭାବ ।
ବସନ୍ତର ଆଗମନେ ଆସିଯିବ ଯାତ,
ବିହ୍ୱଳ ହୋଇବ
ଭକ୍ତ ହୋଇ ଆନନ୍ଦିତ ।
ବସନ୍ତକୁ ଯେ ଋତୁରାଜ
ନାମେ ପରିଚିତ,
ବିଭୁଷିତ ଦେଖାଯାଏ
ଏ ସାରା ଜଗତ ॥

+ବଣ୍ଡାକୁଟୁରା,
ଜୁନାଗଡ଼, କଳାହାଣ୍ଡି
ମୋ-୯୩୩୭୭୯୩୧୫୭

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର,
୧୦ ମାର୍ଚ୍ଚ ୨୦୨୬, ମଙ୍ଗଳବାର

# କବିତାମାଳା

## ହେ ବସନ୍ତ !

### ସୁଜିତ୍ କୁମାର ମିଶ୍ର



ତୁମେ ଆସିଛ ବୋଲି ତ
ଏ ମିଳନର ପର୍ବ ହୃଦ ଉପବନେ
ଅନନ୍ତ ଆତୁର ପ୍ରସ୍ଫୁଟିତ...।

ନା ଅଛି ମାୟାର ଇନ୍ଦ୍ରଜାଲ
ନା ମୋହର ଯାଦୁ ଜଳ।

ତୁମ ପାଇଁ ତ ଆଖି ଲୁହ ଶ୍ରାବଣ,
ପତ୍ରଝଡା ଫଗୁଣ,
ମନପକ୍ଷୀର ମଧୁର ଉର୍ଦ୍ଧ୍ୱ ଉଡାଣ ।

ହେ ବସନ୍ତ,
ତୁମେ ଚେତନାର ଦିବ୍ୟ ଦିଗନ୍ତ,
ଫୁଟ କଳାରାଣୀ କୋଇଲିର କଣ୍ଠରେ,
ଆମ୍ବର ଶୈଶବରେ,
ଚାହାଣୀର ଚୋରା ଚଇତାଳିରେ ।

ତୁମେ ଆସିଛ ବୋଲି ଏ ଧରା ମୁକୁଳା,
ବାଉଳା, ପୁଷ୍ପ ମଣ୍ଡିତ ରଥରେ,
ମନ କୁଞ୍ଜବନ ସଜେଇ ହୋଇଛି
ଫଗୁଣର ରଙ୍ଗ ତୋରଣରେ,
ଦେଖନା ତମ ରସ କଲ୍ଲୋଳର ସ୍ପର୍ଶରେ
ମୁଁ ବି ମୋଠାରୁ ହାତେ ନୁହେଁ
ହଜାର କୋଶ ଦୂରରେ ।

ତମେ ଆସିଛ ବୋଲି
ଉଦାସି ମନ ଉଲ୍ଲସିତ ନଈ,
ତୁଠ ପଥରକୁ ଡେଇଁ ପଦ୍ମ ପୋଖରୀ,
ହତାଶାର ଲମ୍ବା ହାତରେ
ପ୍ରୀତିର ବଇଁଶୀ,
ଜୁଳୁଜୁଳିଆ ଆଖିକୁ ତୋଫା ଜହ୍ନର ଉପହାର,
ନିଆଁ ନାହିଁ,
ବିଧୁରିତ ଜ୍ୟୋତ୍ସ୍ନାର ବର୍ଷିବାର
ଅନୁପମ ରୂପ ସମ୍ଭାର ।

ତମେ ଆସିଛ ବୋଲି
ମରୁରେ ସମ୍ଭାବନାର ସୂର୍ଯ୍ୟୋଦୟ,
ବାରୁଦ ନାହିଁ, ବିରହ ନାହିଁ,
ବିଦଗ୍ଧ ପ୍ରେମର ଅକ୍ଷତ ବଳୟ,
ପ୍ରାଚୀ ଗଗନରୁ ବହୁଛି ମିଠା ମିଠା ପ୍ରତିଶ୍ରୁତି,
ଆଃ କି ମଧୁର ପ୍ରତୀକ୍ଷା,
ପାଦ ଚାଲୁଛି ଗୋଲାପୀ ହସର ମୂର୍ଚ୍ଛନାରେ,
ପ୍ରେମ ଏଠି ପରମ ସ୍ରୋତ
ପ୍ରମଦ ପ୍ରମୋଦରେ ।

ହେ ବସନ୍ତ ବହିଯାଅ ସେ
ବିଭିଷିକାର ଇଲାକାରେ,
ହୃଦୟରୁ ଝରୁ ଆପଣାପଣର ସୁଧାବାରି,
ମରଣ କ୍ଷେତ୍ର ପାଲଟୁ ମାନବୀୟ ଚିତ୍ର,
ପଡୋଶୀ ପିନ୍ଧୁ ପ୍ରେମର ପାଟବସ୍ତ୍ର,
ତୁମେ ହିଁ ତ ସମର୍ଥ ସମ୍ରାଟ
ଋତୁରାଜର ଭିଜାଘଟ
ଛୁଇଁଲେ ବୋହେ କୁଳୁକୁଳୁ ଝର,
କାଳରାତ୍ରୀ ହୁଏ ଶାନ୍ତି ସରୋବର ।

ହେ ବସନ୍ତ
ତୁମେ ମୋ ଭିତରେ ଅଛ ବୋଲି ତ
ମୁଁ ଚିରକାଳ ଚନ୍ଦନ ଚର୍ଚ୍ଚିତ,
ଦିବ୍ୟ ପ୍ରେମରେ ଉଦ୍ଭାସିତ ।

+ଜନାର୍ଦ୍ଦନପୁର ଶାସନ
କେନ୍ଦୁଝର
ମୋ: ୭୬୮୩୮୬୭୭୪୨



## ଯୁଦ୍ଧ ରଚେ ନାହିଁ ଶାନ୍ତି

### ମୋହନ କୁମାର ସ୍ୱାଇଁ



ଅନେକ କୋଣାର୍କ ଗଢିହୁଏ ନାହିଁ
ସାରାବିଶ୍ୱରେ ସେ ଗୋଟିଏ
ଥିଲେ ଥାଉ ପଛେ ଅନେକ ନକଲ
ସମ ପ୍ରତିକୃତି କୋଟିଏ ।

ସଭିଙ୍କ ହାତରେ ଚୂଳିଟି ମାରିବା
ହୋଇଥାନ୍ତା ଯଦି ସମ୍ଭବ
ସାରା ଜଗତରେ ଅଭାବ ନ ଥାନ୍ତା
ଅଗଣିତ ସ୍ମୃତି ବିଭବ ।

ସଭ୍ୟତା ଗୋଟିଏ ଗଢି ତୋଳିବାକୁ
ଲାଗେ ଶତାଧିକ ବରଷ

ସାରା ସୃଷ୍ଟିକୁ ଯେ ବନାଉଛି ନିତି
ସିଏ ଜାଣେ ତାର ଆୟୁଷ ।

ଗର୍ବ ଅହଙ୍କାର ବଶବର୍ତ୍ତୀ ହୋଇ
ବାଧକ ସାଜଇ ମଣିଷ
କେତେବେଳେ କହେ ଧ୍ୱଂସ କରିଦେବି
ମୋ ହାତରେ ଅଛି ବିନାଶ ।

ସ୍ୱର୍ଗକୁ ନିଶୁଣି ପକାଇବା ପାଇଁ
ପ୍ରୟାସ ତ ବନ୍ଦ ହେଉନି
ଆଜିଯାଏଁ କିନ୍ତୁ ଶତ ଚେଷ୍ଟା ସତ୍ତ୍ୱେ
ସଫଳତା କେହି ପାଇନି ।

ଯୁଦ୍ଧ ରଚେନାହିଁ ଶାନ୍ତିର ସ୍ଥାପନା
ସୃଷ୍ଟି ହୋଇଯାଏ ଧ୍ୱଂସ
ଖେମିନି, ଟ୍ରମ୍ଫ କେଇଦିନ ପରେ
ମିଶିଯିବେ ହୋଇ ପାଉଁଶ ।

+ବେଣାପୁର, କଣ୍ଟିଗଡିଆ,
ଯାଜପୁର
ମୋ: ୮୧୧୮୦୯୯୦୩୮

## କଷ୍ଟ ସହଜ

### ଜେନା ପ୍ରଦୀପ



ଦୋଷ କାହାର ବାଛିବା ଅତି ସହଜ
ଦୋଷ ନିଜର ଦେଖିବା ତା'ଠୁ କଠିନ ଭାରି,
କ୍ଷତି କାହାର କରିବା ସିନା ସହଜ
କ୍ଷତ ଅନ୍ୟର ସହଜ ନୁହେଁ ଭରଣା କରି।

ଯେମିତି କଠିନ ତିଆରି କରିବା ନିୟମ
ସେତେ ସହଜ ନୁହେଁ ନିୟମର ପାଳନ,
ଶେଯରେ ଶୋଇ ସପନ ଦେଖିବା ସହଜ
ନୁହେଁ ସହଜ ସେଇ ସପନକୁ ସାକାର କରି।

ଆନକୁ ଖାଲି ଦୁଃଖଦେବା ଯେତେ ସହଜ
ଖୁସିଦେବା ଲାଗେ କଷ୍ଟ ଅଧିକ ତାହାଠୁ,
ଯିଏ ଯେତେ ଖୁସି ଦେଇ ଚାଲିଥାଏ ଆନକୁ
ଖୁସି ତା ପାଖକୁ ଦି'ଗୁଣ
ହେଇ ଆସଇ ଫେରି।

+ଲକ୍ଷ୍ମୀପାଦ, ପ୍ଲଟ ନଂ ୩ଇ ୧୦୧୮
ସେକ୍ଟର ୧୩, ମର୍କତନଗର(ସିଡିଏ)
କଟକ,
ମୋ - ୯୯୩୮୫୨୦୩୭୧

## ପ୍ରେମରଙ୍ଗ

### ଡ. ଦୀପକ କୁମାର ମିଶ୍ର



ସବୁ ଠୁଁ ରହସ୍ୟମୟ ରଙ୍ଗ ବୋଧେ ପ୍ରେମ
ଯାହା ଯୁଗେ ଯୁଗେ
ଅଦୃଶ୍ୟତାକୁ ମରମ କରି,
ଅପ୍ରାପ୍ତିକୁ ମଲମ କରି
ଛାପିଯାଏ ହୃଦୟରେ
ମଲାଯାଏଁ ନଲିଭିବା ପାଇଁ ।

ପ୍ରେମରଙ୍ଗର ସଂଜ୍ଞା ସଠିକ୍
ଜଣା ନାହିଁ ଆଜିଯାଏଁ
ଲାଲ, ଗୋଲାପି, ନୀଳ ନା ସବୁଜ
ଅବା ଅତୀବ ଗାଢ଼
କିଛି ବି ରଙ୍ଗ ନାହିଁ ଯା'ର।

ତମ ସହିତ ପ୍ରଥମେ ଦେଖାହେଲା ଯେବେ
ନିୟତିର ନିର୍ଧାରଣର ନିର୍ଭୁଲ ବ୍ୟତିକ୍ରମରେ
ରଙ୍ଗମାନେ ଭୁଲିଥିଲେ ସେମାନଙ୍କର
ବହୁମୂଲ୍ୟ ଧର୍ମ
ଜମାରୁ ଦିଶୁନଥିଲେ ଆକାଶ ଓ ମାଟି
ଯଥାକ୍ରମେ ନୀଳ ଓ ଧୂସର
ଯେଝା ଯା'ର ସାନ୍ଦ୍ରତାକୁ ଭୁଲି
ନିର୍ଧୁମ ମଜିଥିଲେ ନିଛକ ପ୍ରେମର ରଙ୍ଗରେ।

ତୁମ ଛାତିତଳ ରଙ୍ଗର ଭାଗ ମାପ
ସେଦିନ ବୁଝି ପାରିଥିଲେ
ହୁଏତ ଆଜି ମୁଁ ଚହଟି ଥା'ନ୍ତି
ଦାଗହୀନ ଦୁର୍ମୂଲ୍ୟ ବେଫିକର୍
ମୁକ୍ତ ଆକାଶରେ।

ଯାହା ବି ହେଉନା କାହିଁକି
ପ୍ରେମରଙ୍ଗ ଖେଳିବାର ଖୁସି ଟିକେ ଭିନ୍ନ
ହାଲକା ହାଲକା ଆଞ୍ଚରେ
ଜୀବନ ପୋଡ଼ିଯିବା ବେଳେ
ଉଣା ଅଧିକେ ଭୟ ଥାଏ ସିନା
ହେଲେ ସେ ଜ୍ୱଳନରେ ଜିଇବାର ମଜା
ବାସ୍ତବରେ ଏକବାର ନିଆରା, ସ୍ୱତନ୍ତ୍ର ।

+ଭୁବନେଶ୍ୱର
ମୋ: ୮୨୮୦୨୧୧୦୦୦

## ମହା ବିସ୍ମୟ ଭୂମି ତନ୍ମୟ ତୂର୍ଯ୍ୟ

### ସୁବାସ ଚନ୍ଦ୍ର ସାହାଣୀ



ଓଡ଼ିଆର ପ୍ରାଣ ପୁରକ, ପ୍ରୀତି ମହକ ପୁଣ୍ୟ ବେଦ,
ଓଡ଼ିଆ କଳ୍ପ, ଓଡ଼ିଆ ସ୍ୱପ୍ନ, ଓଡ଼ିଆ ଔଦୀପ୍ତ ରାଗ।
ଓଡ଼ିଆ ଭାଷାର, ଉସମାନ୍ ତାରା, ଓଡ଼ିଆ ମାଂସ ବେଦ,
ଓଡ଼ିଆ ଦର୍ପଣ, ଓଡ଼ିଆ ମାନ ମହରତ, ଓଡ଼ିଆ ରଙ୍ଗ।

ମଧୁବାବୁ ମହାନ ପରମ୍ପରାର ମୂଲ୍ୟବୋଧିୟ ମଧୁ
ଓଡ଼ିଆ ପ୍ରାଣର, ଓଡ଼ିଆ ସ୍ୱରର, ଓଡ଼ିଆ ହୃଦସିନ୍ଧୁ।
ଓଡ଼ିଆ ପ୍ରତି ଆତ୍ମା କୁହାଟ, ଓଡ଼ିଆ ଔଜ୍ଜ୍ୱଲ୍ୟ ବିନ୍ଦୁ,
ଓର ଓର୍ମାନା ଯେତେ, ଓଡ଼ିଆ ଗୌରବ ଗର୍ବ ଯାଦୁ।

ମରଣ ଦୁଆରେ, ମୌଳା ମନର ମହା ବିସ୍ମୟ ଶକ୍ତି,
ମରୁ ମରୀଚିକା, ମର୍ମ୍ମ ପୀଡାର, ମହାକ୍ରାନ୍ତି ବଳ ବାହୁ ...
ଭୀଷ୍ମ ଶପଥ, ଭରା ବିଶ୍ୱାସ, ଭୟ ବିଭିଷିକା ଭୃଗୁପତି,
ଦୂଷଣ ବହ, ଦୁର୍ବିନ୍ନିତ, ଦୁର୍ବାର ଗଡ଼ ଭେଦ ଦୁର୍ଭର ବହୁ।

ଗୁରୁ ଗମ୍ଭୀର, ଗର୍ଜ୍ଜନ ବୀର, ଗଂଜାମ ଗୁରୁ ଗାରିମା ବଳ,
ମହାମୂର୍ଦ୍ଧନୀ, ମଲ୍ଲଯୁଦ୍ଧର, ମୁଷ୍ଟିବଦ୍ଧ ମହାବଳୀ ବାହାସ୍ଫୋଟ।
କୁଳ ଗୌର୍ବ୍ୱ, କୁଳ ସୌରଭ, କୁଳ ଉଜ୍ଜ୍ୱଳ, କୁହୁକ କଳ,
ଉତ୍କଳ ପାଇଁ, ଉତ୍-ପ୍ରବାହ, ଉତ୍ପୀଡ଼ ପ୍ରାଣ ଉଚ୍ଚାଟ ଉତ୍କଣ୍ଠ ।

ଭାଷାରେ ଯା'ର, ଭୀଷଣ ଭୈରବ, ଶବ୍ଦ-ଗୁରୁ ଗମ୍ଭୀର ନାଦ,
ସେ ତ ମଧୁ ମଳୟ, ମହମହ ଉତ୍କଳୀୟ ଚିତ୍ତ ଚେତନା ଛନ୍ଦ ।
ମହାନ ଆତ୍ମା ହେ ! ମଧୁବର୍ଣ୍ଣବୋଧ, ମଧୁ-ମାଧୁର୍ଯ୍ୟ, ମାୟା ଅଙ୍କ,
ମନ ମଣ୍ଡଳେ, ତବ ଏ ସୃଷ୍ଟି, ସୃଜନୀର ମମତା ମହକ ଡାକ।

ହେ ମୋ ଆତ୍ମାର ଅନାହତ ପୁର ପୂରବୀ ଆହୂତ ସୁରଧ୍ୱନି,
ଭାଷା ଉନ୍ନୟ, ଭାବ ହୃନ୍ମୟ, ଭବ ଭୂତି ବିସ୍ମୟ ଭକ୍ତି ଭବ୍ୟ।
ଆଜି ଏଇ ଦେଖ ! ତବ ଆଶା ଆକାଶେ, ଅସୂୟା ହିଂସା ବହ୍ନି,
କ୍ଷଣୁ କ୍ଷଣେ ଝୁଣେ, ଖୋସାମଦି ମତି ଏ, କ୍ଷିତି କ୍ଷୟ ନବ ।

ଆପଣା ହାତେ, ଆପଣା ଜିହ୍ୱା ଛେଦ ଛେଦନ ରୀତି ନୀତି,
କାନ୍ଦେ ଏ ଉତ୍କଳ କରୁଣ ଗୁଂଫେ, କୋହକୁ ଚପାଇ ଛାତି।
ଫିରିଙ୍ଗି ପତାକା ଫାଙ୍କା ସିନା ଏଠି, ଫିରିଙ୍ଗି ଶାସନ ନାହିଁ,
ଫିରିଙ୍ଗି ଭାଷା ଫିଟି ପଡେ ଏଠି, ଫିରିଙ୍ଗି ଫେସିନେଟ କଇଁ।

ପିତାମାତା ଡାକ ଆଜି, ପୁରାଣ ପୋଥି ବାଇଗଣେ ଗଣ୍ୟ ,
ବିକଳେ କାନ୍ଦେ, ବିଷର୍ଣ୍ଣ ସଞ୍ଜ ସକାଳ ବାହୁନେଇ ବାହୁନେଇ...
ଶୁଭୁନି ଆଉ, ଶୁରଭି ତାନେ-'ଉଠରେ ଉଠ, ଉତ୍କଳ ସନ୍ତାନ'-
ଜାତି ଜାତୀୟତା ମହାଗାନ। ଜର୍ଜ୍ଜର ବେଶ ଭାଷା ଭାବନା ନଈ ॥

+ ଶ୍ରୀହରି ଆଳୟ, ବାଂମୟ ନିଳୟ-ସାହିତ୍ୟ ଚିରକାଳ
ବୋଇତାଲୁ ପାଟଣା, ମୋହନପୁର,
ବିଂଝାରପୁର-୭୫୫୦୦୪, ଜିଲ୍ଲା-ଯାଜପୁର
ମୋ: ୭୩୮୪ ୨୫୧୧୪୬

## ଫଗୁଣ ଆଉ ତୁମେ

### ସରସ୍ୱତୀ ମେହେର



ଫଗୁଣ ଆସିଛି ଯେମିତି
ତୁମେ ଆସ ଧୀରେ ଧୀରେ
କେବେ କହି କେବେ ନ କହି
ଆବିର୍ଭାବ ହୋଇ ଯାଅ ସାମ୍ନାରେ ।

ବସନ୍ତର ପବନ କହିଯାଏ
ତୁମ କଥା ମୋ କାନେ
ପତ୍ର ମତେ ସ୍ପର୍ଶ କଲେ ଲାଗେ
ବାନ୍ଧି ନଉଛ ତୁମ ଆଲିଙ୍ଗନେ ।

ଆମ୍ବ ବଉଳ ଗୁପ୍ତରେ କହେ
ଅପେକ୍ଷା କର
ଅପେକ୍ଷାରେ ମଧୁରତା ଅଛି
ପ୍ରତ୍ୟେକ କ୍ଷଣର ।

ଯେମିତି ମୁଁ ତୁମକୁ ଅପେକ୍ଷା କରେ
ନୀରବରେ ରହି
ସେମିତି ଫଗୁଣ ଆସେ, ଖୋଜେ
ଗ୍ରୀଷ୍ମକୁ ଚାହିଁ ।

କୋଇଲି ଗାଏ ବସନ୍ତର ଗୀତ
ଗଛ ଡ଼ାଳରେ ବସି
ମୁଁ ତୁମକୁ ଅନୁଭବ କରେ
ମୋ ମନରେ ହସି ହସି।

ନଦୀ ବହେ ଯାଏ ଧୀରେ ଧୀରେ
ସମୁଦ୍ରରେ ମିଶିବା ପାଇଁ
ସବୁ ପ୍ରେମ ସଫଳ ହୁଏନି ଜାଣିଛି,
ତଥାପି ପାଦ ଦେଇଛି ଥୋଇ ।

ପଳାଶ ଫୁଲ ଦୁଃଖ କରେନି
କରେନି ଭୟ କେବେ
ରୂପ ତାହାର ଭାରି ସୁନ୍ଦର
ହେଲେ ମଧ ବାସହିନ ଯେବେ ।

ଫଗୁଣ ଆସିଛି, ତୁମେ ବି ଆସିଛ
ଦେଇ ଯିବ କେତେ ସ୍ମୃତି
କାରଣ କେତେକ ପ୍ରେମ ଫଗୁଣ ଭଳି
ସେମାନେ ଆସନ୍ତି ହୋଇ ଅତିଥି ।

+ଯୋଗିବାହାଲ, ସିନାପାଲି,
ନୂଆପଡ଼ା

## ସମୟ

### ଆଦ୍ୟାଶା ମହାପାତ୍ର



ସମୟ ପକ୍ଷୀର ଉଡାଣରେ ଦୃଶ୍ୟ ଜୀବନ ଚଳ ଚଞ୍ଚଳ
କେବେ ଅନୁକୂଳେ ଉଚ୍ଛ୍ୱସିତ ଖୁସି କେବେ ପୁଣି ପ୍ରତିକୂଳ
ସୁନେଲି ସକାଳ ଛୁଆଁରେ ପୁନଶ୍ଚ ରାତି ପାହା ପାହା ହୁଏ
ଚକ୍ରବାଳ କାନରୁ ସତେ ଆକାଂକ୍ଷାର ଅରୁଣିମା ଆଙ୍କି ଦିଏ ।

କ୍ଷଣ କ୍ଷଣକରେ ଆନ ଏ ସମୟ ଧରିପାରେ ଭିନ୍ନ ରୂପ
ମନ ଅଳିନ୍ଦରେ ଛାଡି ଯାଇପାରେ ନିଜ ପଦପାତ ଛାପ,
କିଏ ଉଲ୍ଲସିତ ସମୟର ସ୍ୱୀୟ ଆପଣାପଣ ସ୍ୱାକ୍ଷରେ
କିଏ ପୁଣି ସହି ଅବଦ୍ୟ ବେଦନା ଅକାରଣେ ଝୁରି ମରେ ।

ପାପ ପୁଣ୍ୟର ହିସାବରେ କେବେ ସମୟ କରେନା ତ୍ରୁଟି
ହୁଏ ସେ ଭାଜକ ଭାଗ୍ୟଫଳ ପାଇଁ କର୍ମ କୁ ଦିଅଇ ବାଣ୍ଟି,
ସବୁରି ସାଥିରେ ସମୟ କରଇ ଯଥୋଚିତ ବ୍ୟବହାର
କାହାପାଇଁ ସଦା ସାଜେନା ହିତୈଷୀ କାହାପାଇଁ ଦୂରାଚାର ।

ମୁହୂର୍ତ୍ତଠୁ ନେଇ ଦିନ ରାତି ପୁଣି କଟେ ପକ୍ଷ ମାସ ବର୍ଷ
ଯୁଗ ପରେ ଯୁଗ ଜୀବନର ଗାଥା ଲେଖୁଥାଏ ଇତିହାସ ।

+ନୂଆପଡା, କଟକ



## ଶୀତ ରାତିରେ ଚିଲିକା ତୀରେ

### ପ୍ରଦ୍ୟୁମ୍ନ ପଟ୍ଟନାୟକ



ଦୂର ଦିଗନ୍ତରେ ସୂରୁଜ ଧୀରେ ଯାଆନ୍ତି ବୁଡ଼ି
ଶୀତୁଆ ସଞ୍ଜରେ ଆକାଶେ ଆସେ କୁହୁଡ଼ି ମାଡ଼ି ।

କଳ କଳ ନୀଳ ଢେଉରେ ନାଚୁଥିଲା ଚିଲିକା
ଅଦୃଶ୍ୟ ହୋଇଲା ତା ବକ୍ଷ ଗ୍ରାସି କୁଜ୍‌ଝଟିକା ।

ପୂନେଇଁର ଜହ୍ନ ଆକାଶେ କ୍ରମେ ପ୍ରକଟ ହୋଇ
ବିଛାଡ଼ିଲା ଶୁଭ୍ର ଜୋଛନା ହେଲା ଉଜ୍ଜ୍ୱଳ ମହୀ ।

ଫେରୁଥାନ୍ତି ନୀଡ଼େ ବିହଙ୍ଗ କାହିଁ କେତେ ଦୂରରୁ
କିଚିରି ମିଚିରି ଶୁଭଇ କାଳିଯାଇ ଦ୍ୱୀପରୁ ।

ନାଆ ଧରି ତୀରେ ଗ୍ରାମକୁ ବାହୁଡ଼ନ୍ତି ଧୀବର
ମୀନ ଧରି ଆଣି ବିକନ୍ତି ସେହି ବେଉସା ତାର ।

କୋହଲା ପବନ ଦେହକୁ ଛୁଇଁ ଥରାଇ ଦିଏ
ରାତିର ବୟସ ସାଥିରେ ଶୀତ ବଢୁ ଯେ ଥାଏ ।

କେତେ ଜାତି ପକ୍ଷୀ କୂଜନେ କମ୍ପେ ଚିଲିକା ତୀର
ରାତି ପାହି ହେଲା ସକାଳ ବିହଙ୍ଗରେ ମୁଖର ।

ପ୍ରବାଳ ପରାଏ ସୂରୁଜ ଜଳୁ ହୋଇଲେ ଉଭା
ଭୂମି ଭୂମା ବ୍ୟାପେ ଆଲୋକ ପିତ ଲୋହିତ ଆଭା ।

କ୍ରମେ ଯେବେ ଭାନୁ ଅମ୍ବରେ କଲେ ଜ୍ୟୋତି ପ୍ରକାଶ
ଉଭାସିତ ହେଲା ଉର୍ମିରେ ତାଙ୍କ ରୂପ ବିଶ୍ୱାସ ।

ଦିନ କିବା ରାତି ନିରେଖି ତାର ଶୋଭା ସୁନ୍ଦର
ମନବଳୁ ନାହିଁ ଯିବାକୁ ଛାଡ଼ି ଚିଲିକା ତୀର ।

+ଫ୍ଲାଟ୍ ନମ୍ବର -୧୦୧,
ପ୍ରକାଶ ଦୀପ ଟାୱାର , ଜୟ ଦୁର୍ଗା ନଗର,
ଭୁବନେଶ୍ୱର -୭୫୧୦୦୬
ମୋ:୯୯୬୮୨୮୦୮୯୬

## ଆଜିର ଅବିର

### ପ୍ରତିଭା ଦାଶ



ଫଗୁଣ ମାସ ଆସିଲା ମାତ୍ରେ
ରଙ୍ଗ ଖେଳ ସହ
ଦୋଳି ଖେଳର ମଜା ମସ୍ତି
ମନରେ ଗୋଟେ ନୂଆ
ଉନ୍ମାଦନା ସୃଷ୍ଟି କରେ ।

ହଜି ଯାଏ ହୃଦୟ ଓ ପ୍ରାଣ
ସେଇ ରଙ୍ଗୀନ ବିରଙ୍ଗୀର
ଅବିର ଦୁନିଆ ଭିତରେ
ମଜ୍ଜି ଯାଏ ସାଙ୍ଗସାଥୀ ମେଳରେ ।

ଠିକ ସେହିପରି ମଣିଷ
ଛନ୍ଦ, କପଟ, ହିଂସା,
ଅହଂକାର ମଧରେ ଲିପ୍ତ ରହି
ଭୁଲି ଯାଉଛି ସତ୍ୟ, ଧର୍ମ, ନ୍ୟାୟର ପଥ ।

ଅନ୍ୟାୟ କର୍ମରେ ଏମିତି ଭାବେ ବ୍ୟସ୍ତ ଯେ
ଭୁଲ ଠିକର ବିଚାର ଶକ୍ତି
ତା' ପାଖେ ଲୋପ ପାଉଛି
ଯାହା ପାଇଁ ସେ ଅନୈତିକ କାର୍ଯ୍ୟ ଓ ସମ୍ପର୍କରେ
ଜଡିତ ହେଉଛି ।

ଆମ ଜୀବନ ସବୁ ମନ୍ଦ ପ୍ରକୃତିର ଅବିରରେ
ସଜ୍ଜିତ ହୋଇଛି
ଯାହାକି ପାଣିରେ ଧୋଇ ଯିବାର
କୌଣସି ସମ୍ଭାବନା ନାହିଁ
ମାତ୍ର ଦେଶକୁ ଖଣ୍ଡ ବିଖଣ୍ଡିତ
କରିବାର କ୍ଷମତା ରଖୁଛି ।

+ ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ
ସରକାରୀ ଉଚ୍ଚ ବିଦ୍ୟାଳୟ, ଡୁମେରପାଣି
ଜିଲ୍ଲା - ନୂଆପଡ଼ା
୭୮୯୪୫୨୮୪୯୩

## ରଙ୍ଗଭୂମି

### ସୁଚରିତା ମହାନ୍ତି



ସନ୍ଧ୍ୟା ନଇଁ ଆସୁଥିଲା
ଧିରେ ଧିରେ
ପଶ୍ଚିମାକାଶରେ ରକ୍ତିମ ଆଭା
ଗାଉଥିଲା ଜୀବନ ସଙ୍ଗୀତ ।

କଳରବ କାକଳି
ଡେଣା ଝାଡ଼ି ଉଡ଼ି ଯିବାର ନିଶାରେ
ଶୂନ୍ୟ ନୀଡ଼ ଆଡ଼େ...

ଆସକ୍ତିର ତିଳେମାତ୍ର
ନାହିଁ ଚିହ୍ନ ବର୍ଣ୍ଣ
ତଥାପି ଭାରି ଶାନ୍ତି ଲାଗୁଥିଲା
ସାରାଟା ପୃଥିବୀ ।

ମୁଁ କେବଳ ଅନୁଭବ କରୁଥିଲି
ଦରପୋଡ଼ା ଜୁଇକୁ ଦେଖି.....
ସେଇ ବାହୁଡ଼ା ସମୟର
ବିସ୍ମିତ ସମୟଟିକୁ ।

ଯେଉଁଠିକୁ ଦିନେ ନା ଦିନେ
ସମସ୍ତେ ବାହୁଡ଼ିବେ ।

ନିଜ ନିଜର ସମସ୍ତ ସତ୍ତାକୁ
ଛାଡ଼ି ଚାଲି ଯିବେ
ଏଇ ରଙ୍ଗଭୂମି ପରେ... ।।

ଏଠି କେହି ତ ଆପଣାର ନୁହନ୍ତି
କିଛି ବି ନିଜର ନୁହେଁ
ତଥାପି କାହିଁକି କେଜାଣି
ଲୋଭ ଲାଳସାର
ସ୍ରୋତରେ ଅହରହ
ଉବୁଟୁବୁ ହେଉଥାଏ ମନ ।

+ବାରିପଦା, ମୟୂରଭଞ୍ଜ
ମୋ: ୮୯୧୭୫୭୧୨୦୨

# କେନ୍ଦୁଝରରେ ରାଜ୍ୟ ବଜେଟ୍ ସମ୍ପର୍କିତ ସାମ୍ବାଦିକ ସମ୍ମିଳନୀ

କେନ୍ଦୁଝର, ୦୯/୩ (ନି.ପ୍ର): ଓଡ଼ିଶା ସରକାରଙ୍କ ୨୦୨୬-୨୭ ଆର୍ଥିକ ବର୍ଷର ରାଜ୍ୟ ବଜେଟ୍ ସମ୍ପର୍କରେ ସୂଚନା ପ୍ରଦାନ କରିବା ନିମନ୍ତେ କେନ୍ଦୁଝରଠାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ମାନ୍ୟବର ମନ୍ତ୍ରୀ ଶ୍ରୀ ଗଣେଶରାମ ସିଂ ଖୁଂଟିଆ ଯୋଗଦେଇ ବଜେଟର ବିଭିନ୍ନ ଦିଗ ଓ ଜନକଲ୍ୟାଣକାରୀ ଯୋଜନା ବିଷୟରେ ବିସ୍ତୃତ ଆଲୋଚନା କରିଛନ୍ତି। ପ୍ରଥମେ ସେ ଆନ୍ତର୍ଜାତିକ ମହିଳା ଦିବସ ର ଶୁଭେଚ୍ଛା ଦେଇଥିଲେ। ଏହାପରେ ବଜେଟ ଉପସ୍ଥାପନ କରି କହିଥିଲେ ଯେ ରାଜ୍ୟର ସର୍ବାଙ୍ଗୀନ ବିକାଶକୁ ଆଖିରେ ରଖି ୩ ଲକ୍ଷ ୧୦ ହଜାର କୋଟି ଟଙ୍କାର ବଜେଟ୍ ଘୋଷଣା କରାଯାଇଛି। ଏହି ବଜେଟରେ ଶିକ୍ଷା, ସାମାଜିକ ସୁରକ୍ଷା, ନାଗରିକ ସେବା, ଗ୍ରାମୀଣ ବିକାଶ ଓ ପ୍ରଶାସନିକ ସଂସ୍କାର ପରି ୬ଟି ପ୍ରମୁଖ ସ୍ତମ୍ଭ ଉପରେ ଗୁରୁତ୍ୱ ଦିଆଯାଇଛି। ଆର୍ଥିକ ଅଭିବୃଦ୍ଧି ଓ ପୁଞ୍ଜି ବିନିଯୋଗରାଜ୍ୟର ଅର୍ଥନୀତିକୁ ଗତିଶୀଳ କରିବା ପାଇଁ ପୁଞ୍ଜି ନିବେଶକୁ ୫୮% ବୃଦ୍ଧି କରାଯାଇଛି। ରାଜ୍ୟର ସକଳ ଘରୋଇ ଉତ୍ପାଦ ବର୍ତ୍ତମାନ ୪୨,୯୫୨ କୋଟି ଟଙ୍କା ରହିଛି, ଯାହା ପୂର୍ବ ବର୍ଷ ତୁଳନାରେ ୧୨% ଅଧିକ। ସରକାରୀ ଖର୍ଚ୍ଚକୁ ସନ୍ତୁଳିତ ରଖିବା ପାଇଁ ଏକ ନିର୍ଦ୍ଦିଷ୍ଟ ସୀମା ମଧ୍ୟରେ ରଖାଯାଇଛି। ନୂଆ ଆମ୍ବୁଲାନ୍ସ ସେବା ଏବଂ ସ୍ୱାସ୍ଥ୍ୟ କାର୍ଡ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ମାଧ୍ୟମରେ ପ୍ରତିଟି ନାଗରିକଙ୍କ ପାଖରେ ସ୍ୱାସ୍ଥ୍ୟ ସେବା ପହଂଚାଇବାକୁ ଲକ୍ଷ୍ୟ ରଖାଯାଇଛି। ମହିଳା ଓ ଶିଶୁ କଲ୍ୟାଣମହିଳାଙ୍କ ସଶକ୍ତିକରଣ ପାଇଁ ୫୦୦୦ କୋଟି ଟଙ୍କାର ସ୍ୱତନ୍ତ୍ର ପ୍ୟାକେଜ୍ ଘୋଷଣା କରାଯାଇଛି। 'ମିଶନ ଶକ୍ତି' ପାଇଁ ୨୮୦୪ କୋଟି ଟଙ୍କା ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ଅଧୀନରେ 'ମଡେଲ ସ୍କୁଲ' ଏବଂ 'ଏକଲବ୍ୟ ବିଦ୍ୟାଳୟ'ର ଉନ୍ନତିକରଣ ପାଇଁ ବଡ଼ ଅଙ୍କର ପାଣ୍ଠି ବରାଦ ହୋଇଛି। ଶିକ୍ଷା କ୍ଷେତ୍ରରେ ଉନ୍ନତି ପାଇଁ 'ସମଗ୍ର ଶିକ୍ଷା' ଯୋଜନାରେ ୩,୮୦୫ କୋଟି ଟଙ୍କା ରଖାଯାଇଛି। ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପାଇଁ ୧,୨୨୪ କୋଟି ଟଙ୍କାର ବ୍ୟୟବରାଦ ହୋଇଛି, ଯାହାଦ୍ୱାରା କେନ୍ଦୁଝର ଜିଲ୍ଲାବାସୀ ଉପକୃତ ହେବେ । ନିଯୁକ୍ତି ଓ ବୈଷୟିକ ବିକାଶ ରାଜ୍ୟରେ ୫୦,୦୦୦ରୁ ଅଧିକ ନୂଆ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯାଇଛି। ଆଧୁନିକ ଯୁଗ ସହ ତାଳ ଦେଇ ସବୁ କ୍ଷେତ୍ରରେ ଏଆଇ। କୃତ୍ରିମ ବୁଦ୍ଧିମତା କୁ ଗୁରୁତ୍ୱ ଦିଆଯାଉଛି। ଯୁବପିଢ଼ିଙ୍କ ଦକ୍ଷତା ବୃଦ୍ଧି ପାଇଁ ବିଭିନ୍ନ ଇନଷ୍ଟିଚ୍ୟୁଟ୍ ମାଧ୍ୟମରେ 'ଦକ୍ଷତା ବିକାଶ' ପ୍ରୋଗ୍ରାମ ଚାଲିଛି। ଏଥିସହ ଶିଳ୍ପ ଭିତିଭୂମିର ରକ୍ଷଣାବେକ୍ଷଣ ପାଇଁ 'ଶିଳ୍ପ ରକ୍ଷଣାବେକ୍ଷଣ' ପାଣ୍ଠି ଗଠନ କରାଯାଇଛି। କେନ୍ଦୁଝର ଜିଲ୍ଲା ପାଇଁ ସ୍ୱତନ୍ତ୍ର ଡିପିଆର ପ୍ରସ୍ତୁତ କରାଯାଇଛି। ପୂର୍ବ ସରକାରଙ୍କ ଅଧା ରହିଥିବା କାମଗୁଡିକୁ ତୁରନ୍ତ ଶେଷ କରିବାକୁ କାର୍ଯ୍ୟ ଜାରି ରହିଛି। ଚାଷୀଙ୍କ ପାଇଁ ସମୃଦ୍ଧ କୃଷକ ଯୋଜନା ଅଧୀନରେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କାକୁ ବୃଦ୍ଧି କରାଯାଇଛି। କଫି ଚାଷ ପାଇଁ ୧୫୦ କୋଟି ଏବଂ ବଳଭଦ୍ର ଜୈବିକ ଚାଷ ମିଶନ ପାଇଁ ୨୮ କୋଟି ଟଙ୍କାର ବ୍ୟୟବରାଦ ହୋଇଛି। କେନ୍ଦୁଝର ଜିଲ୍ଲାରେ ଚାଷୀମାନଙ୍କ ପାଇଁ ଆଧୁନିକ ଗୋଦାମ ଘର ଓ ମଡେଲ ମଣ୍ଡି ନିର୍ମାଣ କରାଯିବ। ଏଥିସହ ମୁଖ୍ୟମନ୍ତ୍ରୀ-କିଷାନ ଯୋଜନା ପାଇଁ ୨,୦୩୦ କୋଟି ଟଙ୍କାର ବ୍ୟବସ୍ଥା ହୋଇଛି ଏବଂ ବୁଣାକାରଙ୍କ ପାଇଁ 'ମୁଖ୍ୟମନ୍ତ୍ରୀ ହସ୍ତତନ୍ତ ଯୋଜନା' କାର୍ଯ୍ୟକାରୀ କରାଯାଇଛି । ଜିଲ୍ଲାରେ ଜଳସେଚନ ସୁବିଧା ପାଇଁ ୨୦,୦୦୦ ଗଭୀର ନଳକୂପ ଖନନ ଏବଂ ଉଠା ଜଳସେଚନ ପ୍ରକଳ୍ପକୁ କାର୍ଯ୍ୟକାରୀ କରାଯିବ। ମୁଖ୍ୟମନ୍ତ୍ରୀ ଆଡିବନ୍ଧ ତିଆରି ଯୋଜନାରେ ଅନେକ ନୂତନ ଚେକ୍ ଡ୍ୟାମ୍ ନିର୍ମାଣ କରାଯିବ। ଜଳ ଜୀବନ ମିଶନ' ଏବଂ 'ସୁଜଳା' ଯୋଜନା ମାଧ୍ୟମରେ କେନ୍ଦୁଝରର ପ୍ରତିଟି ପରିବାରକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବାକୁ ଲକ୍ଷ୍ୟ ରଖାଯାଇଛି।

# କୋମନା ବ୍ଲକରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର

ନୂଆପଡ଼ା, ୦୯/୩ (ନି.ପ୍ର): ନୂଆପଡା ଜିଲ୍ଲା କୋମନା ବ୍ଲକରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣୀ ଶିବିର ଆଜି ଅନୁଷ୍ଠିତ ହୋଇଯାଇଛି । ଏହି ଅଭିଯୋଗ ଶିବିରରେ ଜିଲ୍ଲାପାଳ ମଧୁସୂଦନ ଦାଶ, ବନଖଣ୍ଡ ଅଧିକାରୀ ଅଜିଜ ଖାନ, ବନଖଣ୍ଡ ଅଧିକାରୀ (କେନ୍ଦୁପତ୍ର) କେ ମାଧବିଲତା, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପ ଜିଲ୍ଲାପାଳ ସୁର୍ମି ସୋରେନ୍ , ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ରଞ୍ଜିତ ନାୟକ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡଃ ଧନେଶ୍ୱର ସେଠୀ, କୋମନା ବ୍ଲକ ଅଧ୍ୟକ୍ଷା ଅନୁସୂୟା କୁମ୍ଭାର, ଉପାଧ୍ୟକ୍ଷ ଜୟଦେବ ପ୍ରଧାନ, ଜୋନ୍ ୧ ଜିଲ୍ଲା ପରିଷଦ ସଦସ୍ୟ ମୁରଲୀ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ । ଆଜି ଶିବିରରେ ୫୪ ଗୋଟି ବ୍ୟକ୍ତିଗତ ଓ ୧୨ଟି ଗୋଷ୍ଠିଗତ ଅଭିଯୋଗର ଶୁଣାଣି ଜିଲ୍ଲାପାଳ କରିଥିଲେ। ସମସ୍ତ ଅଭିଯୋଗ ଉପରେ ତୁରନ୍ତ ପଦକ୍ଷେପ ନେବା ପାଇଁ ସଂପୃକ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ମାନଙ୍କୁ ସେ ନିର୍ଦ୍ଦେଶ ଦେଇଥିଲେ। ସେହିପରି, ୨ ଜଣ ଅସହାୟଙ୍କୁ ରେଡକ୍ରସ୍ ପାଣ୍ଠିରୁ ୧୦,୦୦୦ ଟଙ୍କା ଲେଖାଏ ତୁରନ୍ତ ସହାୟତା ପ୍ରଦାନ କରାଯାଇଥିଲା। ଏହି ଅବସରରେ, ୨୮ ଜଣ ହିତାଧିକାରୀଙ୍କୁ ବ୍ୟକ୍ତିଗତ ଜଙ୍ଗଲ ଅଧିକାର ସ୍ୱୀକୃତି ଶିରୋନାମା ଓ ୨ଗୋଟି ଗୋଷ୍ଠୀଗତ ଜଙ୍ଗଲ ଅଧିକାର ସ୍ୱୀକୃତି ଶିରୋନାମା ବଣ୍ଟନ କରାଯାଇଥିଲା। ବିଡ଼ିଓ ପବିତ୍ର କୁମାର ସାମଲ, ତହସିଲଦାର ସର୍ବେଶ୍ୱର ଜାଲ, ଡେପୁଟୀ କଲେକ୍ଟର ଚିନ୍ମୟ ସାଗର ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ସଭାରେ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ, ବିଭିନ୍ନ ବିଭାଗର ଯନ୍ତ୍ରୀ,ଲାଇନ୍ ବିଭାଗ ଅଧିକାରୀ ଓ ବ୍ଲକ ସ୍ତରୀୟ ଅଧିକାରୀ ଏବଂ କର୍ମଚାରୀ ଓ ବିଭିନ୍ନ ଗଣ ମାଧ୍ୟମର ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅଭିଯୋଗ ଶୁଣାଣୀ ଶିବିର ଉପଲକ୍ଷେ ବ୍ଲକ୍ ପରିସରରେ ବରିଷ୍ଠ ନାଗରିକଙ୍କ ପାଇଁ ଏକ ସ୍ୱାସ୍ଥ୍ୟ ଶିବିର ତଥା ଆୟୁଷ୍ମାନ ଆରୋଗ୍ୟ ଶିବିର ଆୟୋଜନ କରା ଯାଇଥିଲା ।

## ଓକିଲ ସଂଘ ନିର୍ବାଚନ, ସଭାପତି ପଦ ପାଇଁ ନାମାଙ୍କନ ଭରିଲେ ଦୟାନିଧି

ଘାଟଗାଁ, ୦୯/୩ (ନି.ପ୍ର): ଓଡିଶା ଆଇନଜୀବୀ ପରିଷଦଙ୍କ ଆଦେଶ ଅନୁକ୍ରମେ ସମଗ୍ର ଓଡିଶା ରାଜ୍ୟରେ ଗୋଟିଏ ଦିନରେ ଓକିଲ ସଂଘର ନିର୍ବାଚନ ପରିପ୍ରେକ୍ଷୀରେ ଆସନ୍ତା ୨୮ ତାରିଖରେ ନିର୍ବାଚନ ଓ ଫଳାଫଳ ଘୋଷଣା ହେବାକୁ ସ୍ଥିର ହୋଇଛି।ଏହିକ୍ରମରେ ଚଳିତ ମାସ ୭,୮ଓ ୯ତାରିଖରେ ନାମାଙ୍କନ ଦାଖଲ ଦିବସ ଧାର୍ଯ୍ୟ ହୋଇଥିଲା। ଶେଷଦିନରେ ଆନନ୍ଦପୁର ଓକିଲ ସଂଘର ଚାରିଥର ସଭାପତି ହୋଇଆସିଥିବା ଦୟାନିଧି ଦାଶ ପୁନର୍ବାର ସଭାପତି ପଦ ପାଇଁ ନିଜର ସମର୍ଥକଙ୍କ ଗହଣରେ ନିର୍ବାଚନ ପରିଚାଳନା ସହ ଅଧିକାରୀ ରମେଶ ଚନ୍ଦ୍ର ବାରିକ୍ଙ୍କ ଉପସ୍ଥିତିରେ ନିର୍ବାଚନ ଅଧିକାରୀ ମହେନ୍ଦ୍ର କୁମାର ରାମଙ୍କ ନିକଟରେ ନାମାଙ୍କନ ଦାଖଲ କରିଛନ୍ତି। ଓକିଲ ସଂଘର ନିର୍ବାଚନରେ ସଭାପତି ପ୍ରାର୍ଥୀ ଭାବେ ଦୟାନିଧି ଦାଶ, ସଚିତ୍ରାନନ୍ଦ ପଟ୍ଟନାୟକ ଓ କୁଳମଣି ସେଠୀ, ସମ୍ପାଦକ ଭାବେ ଭଗବାନ ମଲିକ୍, ମହିଳା ଅଧିବକ୍ତା ମଧୁସ୍ମିତା ଦାସ୍ ଓ ଚମ୍ପୁ ପ୍ରସାଦ ଓଝା ନାମାଙ୍କନ ଦାଖଲ କରିଛନ୍ତି। ଚଳିତ ନିର୍ବାଚନରେ ସଭାପତି ଓ ସମ୍ପାଦକ ପଦବୀ ନିମନ୍ତେ ପ୍ରତିଦ୍ୱନ୍ଦିତା ନେଇ ଚର୍ଚ୍ଚା ଲାଗିରହିଛି। ସେହିପରି ଉପସଭାପତି ପଦବୀ ନିମନ୍ତେ ଭରତ ଚନ୍ଦ୍ର ସେଠୀ, ଯୁଗ୍ମ ସମ୍ପାଦକ ଭାଗୀରଥି ଦାଶ, କୋଷାଧ୍ୟକ୍ଷ ଅଶୋକ କୁମାର ରାଉଳ, ପ୍ରତ୍ୟେକ ପଦବୀ ନିମନ୍ତେ ଜଣେ ଜଣେ ନାମାଙ୍କନ ଭରିଥିବା ବେଳେ କାର୍ଯ୍ୟନିର୍ବାହୀ ସଦସ୍ୟ ତିନୋଟି ପଦବୀ ନିମନ୍ତେ ଝୁମରସିଂ ମହାନ୍ତି, ମନୋଜ କୁମାର ତ୍ରୀପାଠୀ ଓ କହ୍ନେଇ ଚରଣ ସାହୁ ତିନି ସଦସ୍ୟ ନାମାଙ୍କନ ଦାଖଲ କରି ଅପ୍ରତିଦ୍ୱନ୍ଦୀ ସଦସ୍ୟଭାବେ ଉଭା ହୋଇଥିବା ନିର୍ବାଚନ ଅଧିକାରୀ ସୁଚନା ପ୍ରଦାନ କରିଛନ୍ତି।

# ମସ୍ତ୍ୟଜୀବିଙ୍କ ଜୀବିକା ବିପନ୍ନରେ: ସରକାରୀ ସହାୟତା ଅପେକ୍ଷାରେ ଚାନ୍ଦବାଲିର ୭ହଜାର ମସ୍ତ୍ୟଜିବୀଙ୍କ ପରିବାର

ଭଦ୍ରକ, ୦୯/୩ (ନି.ପ୍ର): ଏହି ଜିଲାର ଚାନ୍ଦବାଲି ଅଂଚଳରେ ଥିବା ମସ୍ତ୍ୟଜିବୀଙ୍କୁ ଜିବୀକା ମନା , କଣ କରିବେ ଜିବୀକା ନିର୍ବାହ ପାଇଁ ଅନ୍ୟ କିଛି ବ୍ୟବସ୍ଥା ଆପଣାଇବା ସମ୍ଭବ ପର ହେଉ ନଥିବା ବେଳେ ଅନ୍ୟ ରାଜ୍ୟକୁ ଯାଇ ଦାଦନ ଖଟିବେ ଅଥବା ସରକାରୀ କଟକଣାକୁ ମାନି ନିଜର ପରିବାର କୁ ଅଣଦେଖା କରିବେ ତାହା କେବଳ ଚିନ୍ତା ବିଷୟ ପାଲଟିଥିବା ବେଳେ ସରକାରୀ ସହୟତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।ସରକାରୀ ତଥ୍ୟ ଅନୁଯାଇ ଚାନ୍ଦବାଲି ବ୍ଲକରେ ୫ଶହରୁ ଅଧିକ ଟ୍ରଲର, ଭୁଟୁଭୁଟି ଏବଂ ଟୁ ଇନ ଓାନ ଘରୋଇ ମାଛ ମରା ଯାନ୍ତ୍ରିକ ବୋଟ ଉପଲବ୍ଧ। ଏହି ତଥ୍ୟାନୁଯାଇ ଗୋଟିଏ ଗୋଟିଏ ମାଛ ଧରା ଟ୍ରଲରରେ ଅତିକମରେ ୧୨-୧୫ଜଣ ମସ୍ତ୍ୟଜିବୀ ନିଜର ଜିବୀକା ନିର୍ବାହ କରୁଥିବା ବେଳେ ଚାନ୍ଦବାଲି ବ୍ଲକରେ ୭ହଜାରରୁ ଅଧିକ ମସ୍ତ୍ୟଜିବୀଙ୍କ ପରିବାର ଏହି ବୋଟ ମାଲିକଙ୍କ ଉପରେ ସିଧାସଳଖ ନିର୍ଭର କରି ଆସୁଛନ୍ତି। ସରକାରୀ ସୂତ୍ର ଅନୁଯାଇ ଏହି ମସ୍ତ୍ୟଜିବୀ ମାନେ ବର୍ଷର ୧୨ମାସ ଅର୍ଥାତ ଜୁନ ମାସ ୧୫ରୁ ଏପ୍ରିଲ ମାସ ପର୍ଯ୍ୟନ୍ତ ଏହି ମସ୍ତ୍ୟଜିବୀ ସମୁଦ୍ର ମଧ୍ୟରେ ମାଛ ଧରି ଜିବୀକା ନିର୍ବାହ କରୁଛନ୍ତି ମାତ୍ର ପ୍ରକୃତ ତଥ୍ୟ ସଂପୂର୍ଣ୍ଣ ଓଲଟା ଅର୍ଥାର ଜୁନ ମାସ ୧୫ରୁ ନଭେମ୍ବର ୧୫ ପର୍ଯ୍ୟନ୍ତ ସମୁଦ୍ରରେ ମାଛ ଧରା ହେଉଥିବା ବେଳେ ନଭେମ୍ବର ମାସ ୧୫ ତାରିଖରୁ ଅଲିଭରିଡଲେ କଇଁଛ ମାନଙ୍କ ପାଇଁ ଏହି ମସ୍ତ୍ୟଜିବୀ ସମୁଦ୍ର ତଟ ଅଂଚଳରେ ମାଛ ଧରିବା ସଂପୂର୍ଣ୍ଣ ବେଆଇନ ବୋଲି ସରକାରଙ୍କ ଘୋଷଣା ଏବଂ ଏହି ଘୋଷଣା ଅନୁଯାଇ ଏପ୍ରିଲ ମାସ ୧୫ ତାରିଖରୁ ଛୋଟ ମାଛ ବଡ ହେବାକୁ ସମୟ ହୋଇଥିବାରୁ ମାଛ ଧର ସଂପୂର୍ଣ୍ଣ ବେଆଇନ ବୋଲି ଘୋଷଣା କରିଛନ୍ତି ରାଜ୍ୟ ତଥା କେନ୍ଦ୍ର ସରକାର। ବାସ୍ତବ ଚିତ୍ର ଅନୁଯାଇ ଏହି ମସ୍ତ୍ୟଜିବୀ ନିଜର ଜୀବକୁ ମୃତ୍ୟ ମୁଖକୁ ଠେଲି ଦେଇ ଗଭୀର ସମୁଦ୍ରରେ ମାଛ ଧରୁଥିବା ବେଳେ ଏମାନଙ୍କର ମୁଣ୍ଡ ପିଛା ଆୟ ଦିନକୁ ୫ଶହ ଟଙ୍କା ଏବଂ ବହୁ ଟ୍ରଲର ମାଲିକ ମାନେ ନିଜ ଘୋଷଣା ନାମାନୁଯାଇ ମାଛ ନାହିଁ ତ ବେଠୀ ଖଟ ନିୟମରେ କାର୍ଯ୍ୟ କରୁଥିବା ନେଇ ଅଭିଯୋଗ। ଅନ୍ୟ ପକ୍ଷରେ ବର୍ଷକୁ ମାତ୍ର ୩ମାସ ମାଛ ଧରା ହେଉଥିବା ବେଳେ ଅବଶିଷ୍ଟ ୯ମାସ କେବଳ ବେଠୀ ଖଟିବା ସାର ହୋଇଥାଏ। ଧାମରା ର ଉତରକୁ ଧାମରା ବନ୍ଦର (ଆଦାନୀ କର୍ତ୍ତୁପକ୍ଷ)ସଂପୂର୍ଣ୍ଣ ବାରଣ କରିଥିବା ବେଳେ ଧାମରାର ଦକ୍ଷିଣ ଦିଗକୁ ପ୍ରତିରକ୍ଷା ଘାଟୀ ଏବଂ ଗହୀରମଥା ଅଭୟାରଣ୍ୟ ,ଏଠାରେ ସୁଦୂର ଅଷ୍ଟ୍ରେଲିଆରୁ ଅଲିଭରିଡଲେ ଆସି ଅଣ୍ଡା ଦାନ କରିଥାନ୍ତି ଫଳରେ ରାଜ୍ୟ ତଥା କେନ୍ଦ୍ର ସରକାର ବର୍ଷର ଅଦ୍ଧାଧିକ ଦିନ କଇଁଛ ମାନଙ୍କୁ ସୁରକ୍ଷା ଦେବା ମାଛ ଧରିବାକୁ ବାରଣ କରିଛନ୍ତି। ଅନ୍ୟ ପକ୍ଷରେ ଧାମରାରୁ ବାହାରିବାକୁ ହେଲେ ଉତର ଦିଗ ଦେଇ ମସ୍ତ୍ୟଜିବୀ ମାନେ ମାଛ ଧରିବାକୁ ଗଭୀର ସମୁଦ୍ରକୁ ଯାତାୟତ କରିଥାନ୍ତି। ଏହି ଉତର ଦିଗରେ ଧାମରା ବନ୍ଦରକୁ ପ୍ରତିଦିନ ଜାହାଜ କାରବାର ହେଉଥିବା ଦୃଷ୍ଟିରୁ ଏହି ପଥରେ ଏହି ମସ୍ତ୍ୟଜିବୀ ମାନଙ୍କୁ ଯାତାୟତ କରିବାକୁ ବନ୍ଦର କର୍ତ୍ତୁପକ୍ଷ ତାଗିଦ କରିଛନ୍ତି। ଏହା ଫଳରେ ଧାମରା ଅଂଚଳର ମସ୍ତ୍ୟଜିବୀ ନିଜର କୂଳ ବେଉଷା ଛାଡି ଆତ୍ମହତ୍ୟା କରିବେ ବୋଲି ପ୍ରତିକ୍ରିୟା ପ୍ରକାଶ ପାଇଛି।

## ସରସ୍ୱତୀ ଶିଶୁ ବିଦ୍ୟା ଜ୍ଞାନ ମନ୍ଦିର କଦମପଡା ଶିଶୁବାଟିକା ବିଭାଗରେ ଘର ହିଁ ବିଦ୍ୟାଳୟ କାର୍ଯ୍ୟକ୍ରମ

ବଲାଙ୍ଗୀର, ୦୯/୩ (ନି.ପ୍ର): ସରସ୍ୱତୀ ଶିଶୁ ବିଦ୍ୟା ଜ୍ଞାନ ମନ୍ଦିର କଦମପଡା ଶିଶୁବାଟିକା ବିଭାଗରେ ଘର ହିଁ ବିଦ୍ୟାଳୟ ତୃତୀୟ ସୋପାନ ଆଜି ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବରେ ଆର୍ୟୁବେଦ କଲେଜର ଡା. ଅମ୍ବୁଜ କୁମାର ବିଶ୍ୱାଳ ଶିଶୁରୋଗ ବିଶେଷଜ୍ଞ ଯୋଗଦାନ କରି ଦୀପ ପ୍ରଜ୍ୱଳନ କରି ଶିଶୁଙ୍କ ରୋଗ ଏବଂ ନିରାକରଣ ବିଷୟରେ ଆଲୋକପାତ କରିଥିଲେ। ଉକ୍ତ ଦିନ ଜ୍ଞାନାତ୍ମକ ପାଠ ଉପରେ ଆଧାରିତ ଏକ କାଳାଂଶ ଗୁରୁମା ଅନୀତା ମେହେର ଏବଂ ବବିତା ପାଣିଗ୍ରାହୀ ପ୍ରଦର୍ଶନ କରିଥିଲେ। ଉକ୍ତ ଦିନ ଆହାର ପ୍ରଦର୍ଶନ କାର୍ଯ୍ୟକ୍ରମ ହୋଇଥିଲା। ପରିଚାଳନା ସମିତି ସଭାପତି ଭବାନୀ ଶଙ୍କର ପଟେଲ ଓ ସଂପାଦକ ତରଣୀ ସେନ ପଟେଲ ଯୋଗଦାନ କରି ମାର୍ଗଦର୍ଶନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ସନାତନ ମିଶ୍ର ଅତିଥି ଅଧିକାରୀଙ୍କର ପରିଚୟ ପ୍ରଦାନ କରିଥିଲେ। ଶିଶୁ ବାଟିକା ପ୍ରମୁଖ ଶ୍ରୀମତୀ ବିଦ୍ୟୁତ ରେଖା କର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ପରିଶେଷରେ ସଂପାଦକ ତରଣୀ ସେନ ପଟେଲ ମହୋଦୟ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ବିଦ୍ୟାଳୟର ସମସ୍ତ ଗୁରୁଜୀ ଗୁରୁମା ତଥା ସେବକ ସେବିକାଙ୍କ ସହଯୋଗରେ କାର୍ଯ୍ୟକ୍ରମଟି ସଫଳତାର ସହିତ ସମାପନ ହୋଇଥିଲା।

# ଧଉଳି ସାହିତ୍ୟ ସଂସଦର ଆସର 'ଚିତ୍ରିତ ଚଇତ' ଅନୁଷ୍ଠିତ




ଭୁବନେଶ୍ୱର, ୦୯/୩ (ନି.ପ୍ର): ଆଜି କୌଶଲ୍ୟାଗଙ୍ଗ ସ୍ଥିତ ସିଫା ପରିସରରେ ଧଉଳି ସାହିତ୍ୟ ସଂସଦର ଏକ ଭବ୍ୟ ସାରସ୍ୱତ କାର୍ଯ୍ୟକ୍ରମ 'ଚିତ୍ରିତ ଚଇତ' ଅନୁଷ୍ଠିତ ହୋଇଯାଇଛି। ଏହି ସମାରୋହରେ ବରିଷ୍ଠ କବି ଦୁର୍ଗାଚରଣ ଷଡ଼ଙ୍ଗୀ, ରଜନୀ ରଞ୍ଜନ ଦାଶ, ସମାଜସେବୀ ହଂସ ଖିମ୍ବଜୀ ଅତିଥି ଭାବେ ଯୋଗଦେଇଥିବା ବେଳେ ଏଥିରେ ସଭାପତିତ୍ୱ କରିଥିଲେ ସଂସଦର ଅଧ୍ୟକ୍ଷ ଅକ୍ଷୟ ସ୍ୱାଇଁ। ଉତ୍ସବରେ ବିଜୟ ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ମହାରଣା, ରମାକାନ୍ତ ଗୋଛାୟତ, ସ୍ୱର୍ଣ୍ଣ ପତି , ସ୍ନେହ ଲେଙ୍କା, ସୌମ୍ୟା ପରିଡ଼ା, କାଳନ୍ଦୀ ଚରଣ ସାହୁ, ସତ୍ୟ ସିଂହ, ସତ୍ୟରଞ୍ଜନ ପ୍ରହରାଜ, ନମିତା ବରାଳ, ଅଶ୍ୱିନୀ ସାହୁ ସରୋଜିନୀ ସାହୁ, ଶଶଧର ନାୟକ କମଳିନୀ ମଲ୍ଲିକ, ବଙ୍କିମ ନାୟକ, ବନଜା ପ୍ରଧାନ ପ୍ରମୁଖ ପଚାଶରୁ ଊର୍ଦ୍ଧ୍ୱ କବି ସ୍ୱରଚିତ କବିତା ପାଠ କରିଥିବା ବେଳେ ଚିତ୍ର ଆଙ୍କିଥିଲେ ଶିଳ୍ପୀ ରଙ୍ଗ ରଣସିଂହ। କବିତାଗୁଡ଼ିକ ସଂଯୋଜନା କରିଥିଲେ କବି ବିପିନ ବେହେରା ଓ ଆଶୁତୋଷ ଦାଶ। କବିତା ସମ୍ବନ୍ଧୀୟ ଏକ ଆଲୋଚନାଚକ୍ର ମଧ ଅନୁଷ୍ଠିତ ହୋଇଥିଲା। ଉତ୍ସବରେ କଳାକାରଙ୍କ ଦ୍ୱାରା ସଂଗୀତ ପରିବେଷଣ କରାଯାଇଥିଲା। ଏହି ଅବସରରେ କବି ଓ କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ସଂପାଦକ ନିରଂଜନ ନାୟକ, ପରିଚାଳନା କରିଥିଲେ ସଂସଦର ସଦସ୍ୟ ସବିତା ମହାପାତ୍ର, କୈଳାସ ବେହେରା, ଭୁବନାନନ୍ଦ ବେହେରା ଓ ଧନ୍ୟବାଦ ଅର୍ପଣ କରିଥିଲେ ସୁମନ୍ତ ସୁବୁଦ୍ଧି।

# ଲୋୟର ସୁକତେଲ ଡ୍ୟାମ ଅଂଚଳର ସାମଗ୍ରିକ ଉନ୍ନତି ପାଇଁ ୧୨ଟି ପ୍ରସ୍ତାବ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ପ୍ରଦାନ

ବଲାଙ୍ଗୀର, ୦୯/୩ (ନି.ପ୍ର): ବଲାଙ୍ଗୀର ଜିଲ୍ଲାର ସର୍ବବୃହତ ଜଳସେଚନ ପ୍ରକଳ୍ପ ଭାବେ ଗଢି ଉଠିଥିବା ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପ ଜିଲ୍ଲା ପାଇଁ ଏକ ଐତିହାସିକ ପଦକ୍ଷେପ। ଏହି ପ୍ରକଳ୍ପ ଦ୍ୱାରା ପ୍ରାୟ ୩୦ଟି ରୁ ଉର୍ଦ୍ଧ୍ୱ ଗ୍ରାମ ପ୍ରଭାବିତ ହୋଇଥିବା ସହ ଅନେକ ପରିବାର ସମ୍ପୁର୍ଣ୍ଣ ବିସ୍ଥାପିତ ହୋଇ ପୁନର୍ବାସ ଓ ଥଇଥାନ କଲୋନି ରେ ବସବାସ କରୁଛନ୍ତି। ପ୍ରକଳ୍ପ ନିର୍ମାଣ ସମୟରେ ଏହି ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରିଥିବା ଅଂଚଳର ଅନେକ ଅଂଶ ଉଜୁଡି ଯାଇଛି। ଏହି ଅଂଚଳକୁ ପୁନଃ ଉନ୍ନତି କରି ଓଡିଶାର ଏକ ପ୍ରମୁଖ ପର୍ଯ୍ୟଟନ କେନ୍ଦ୍ର ଓ ପ୍ରାକୃତିକ ସୌନ୍ଦର୍ଯ୍ୟର ଗନ୍ତାଘର ଭାବେ ଗଢି ତୋଳାଯାଇପାରିବ। ଏହା ମାଧ୍ୟମରେ ଅଂଚଳର ଅନେକ ଲୋକଙ୍କ ପାଇଁ ଲୋକଙ୍କର ରୋଜଗାର ସୃଷ୍ଟି ହେବା ସହ ସାମାଜିକ ସାଂସ୍କୃତିକ ଉନ୍ନତି ମଧ ସମ୍ଭବ। ବନଦୁର୍ଗା ମହୋତ୍ସବ କମିଟି ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ ଙ୍କ ସହ ଆଲୋଚନାରେ ଏହା ମତ ପ୍ରକାଶ ପାଇଥିଲା ଓ ଟିଟିଲାଗଡ ବିଧାୟକ ମଧ ଉପସ୍ଥିତ ଥିଲେ। କମିଟି ନିଷ୍ପତି ଅନୁଯାୟୀ ୧୨ଗୋଟି ପ୍ରସ୍ତାବ ଯଥା ସୁକତେଲ ଡ୍ୟାମ ତଳି ଅଂଚଳରେ ଥିବା ଖେଳ ପଡିଆକୁ ଉଚ୍ଚ ମାନର ଷ୍ଟାଡିୟମ, ବାବା ବର୍ଫାନି ମହାଦେବ ମନ୍ଦିର ଏବଂ ବନଦୁର୍ଗା ମନ୍ଦିର ନିର୍ମାଣ ପାଇଁ ୧୦୦ କୋଟି ଅନୁଦାନ, ସଂସ୍କୃତି ବିଶ୍ୱ ବିଦ୍ୟାଳୟ, ୧୦୦ ରୁ ଅଧିକ ଷ୍ଟଲ, ଫଳ ଓ ଔଷଧୀୟ ଉଦ୍ୟାନ, ମୟୁର ଓ ଅନ୍ୟାନ୍ୟ ବନ୍ୟ ପ୍ରାଣୀଙ୍କ ସୁରକ୍ଷା ପାଇଁ ଏକ ପାହାଡକୁ ସୁରକ୍ଷିତ ପକ୍ଷୀ ଓ ବନ୍ୟପ୍ରାଣୀ ଅଭୟାରଣ୍ୟ, ଏକ ଅତିଥି ନିବାସ ସହ କନ୍ଫରେନ୍ସ ହଲ ନିର୍ମାଣ, ସୁକତେଲ ଡ୍ୟାମକୁ ସଂଯୋଗ କରୁଥିବା ବଲାଙ୍ଗିର ପାଟଣାଗଡ ରାସ୍ତାରେ ବାରପୁଡୁଗିଆ ଛକ ନିକଟରେ ଉଚ୍ଚ ସୁକତେଲ ଗେଟ ନିର୍ମାଣ, ଲର୍କିପାଲି ଆର.ଆର. କଲୋନି ବିଦ୍ୟାଳୟକୁ ଉନ୍ନତି ଉଚ୍ଚ ବିଦ୍ୟାଳୟ (ଯୁକ୍ତ ଦୁଇ), ସମସ୍ତ ଆର.ଆର. କଲୋନିରେ ସାମାଜିକ ସାଂସ୍କୃତିକ କାର୍ଯ୍ୟ ପାଇଁ ସ୍ଥାୟୀ କଲ୍ୟାଣ ମଣ୍ଡପ ୨ କୋଟି ଅନୁଦାନ, ସମସ୍ତ କଲୋନିରେ ସ୍ଥାୟୀ ବିଦ୍ୟାଳୟ, ଅଙ୍ଗନୱାଡି କେନ୍ଦ୍ର, ପିଇବା ପାଣି, ଗାଧୋଇବା ପାଇଁ ପୋଖରୀ ଓ ସ୍ୱାସ୍ଥ୍ୟସେବା ପାଇଁ ଆରୋଗ୍ୟ ମନ୍ଦିର ନିର୍ମାଣ କରିବା ଆଦି ବିଭିନ୍ନ ପ୍ରସ୍ତାବ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ ଓ ଜିଲ୍ଲାପାଳଙ୍କୁ ମଧ ପ୍ରଦାନ କରାଯାଇଛି। ଏହି ଆଲୋଚନାରେ ସଭାପତି ସଂଜୟ ଗଡତ୍ୟା, ସଂପାଦକ ଜୟକୃଷ୍ଣ ମିଶ୍ର, ଉପ-ସଭାପତି କୈଳାସ ଚନ୍ଦ୍ର ସିଂଦେଓ, ସହ-ସଂପାଦକ ବିକାଶ ରଂଜନ ରଥ, କୋଷାଧ୍ୟକ୍ଷ ନରେନ୍ଦ୍ର ବିଶି, ସ୍ୱେଚ୍ଛାସେବୀ ବିଶ୍ୱଜିତ ନାଥ, ଶାନ୍ତନୁ ସିଂ, ବ୍ୟାସଦେବ ବନଛୋର, ଅଜୟ ଗଡତ୍ୟା, ପ୍ରମୋଦ ପଟେଲ, ଗିରିଧାରୀ ପୁଟା, ସଦାନନ୍ଦ ମହଲା ପ୍ରମୁଖ ଭାଗ ନେଇଥିଲେ।

# ଅବସରପ୍ରାପ୍ତ ଶିକ୍ଷକଙ୍କ ସର୍ଭିସ୍ ବହି ମିଳୁନି ମିଳିପାରୁନାହିଁ ଆରଏସପି ସହାୟତା ରାଶି

ଘାଟଗାଁ, ୦୯/୩ (ନି.ପ୍ର): ଜଣେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କ ସର୍ଭିସ୍ ବହି ମିଳୁ ନଥିବା କାରଣରୁ ଆର.ଏସ. ପି ସହାୟତା ରାଶି ମିଳିପାରୁନଥିବା ଅଭିଯୋଗ ହେଉଛି । ସୂଚନାରୁ ଜଣାପଡିଛି ଯାଜପୁର ଜିଲାର ଜଣେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରବୀନ୍ଦ୍ର କୁମାର ଜେନା ଘଷିପୁରା ବ୍ଲକ୍ ଅନ୍ତର୍ଗତ ଗଡ଼ବାନ୍ଦୋଗୋଡ଼ା ନୋଡାଲ ଉପ୍ରା ବିଦ୍ୟାଳୟ ରେ ୨୦୧୩ ମସିହା ରେ ପ୍ରଧାନ ଶିକ୍ଷକ ଭାବେ ରବୀନ୍ଦ୍ର ଜେନା କାର୍ଯ୍ୟ କରିବା ପରେ ୨୦୨୦ ମସିହା ସେପ୍ଟେମ୍ବର ୩୦ ତାରିଖରେ ଅବସର ଗ୍ରହଣ କରିଥିଲେ। ଅବସର ପରେ ରବୀନ୍ଦ୍ର ଅନେକ ଥର ଆର .ଏସ. ପି ସହାୟତା ରାଶି ପାଇଁ ଘଷିପୁରା ଗୋଷ୍ଠି ଶିକ୍ଷା ଅଧିକାରୀ ଙ୍କ କାର୍ଯ୍ୟାଳୟକୁ ଆସିଥିଲେ ମଧ ସର୍ଭିସ୍ ବହି ମିଳୁ ନଥିବା କହି କୌଣସି ସୁଫଳ ମିଳିନଥିଲା ଫଳରେ ରବୀନ୍ଦ୍ର ସୋମବାର ଦିନ ଆନନ୍ଦପୁର ଉପଜିଲ୍ଲାପାଳ ନୀଳ ମାଧବ ସୁନା ଙ୍କ ନିକଟରେ ଅଭିଯୋଗ କରିଥିଲେ ।

# ସାନଘାଗରା ପିକନିକ୍ ସ୍ଥାନର ନିଲାମରେ ନିରପେକ୍ଷତା ନେଇ ଅଭିଯୋଗ

କେନ୍ଦୁଝର, ୦୯/୩ (ନି.ପ୍ର): ସାନ ଘାଗରା ପିକନିକ୍ ସ୍ଥାନର ନିଲାମ ପାଇଁ କମିଟି ଯେଉଁସବୁ ସର୍ତ୍ତ ରଖିଛି, ସେଥିରେ ସ୍ୱଚ୍ଛତା କୁ ଜଳାଞ୍ଜଳି ଦେଇ, ଏକ ଅଭିସନ୍ଧି ମୂଳକ ଏବଂ କୈଣସି ଏକ ସ୍ୱତନ୍ତ୍ର ସଂସ୍ଥା ଅବା ବ୍ୟକ୍ତି ବିଶେଷଙ୍କୁ ଆଖିରେ ରଖି, ଏପରି କରାଯାଇଛି ବୋଲି ଅଭିଯୋଗ ହେଉଛି। ସାନ ଘାଗରା ପିକନିକ୍ ସ୍ଥାନର ନିଲାମ ପାଇଁ ଇତିମଧ୍ୟରେ ବିଜ୍ଞପ୍ତି ପ୍ରକାଶ ପାଇଛି। ନିଲାମରେ ଭାଗ ନେବାକୁ ଆଗ୍ରହୀ ବ୍ୟକ୍ତି ବିଶେଷ ବା ସଂସ୍ଥା ଆଜି ସୁଦ୍ଧା ଦରଖାସ୍ତ କରି ପାରିବେ। ଯେଉଁମାନେ ଦରଖାସ୍ତ କରିବେ, ତାଙ୍କୁ - ଏକ ଲକ୍ଷ ଟଙ୍କାର ଅଣ ଫେରସ୍ତ ରାଶି ଜମା କରିବାକୁ ପଡିବ। ତା ସହିତ, ତାଙ୍କର ପୂର୍ବ ଅଭିଜ୍ଞତା ଥିବାର ଏକ ପ୍ରମାଣପତ୍ର ଦାଖଲ କରିବାକୁ ହେବ। ସେ କୈାଣସି ସରକାରୀ ବା ଅର୍ଦ୍ଧ ସରକାରୀ ସଂସ୍ଥା ଦ୍ୱାରା କଳା ତାଲିକାଭୁକ୍ତ ହୋଇ ନଥିବେ। ବିଗତ ତିନି ବର୍ଷ ମଧ୍ୟରେ ତାଙ୍କର ହାରାହାରି ବାର୍ଷିକ ଦଶ ଲକ୍ଷ ଟଙ୍କାର କାରବାର ଥିବା ଦରକାର। ଏସବୁ ବାଦ୍, ଅନ୍ୟ ଏକ ସର୍ତ୍ତ ରଖାଯାଇଛି, ଯାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଏ ସର୍ତ୍ତ ଅନୁସାରେ, ଦରଖାସ୍ତ କାରୀ ଚଳିତ ମାସ ଦଶ ତାରିଖ ଦିନ ପିକନିକ୍ ସ୍ଥାନର ଉନ୍ନତି ଉଦେଶ୍ୟରେ ତାଙ୍କର କ'ଣ ସ୍ୱତନ୍ତ୍ର ପ୍ରସ୍ତାବ, କଳ୍ପନା ଓ ଆଭିମୁଖ୍ୟ ରହିଛି, ତା'ର ଏକ ମୌଖିକ ଚିତ୍ର ରଖିବେ। ଏ ଚିତ୍ର ଉପସ୍ଥାପନାରେ କମିଟି ଯେଉଁମାନଙ୍କୁ ସଫଳ ଘୋଷିତ କରିବ, ସେହିମାନେହିଁ ନିଲାମରେ ଭାଗ ନେଇ ପାରିବେ। ନିଲାମରେ ଅଶୀ ଲକ୍ଷ ଟଙ୍କା ସର୍ବନିମ୍ନ ମୂଲ୍ୟ ରଖାଯାଇଛି। ଏହା ଖୋଲା ନିଲାମ ଅର୍ଥାତ୍ ଡାକରେ ସ୍ଥିର ହେବ। ଦରଖାସ୍ତକାରୀ ମାନେ ଏ ଯେଉଁ ମୌାଖିକ ପ୍ରସ୍ତାବ, ଆଭିମୁଖ୍ୟ ରଖିବେ, ତା'ର ତର୍ଜମା କେତେ ନିରପେକ୍ଷ ହେବ ? ଏହା କାହିଁକି ଲିଖିତ ହେବ ନାହିଁ ? ଏହା କାହିଁକି ଜଉମୁଦ ଲଫାପାରେ ଦାଖଲ ହେବ ନାହିଁ? କେଉଁ ଦରଖାସ୍ତ କାରୀ କ'ଣ ଉପସ୍ଥାପନା କଲେ, କିଏ କ'ଣ ପାଇଁ ବିଫଳ ହେଲେ, ତାର ନିରପେକ୍ଷତା କ'ଣ ଓ କିପରି ରହିବ ବୋଲି ଅଭିଯୋଗ କରିଛନ୍ତି ସଚେତନ ନାଗରିକ ଦେବବ୍ରତ ପଟ୍ଟନାୟକ। ଏନେଇ ସେ ଏକ ଲିଖିତ ଅଭିଯୋଗ ମଧ ଜିଲ୍ଲାପାଳଙ୍କୁ ଜଣାଇଛନ୍ତି। ଜିଲ୍ଲାର କେତେକ ସଚେତନ ନାଗରିକଙ୍କ କହିବା ଅନୁଯାୟୀ, ଏହା ଯେତେବେଳେ ଏକ ସରକାରୀ ସଂସ୍ଥା, ସରକାର ତାଙ୍କ ହିସାବରେ ଏହାର ଉନ୍ନତି ଓ ରକ୍ଷଣା ବେକ୍ଷଣ କରିବେ ଏବଂ ଠିକାଧାରୀ କେବଳ ସରକାରୀ ସର୍ତାବଳୀର ଅନୁପାଳନ କରିବେ, ସେତେବେଳେ ତାଙ୍କଠାରୁ ଏପରି ପ୍ରସ୍ତାବ ଚାହିଁବା କେତେ ସମୀଚୀନ। ଏଥିପାଇଁ କମିଟିର ସ୍ୱଚ୍ଛତା ଉପରେ ପ୍ରଶ୍ନ ଉଠିଛି। ଜିଲ୍ଲାପାଳ ଏଥିରେ ହସ୍ତକ୍ଷେପ କରିବାକୁ ଦାବି କରିଛନ୍ତି ଦେବବ୍ରତ ପଟ୍ଟନାୟକ।

# ମଇଦାନକେଲଠାରେ ହିଂସା ବିରୋଧୀ ଏକତା ଅଭିଯାନ

କେନ୍ଦୁଝର, ୦୯/୩ (ନି.ପ୍ର): ପ୍ରଗତି ଫାଉଣ୍ଡେସନ ଟ୍ରଷ୍ଟ, ମଇଦାନ କେଲ ଓ ଗ୍ରାହକ କଲ୍ୟାଣ ଏବଂ ଆଇନ ଗତ ଅନୁପାଳନ କମିଶନ ସହାୟତାରେ ମଇଦାନ କେଲ ହାଟପଡ଼ିଆ ଠାରେ ଏକଦିବସୀୟ ' ହିଂସା ବିରୋଧୀ ଏକତା ଅଭିଯାନ 'ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ନିଲିମା ଆର ପାତ୍ର ରାଜ୍ୟ ନିର୍ଦ୍ଦେଶକ, ଗ୍ରାହକ କଲ୍ୟାଣ ଏବଂ ଆଇନ ଗତ ଅନୁପାଳନ କମିଶନ, ନମିତା ବଳ ସଭାପତି ବସୁଧା ଫାଉଣ୍ଡେସନ, ସମ୍ମାନୀୟ ଅତିଥିଭାବେ ଅଧିବକ୍ତା ଜଗଜିତା ଦାଶ ସଭାପତି କେନ୍ଦୁଝର ଡେଭଲପମେଂଟ ଟ୍ରଷ୍ଟ , ଅଧିବକ୍ତା ରାଜକିଶୋର ଭୂୟାଁ, ଭାଗିରଥି ସିଂହ ସରପଂଚ ମଇଦାନ କେଲ, କଳ୍ପନା ମହାନ୍ତ ନାଏବ ସରପଂଚ ମଇଦାନକେଲ, ତପସ୍ୱିନୀ ବଳ ସଭାନେତ୍ରୀ, ମୁର୍ଗାବତୀ ବେହେରା ସମାଜସେବୀ, ହିଂସା ବିରୋଧୀ ଅଭିଯାନର ନେତ୍ରୀ କଳ୍ପନା ନାଏକ ପ୍ରମୁଖ ଯୋଗଦେଇ ହିଂସା ବିରୋଧୀ ଏକତା ଅଭିଯାନ ଉପରେ ଆଲୋକପାତ କରିଥିଲେ। ପ୍ରଗତି ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ଅତିଥି ମାନଙ୍କୁ ପୁଷ୍ପଗୁଚ୍ଛ, ଫଳଚାରା ଓ ଉତରୀୟ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମ ଆରମ୍ଭରେ କେନ୍ଦୁଝର ଅଧିଷ୍ଠାତ୍ରୀ ଦେବୀ 'ମା ତାରିଣୀ'ଙ୍କୁ ଅତିଥି ମାନେ ଧୂପଦୀପ ପ୍ରଦାନ କଲା ପରେ ହାଟପଡ଼ିଆରୁ ପଂଚାୟତ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏକ ' ହିଂସା ବିରୋଧୀ ଏକତା ଅଭିଯାନ ' ରାଲି ବିଭିନ୍ନ ଗ୍ରାମ ପରିକ୍ରମା କରି ହାଟ ପଡିଆ କୁ ଫେରିଆସିଥିଲା। ମା ଭଉଣୀ ଏକ ହୁଅ, ମହିଳା ହିଂସା ଦୁରେଇ ଦିଅ ', 'ଅଜକା ନାରୀ କୈସେ ହେଁ, ଝାନ୍ସୀ ରାଣୀ ଜୈସେ ହେଁ ', 'ଆଜିର ନାରୀ କେମିତି, ତୁଳସୀ ମୁଣ୍ଡା ଯେମିତି ', ଭଳି ହିଂସା ବିରୋଧୀ ସ୍ଲୋଗାନ ମହିଳା ମାନେ ଦେଇଥିଲେ । ଓଡିଶା ଗାନ୍ଧୀ ବିଚାର ପରିଷଦ ର ସଭାପତି ଶ୍ରୀ ଭକ୍ତ ବତ୍ସଳ ମହାନ୍ତି ମାନବସମ୍ବଳ ଭାବରେ ଯୋଗଦେଇ ଗାନ୍ଧିଜୀଙ୍କ ଅହିଂସା ବିଚାର, ମହିଳାଙ୍କ ପାଇଁ ପାରିବାରିକ ହିଂସା ସୁରକ୍ଷା ଆଇନ -୨୦୦୫, ବାଲ୍ୟ ବିବାହ ନିଷେଧ ଆଇନ -୨୦୦୬, ଯୌନ ଅପରାଧରୁ ଶିଶୁମାନଙ୍କ ର ସୁରକ୍ଷା ଆଇନ - ୨୦୧୨, କାର୍ଯ୍ୟକ୍ଷେତ୍ରରେ ମହିଳା ଯୌନ ଶୋଷଣ ନିଷେଧ ଆଇନ - ୨୦୧୩, ଯୌତୁକ ବିରୋଧ ଆଇନ, ଭୃଣ ନିରୂପଣ ନିଷେଧ ଆଇନ, କିଶୋର ନ୍ୟାୟ ( ଶିଶୁ ମାନଙ୍କ ଯତ୍ନ ଓ ସୁରକ୍ଷା ) ଅଧିନିୟମ - ୨୦୧୫ ଇତ୍ୟାଦି ପ୍ରଶ୍ନଉତର ମାଧ୍ୟମରେ ପ୍ରାଞ୍ଜଳ ଭାବରେ ବୁଝାଇଥିଲେ । ଏହି କାର୍ଯ୍ୟକ୍ରମ ରେ ସତ୍ୟଜିତ ମିଶ୍ର, ପ୍ରଗତି ଫାଉଣ୍ଡେସନ ଟ୍ରଷ୍ଟ ସମ୍ପାଦିକା ଶ୍ରୀ ମତୀ ରଞ୍ଜୁଲତା ମହାନ୍ତ, ସଭାପତି ଶ୍ରୀ ସୁଶାନ୍ତ କୁମାର ମହାନ୍ତ, ଉପସଭାପତି ଶ୍ରୀ ମତୀ କାଂଚନ ବାଳା ମହାନ୍ତ ପରିଚାଳନାରେ ସହଯୋଗ କରିଥିଲେ। କେନ୍ଦୁଝର ଡେଭଲପମେଂଟ ଟ୍ରଷ୍ଟ, ବସୁଧା ଫାଉଣ୍ଡେସନ, ଆନ୍ତରିକ୍ଷ ଫାଉଣ୍ଡେସନ, ଜନ ଚେତନା ଫାଉଣ୍ଡେସନ, ସିନ୍ଦୁର ଗୌରୀ ବନଧନ ବିକାଶ କେନ୍ଦ୍ର, ସ୍ୱସ୍ତି ଫାଉଣ୍ଡେସନ, ନେସନାଲ ୟୁଥ ଫାଉଣ୍ଡେସନ, ସ୍ୱୟଂ ସହାୟକ ଗୋଷ୍ଠୀ ର ସଦସ୍ୟକ୍ଷ ଓ ବିଦ୍ୟାଳୟ ର ୪୦୦ ରୁ ଉର୍ଦ୍ଧ ପ୍ରତିନିଧି ଅଂଶ ଗ୍ରହଣ କରିଥିଲେ।

# ବିଶ୍ୱ ମହିଳା ଦିବସରେ ବିଧବା ମହିଳାଙ୍କ ହାତ ଧରିଲେ ତ୍ରିଲୋଚନ



ତିହିଡ଼ି , ୦୯/୩ (ନି.ପ୍ର): ବିଶ୍ୱ ମହିଳା ଦିବସ ଦିବସ ରେ ସମାଜସେବୀ ତଥା ସାମ୍ବାଦିକ ତ୍ରିଲୋଚନ ଜଣେ ଅସହାୟ ଝିଅ କୁ ନିଜ ଜୀବନ ସାଥି ଭାବେ ଗ୍ରହଣ କରିଛନ୍ତି। ବାଲେଶ୍ୱର ଜିଲ୍ଲା ଖନ୍ତାପଡା ନିବାସୀ ଗୟାଧର ମହାଳିକ ଝିଅ ସୁମିତ୍ରା ମହାଳିକ ଙ୍କୁ ସେ ବିବାହ କରିଛନ୍ତି। ତେବେ ସୁମିତ୍ରା ଯେତେବେଳେ ଛୋଟ ହୋଇଥିଲେ ସେତେବେଳେ ତାଙ୍କର ମାଆଙ୍କର କ୍ୟାନ୍ସର ରୋଗ ରେ ମୃତ୍ୟୁ ହୋଇଯାଇଥିଲା। ପରେ ତାଙ୍କର ବାପା ୨୦୨୨ ମସିହାରେ ତାଙ୍କୁ ଏକ ସ୍ଥାନରେ ବିବାହ କରାଇ ଥିଲେ କିନ୍ତୁ ବିଡମ୍ବନା ର ବିଷୟ ବାହାଘର ର ମାତ୍ର ୫ ମାସ ମଧ୍ୟ ରେ ତାଙ୍କ ସ୍ୱାମୀ ଙ୍କର ଦେହାନ୍ତ ହୋଇଯାଇଥିଲା। ସେବେ ଠାରୁ ସୁମିତ୍ରା ସମ୍ପୂର୍ଣ ଭାଙ୍ଗି ପଡ଼ିଥିଲେ ଏବଂ ତାଙ୍କ ମୁହଁ ରୁ ହସ ଲିଭି ଯାଇଥିଲା। ପରେ ଏହିକଥା ଯେତେ ବେଳେ ତ୍ରିଲୋଚନ ଜାଣିଲେ ସେ ଚିନ୍ତା କଲେ ଜଣେ ଅସହାୟ ମହିଳା ଙ୍କ ମୁହଁ ରେ ହସ ଫୁଟାଇବା ପାଇଁ ତାଙ୍କ ତରଫ ରୁ ସେ ପ୍ରସ୍ତାବ ଦେଲେ ସୁମିତ୍ରା ଙ୍କୁ ବିବାହ କରିବାକୁ। ପରେ ତ୍ରିଲୋଚନ ଙ୍କ ପରିବାର ଓ ସୁମିତ୍ରା ପରିବାର ଏକାଠି ହୋଇ ନିଷ୍ପତ୍ତି ନେଲେ ଦୁଇ ଜଣ ଙ୍କୁ ବିବାହ କରିବାକୁ। ମାର୍ଚ୍ଚ ୮ ତାରିଖ ବିଶ୍ୱ ମହିଳା ଦିବସ ରେ ବୈଦିକ ରୀତିରେ ଦୁଇ ଜଣଙ୍କ ର ବିବାହ ସମ୍ପନ୍ନ ହୋଇଛି। ଏ ସମ୍ପର୍କ ତ୍ରିଲୋଚନ ଙ୍କୁ ପଚାରିଲେ ସେ କୁହନ୍ତି ଯଦି ଜଣେ ପୁରୁଷ ଲୋକ ର ସ୍ତ୍ରୀ ଙ୍କ ମୃତ୍ୟୁ ହୋଇଗଲେ ସେ ଦ୍ୱିତୀୟ ବିବାହ କରି ପାରୁଛନ୍ତି। ତେବେ ଜଣେ ବାହାଘର ର ମାତ୍ର ୫ ମାସ ପରେ ତାଙ୍କ ସ୍ୱାମୀ ଙ୍କର ମୃତ୍ୟୁ ହୋଇ ଯାଇଛି। ତେବେ ସେ କାହିଁକି ବିବାହ କରିପାରିବେନି। ତେଣୁ ସମାଜ ରେ ସମସ୍ତ ଙ୍କୁ ସମାଜ ର ମୁଖ୍ୟ ସ୍ରୋତ ରେ ସାମିଲ୍ କରିବାର ଅଛି। ଏବଂ ଜଣେ ଅସହାୟ ଦୁଃଖିନି ଝିଅଟିର ମୁହଁ ରେ ହସ ଫୁଟାଇବା ପାଇଁ ମୁଁ ଏହି ବିବାହ କରିଛି ବୋଲି କହିଛନ୍ତି ତ୍ରିଲୋଚନ। ଏହି ଭଳି ଏକ ମହତ କାର୍ଯ୍ୟ ରେ ବାପା ଅନାଦି ମହାଳିକ, ମା ମିନତୀ ମହାଳିକ, ଭାଇ ପ୍ରଦୀପ ମହାଳିକ ତଥା ସମସ୍ତ ପରିବାର ବର୍ଗ, ସାଙ୍ଗ, ସାଥି ତାଙ୍କୁ ଉତ୍ସାହିତ କରିଥିବାରୁ ସେ ସମସ୍ତଙ୍କୁ ଧନ୍ୟବାଦ ଦେଇଛନ୍ତି। ତେବେ ଏହି ପରିପ୍ରେକ୍ଷୀରେ ରେ ତ୍ରିଲୋଚନ ଓ ତାଙ୍କ ସ୍ତ୍ରୀ ସୁମିତ୍ରା ବିବାହ ପରେ ଯୋଗୀ ଋଷି ଲକ୍ଷ୍ମଣ ଦାସ ଅନାଥ ଆଶ୍ରମ ରେ ପହଞ୍ଚି ସାମର୍ଥ୍ୟ ଅନୁଯାୟୀ କିଛି ଆର୍ଥିକ ସହାୟତା କରିଥିଲେ। ପରେ ପତିତପାବନ ବୃଦ୍ଧା ଆଶ୍ରମ ଯାଇ ବୁଢ଼ା ବାପା ମା ଙ୍କ ଆଶ୍ରିପାଦ ନେଇ ତାଙ୍କୁ ମଧ୍ୟ କିଛି ଆର୍ଥିକ ସହାୟତା କରିଥିଲେ ଏବଂ ଚାରା ବଣ୍ଟନ କରିଥିଲେ। ତେବେ ଛାତ୍ର ଜୀବନ ରୁ ତ୍ରିଲୋଚନ ସବୁ ବେଳେ ସାମାଜିକ କାର୍ଯ୍ୟ ବେସ୍ତ ରହିଥାନ୍ତି। ଚାରା ରୋପଣ, ଜଳ ଛତ୍ର, କମ୍ବଳ ବଣ୍ଟନ, ବନ୍ୟା ବାତ୍ୟା ବିପନ୍ନ ଙ୍କୁ ସହାୟତା ସବୁଠାରୁ ବଡ଼ କଥା ହେଉଛି ୨୦୧୯ ମସିହାର ତ୍ରିଲୋଚନ ଯକ୍ଷ୍ମା ରୋଗ ର ସଚେତନତା ବାର୍ତ୍ତା ନେଇ ସାଇକେଲ ରେ ଭାରତ ଭ୍ରମଣ କରିଥିଲେ। ତେବେ ଏହି ବିଧବା ମହିଳାଙ୍କୁ ପୁନଃ ବିବାହ କରିଥିବାରୁ ତ୍ରିଲୋଚନ ଙ୍କୁ ବିଭିନ୍ନ ମହଲ ରୁ ପ୍ରଶଂସା ମିଳୁଥିବା ଜାଣିବାକୁ ମିଳିଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ଗ୍ୟାସ ପରେ ମହଙ୍ଗା ...

ଏଲପିଜି ପରେ ବୃଦ୍ଧି ପାଇଛି ଖାଇବା ତେଲ ରିଫାଇନ୍ ଓ ପାମୋଲିନ୍ ଦର । ଗତ ସପ୍ତାହରେ ରିଫାଇନ୍ ତେଲ ଲିଟର ୧୬୦ ଟଙ୍କାରେ ବିକ୍ରି ହେଉଥିବା ବେଳେ ଏବେ ୧୭୦ ଟଙ୍କାରେ ପହଞ୍ଚିଛି । ହୋଲସେଲ୍‌ରେ ରିଫାଇନ୍ ତେଲ ୩ରୁ ୪ଟଙ୍କା ବଢ଼ିଥିବା ବେଳେ ପାମୋଲିନ୍ ତେଲ ୨ରୁ ୩ଟଙ୍କା ବଢ଼ିଛି । ଖୁଚୁରାରେ ରିଫାଇନ୍ ଲିଟର ପିଛା ୮ରୁ ୧୦ ଟଙ୍କା ବଢ଼ିଥିବା ବେଳେ ପାମୋଲିନ୍ ୫ରୁ ୬ ଟଙ୍କା ବଢ଼ିଛି । ବଜାରରେ ରିଫାଇନ୍ ତେଲର ୩୦ରୁ ୪୦ ପ୍ରତିଶତ ଅଭାବ ଦର ବୃଦ୍ଧି ପଛର ମୁଖ୍ୟ କାରଣ ବୋଲି କୁହାଯାଉଛି । ରିଫାଇନ୍ ତେଲ ମାଲେସିଆ, ସିଙ୍ଗାପୁର ଆଦିରୁ ଆସୁଥିବା ବେଳେ ପାମୋଲିନ୍ ତେଲ ଇଣ୍ଡୋନେସିଆରୁ ଆସିଥାଏ । ମଧ୍ୟପ୍ରାଚ୍ୟ ଯୁଦ୍ଧ ଯୋଗୁଁ ଆମଦାନୀ ପ୍ରଭାବିତ ହୋଇଛି । ଓଡ଼ିଶା ବଜାରରେ ଦୈନିକ ୧୦୦୦ରୁ ୧୨୦୦ ଟନ୍ ରିଫାଇନ୍ ଓ ପାମୋଲିନ୍ ତେଲର ଆବଶ୍ୟକତା ରହିଛି ।

### ଥମୁନି ମହାଯୁଦ୍ଧ: ଇରାନ ...

ଇରାନକୁ କଳା ଧୂଆଁ ଡରାଉଥିବା ବେଳେ, ଲେବାନନବାସୀଙ୍କ ନିଦ ହଜାଇଛି ଧଳା ଫସଫରସ । ଯୁଦ୍ଧରେ ନିଷିଦ୍ଧ ଧଳା ଫସଫରସ ଅସ୍ତ୍ର ପ୍ରୟୋଗ କରି ଇସ୍ରାଏଲ୍ ଯୁଦ୍ଧ ନିୟମ ଉଲ୍ଲଂଘନ କରିଥିବା ଅଭିଯୋଗ ହୋଇଛି । ୮ଶହ ଡିଗ୍ରୀ ଉତ୍ତାପ ବିଶିଷ୍ଟ ଏହି ରାସାୟନିକ ପଦାର୍ଥ ହାଡ଼ ମାଂସକୁ ବି ତରଳାଇ ଦିଏ । ଲେବାନନରେ ଏବେ ସୁଦ୍ଧା ୪ଶହ ମୃତ୍ୟୁ ଘଟିଥିବା ବେଳେ ଇରାନରେ ୧୩ଶହ ଜଣଙ୍କ ଜୀବନ ଗଲାଣି । ସେପଟେ ୧୦ ଦିନର ଯୁଦ୍ଧରେ ଇରାନର ୨୫ଟି ହସ୍ପିଟାଲ ଧ୍ୱଂସ ହେବାକୁ ନେଇ ଗଭୀର ଚିନ୍ତା ପ୍ରକଟ କରିଛି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ । ମଧ୍ୟପ୍ରାଚ୍ୟ ଯୁଦ୍ଧ ପ୍ରସଙ୍ଗରେ ଭାରତ ସରକାରଙ୍କ ଆଭିମୁଖ୍ୟକୁ ଆଜି ସଂସଦରେ ରଖିଛନ୍ତି ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍.ଜୟଶଙ୍କର ।

### ଯୁଦ୍ଧର ପ୍ରଭାବ: ଡଲାର ...

ତେଲ ମହଙ୍ଗା ହେଉଥିବାରୁ ଆମଦାନୀକାରୀଙ୍କୁ ଅଧିକ ଡଲାର ଦରକାର ପଡ଼ିବ। ଏଥି ସହିତ ସେହି ବିଦେଶୀ ମୁଦ୍ରାର ଚାହିଦା ବଢ଼ିବ। ଚାହିଦା ବଢ଼ିଲେ ଦର ବଢ଼ିବ। ଡଲାର ମହଙ୍ଗା ହେବା ଭାରତ ଭଳି ଆମଦାନୀ ନିର୍ଭରଶୀଳ ଦେବା ପାଇଁ ବେଶ୍ କ୍ଷତିକାରକ। ପ୍ରଥମତଃ ଏହା ଦେଶର ଆମଦାନୀ ଖର୍ଚ୍ଚ ବଢ଼ାଇବ। ଦ୍ୱିତୀୟରେ ଭାରତୀୟ ରିଜର୍ଭ ବ୍ୟାଙ୍କର ଗଚ୍ଛିତ ବୈଦେଶିକ ମୁଦ୍ରା ଭଣ୍ଡାରରେ ଚାପ ସୃଷ୍ଟି କରିବ। ତୃତୀୟତଃ ଅଧିକ ଦାମ୍‌ରେ ଜିନିଷ ଦେଶ ଭିତରକୁ ଆସିଲେ ତାହା ଏଠାରେ ସେହିଭଳି ଅଧିକ ଦରରେ ବିକ୍ରି ହେବ। ତେଣୁ ଡଲାର ତୁଳନାରେ ଟଙ୍କା ଦୁର୍ବଳ ହେବା ଦ୍ୱାରା ଦେଶରେ ଦରଦାମ୍ ସ୍ଥିତି ବେଲଗାମ ହୋଇପଡ଼ିବା ଆଶଙ୍କା ରହିଛି।

# ବେତନଟୀ ଡାକ୍ତରଖାନାରେ ଶିଶୁରୋଗ ବିଶେଷଜ୍ଞଙ୍କ ଯୋଗଦାନ: ବିଧାୟକଙ୍କୁ ଧନ୍ୟବାଦ ଦେଲେ ଅଞ୍ଚଳବାସୀ

ବେତନଟୀ, ୯/୩(ନି.ପ୍ର) : ଓଡିଶା ସରକାରଙ୍କର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ନିର୍ଦ୍ଦେଶକ୍ରମେ ରାଜ୍ୟର ବିଭିନ୍ନ ଡାକ୍ତରଖାନା ମାନଙ୍କରେ ୧୯୩ ଜଣ ବିଭିନ୍ନ ବିଭାଗର ବିଶେଷଜ୍ଞଙ୍କ ସମେତ ଡାକ୍ତରମାନଙ୍କର ନିଯୁକ୍ତି ନେଇ ବିଜ୍ଞପ୍ତି ପ୍ରକାଶ ପାଇଥିବା ବେଳେ ଏହି ପରିପ୍ରେକ୍ଷୀରେ ବେତନଟୀ ଡାକ୍ତରଖାନାରେ ଶିଶୁରୋଗ ବିଶେଷଜ୍ଞ ଭାବେ ଆଜି କାର୍ଯ୍ୟରେ ଯୋଗଦେଲେ ଡ. ସତ୍ୟନାରାୟଣ ପାତ୍ର । ପୂର୍ବରୁ ବେତନଟୀ ଡାକ୍ତରଖାନାରେ ଭେଷଜ (ମେଡିସିନ), ଶଲ୍ୟ (ସର୍ଜରୀ) ଏବଂ ସ୍ତ୍ରୀ ଓ ପ୍ରସୂତୀ ବିଭାଗର ବିଶେଷଜ୍ଞ ଡାକ୍ତରଙ୍କୁ ନିଯୁକ୍ତି ଦିଆଯାଇଥିବା ବେଳେ ଜଣେ ଶିଶୁରୋଗ ବିଶେଷଜ୍ଞଙ୍କୁ ନିଯୁକ୍ତି ପାଇଁ ଅଞ୍ଚଳବାସୀଙ୍କ ଦାବି ରହିଆସିଥିଲେ । ଅଞ୍ଚଳବାସୀଙ୍କ ଦାବିକୁ ପ୍ରାଥମିକତା ଦେଇ ବଡସାହି ମାନ୍ୟବର ବିଧାୟକ ସନାତନ ବିଜୁଳି ଏନେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ମନ୍ତ୍ରୀ ଡ. ମୁକେସ ମହାଲିଙ୍ଗଙ୍କ ସହିତ ଆଲୋଚନା ପୂର୍ବକ ଦୃଷ୍ଟିଆକର୍ଷଣ କରିଥିଲେ । ଶେଷରେ ଓଡିଶା ସରକାରଙ୍କର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏନେଇ ବିଧିବଦ୍ଧ ଭାବରେ ନିଯୁକ୍ତି ବିଜ୍ଞପ୍ତି ପ୍ରକାଶ ପାଇଛି । ତଦନୁଯାୟୀ ଆଜି ବେତନଟୀ ଡାକ୍ତରଖାନରେ ଶିଶୁରୋଗ ବିଶେଷଜ୍ଞ ଭାବେ ଡ. ସତ୍ୟନାରାୟଣ ପାତ୍ର କାର୍ଯ୍ୟରେ ଯୋଗ ଦେଇଛନ୍ତି । ଶିଶୁରୋଗ ଭଳି ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗରେ ଜଣେ ବିଶେଷଜ୍ଞଙ୍କୁ ନିଯୁକ୍ତି ଦିଆଯାଇଥିବାରୁ ଅଞ୍ଚଳବାସୀ ମାନ୍ୟବର ବିଧାୟକ ସନାତନ ବିଜୁଳିଙ୍କ ଉଦ୍ୟମକୁ ପ୍ରଶଂସା କରିବା ସହିତ ସ୍ୱାଗତ ଜଣାଇଛନ୍ତି ।

# ୨୮ରେ ଓକିଲ ସଂଘ ନିର୍ବାଚନ ୩୨ ପ୍ରାର୍ଥୀଙ୍କ ନାମାଙ୍କନ ଦାଖଲ

ଜୟପୁର, ୦୯/୩ (ନି.ପ୍ର): ଜୟପୁର ଓକିଲ ସଙ୍ଘ ନିର୍ବାଚନ ପାଇଁ ଗତ ୭ ତାରିଖ ଠାରୁ ଆରମ୍ଭ ହୋଇଥିବା ନାମାଙ୍କନ ପତ୍ର ଦାଖଲ ଆଜି ସମାପ୍ତ ହୋଇଛି। ଏଥିପାଇଁ ମୋଟ ୩୨ ଜଣ ନାମାଙ୍କନ ଦାଖଲ କରିଛନ୍ତି। ନିର୍ବାଚନ ଅଧିକାରୀ ଭାବେ ବରିଷ୍ଠ ଆଇନଜୀବୀ ଶଶାନନ୍ଦ ମିଶ୍ରଙ୍କ ନିକଟରେ ପ୍ରାର୍ଥୀ ନାମାଙ୍କନ ଦାଖଲ କରିଥିଲେ।
ସଭାପତି ପାଇଁ ୨ ଉପ ସଭାପତି ପାଇଁ ୩ , ସଂପାଦକ ପଦ ନିମନ୍ତେ ୨ଟି, ଯୁଗ୍ମ ସମ୍ପାଦକ ପାଇଁ ୩, କୋଷାଧ୍ୟକ୍ଷ ପାଇଁ ୨, ଓ କାର୍ଯ୍ୟକାରି ସଦସ୍ୟ ପାଇଁ ୯ଟି ନାମାଙ୍କନ ପତ୍ର ଦାଖଲ କରାଯାଇଥିବା ସୂଚନା ମିଳିଛି। ନାମାଙ୍କନ ପତ୍ର ଗ୍ରହଣ କରିବାରେ ଆଇନଜୀବୀ ଦିନେଶ ନନ୍ଦ, ସୁନିଲ ମହାନ୍ତି, ଗୀତାଞ୍ଜଳୀ ଧଳ, ରବି ପଣ୍ଡା, ଜ୍ୟୋତିରଞ୍ଜନ ପୂଜାରୀ,ପଦ୍ମିନୀଦାସ ସହଯୋଗ କରିଛନ୍ତି।

# ବ୍ଲକସ୍ତରୀୟ ପଞ୍ଚାୟତ ଉନ୍ନୟନ ଯୋଜନା ସମ୍ପର୍କିତ କର୍ମଶାଳା

ବେତନଟୀ , ୦୯/୩ (ନି.ପ୍ର): ବେତନଟୀ ବ୍ଲକ ସଭାଗୃହରେ ପଞ୍ଚାୟତ ଉନ୍ନୟନ ଯୋଜନା ସମ୍ପର୍କିତ ବ୍ଲକସ୍ତରୀୟ କର୍ମଶାଳା ଆଜି ଉଦଯାପିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବରେ ବେତନଟୀ ବ୍ଲକ ବିଡ଼ିଓ ସୁଶାନ୍ତ କୁମାର ସୁତାର ଯୋଗଦାନ କରିଥିଲେ । ବେତନଟୀ ବ୍ଲକ ପେସା ସଂଯୋଜକ ଜ୍ୟୋତିପ୍ରକାଶ ମହାନ୍ତଙ୍କ ସଂଯୋଜନା ଏବଂ ପରିଚାଳନାରେ ଆୟୋଜିତ ବ୍ଲକସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ପଞ୍ଚାୟତ ଉନ୍ନୟନ ଯୋଜନା ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା । ପଞ୍ଚାୟତସ୍ତରରେ ସମସ୍ତ ସରକାରୀ ଯୋଜନାର ସଫଳ ରୂପାୟନ ଦ୍ୱାରା କିଭଳି ଉନ୍ନତ ଏବଂ ସମୃଦ୍ଧ ପଞ୍ଚାୟତ ଗଠନ ହୋଇପାରିବ ସେନେଇ ସେନେଇ ଗୁରୁତ୍ୱାରୋପ କରାଯାଇଥିଲା । ଏଥିରେ ମିଶନ ଶକ୍ତି, ଓଡିଶା ଜୀବିକା ମିଶନର କାର୍ଯ୍ୟକର୍ତ୍ତା ଏବଂ ମହିଳାଙ୍କ ସମେତ ପଞ୍ଚାୟତ ନିର୍ବାହୀ ଅଧିକାରୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ । ଏଥିରେ ବେତନଟୀ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ରୁଦ୍ର ନାରାୟଣ ସିଂହ, ବ୍ଲକ ଯୋଗାଣ ଅଧିକାରୀ ଅଶୋକ ବେହେରା ପ୍ରମୁଖ ଆବଶ୍ୟକ ପ୍ରଶିକ୍ଷଣ ଦେଇଥିଲେ । ଶେଷରେ ଜ୍ୟୋତିପ୍ରକାଶ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

# ଫ୍ୟୁଚର ବାଲେଶ୍ୱର ସଂଗଠନ ପକ୍ଷରୁ ପାଳିତ ହେଲା ଆନ୍ତର୍ଜାତିକ ମହିଳା ଦିବସ




ବାଲେଶ୍ୱର, ୦୯/୩ (ନି.ପ୍ର): ଅଗ୍ରଣୀ ସାମାଜିକ ସଂଗଠନ ଫ୍ୟୁଚର ବାଲେଶ୍ୱର ପକ୍ଷରୁ ଆନ୍ତର୍ଜାତିକ ମହିଳା ଦିବସ ମିଶନ କମ୍ପାଉଣ୍ଡ ସ୍ଥିତ ସେଂଟ ଜନ୍ ନର୍ସିଂ ଓ ପାରାମେଡିକାଲ କଲେଜର ସଦଭାବନା ଗୃହରେ ପାଳିତ ହୋଇଯାଇଛି । ସଂଗଠନର ସଭାପତି ଆଇନଜୀବି ବିଜୟ ପାଣିଗ୍ରାହୀ ଏଥିରେ ଅଧ୍ୟକ୍ଷତା କରିବା ସହିତ ଚଳିତ ବର୍ଷର ଶୀର୍ଷକ 'ମହିଳାଙ୍କ ପାଇଁ ଅଧିକାର, ନ୍ୟାୟ ଏବଂ କାର୍ଯ୍ୟାନୁଷ୍ଠାନ' ସମ୍ପର୍କରେ ଆଲୋକପାତ କରିଥିଲେ । ଏହା ସହିତ ବାଲେଶ୍ୱରରେ ଅବିଳମ୍ବେ ମହିଳା ଥାନା ଓ ଅତିରିକ୍ତ ପରିବାର ଅଦାଲତ ଖୋଲିବା ନିମନ୍ତେ ଦାବି ଉପସ୍ଥାପନ କରିଥିଲେ । ବାଲେଶ୍ୱରରେ ଅବସ୍ଥାପିତ ଡିଏସପି ପ୍ରେମପ୍ରଜ୍ଞା ମହାନ୍ତି ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମହିଳାଙ୍କ ପାଇଁ ଉଦ୍ଦିଷ୍ଟ ନ୍ୟାୟ ପ୍ରକ୍ରିୟା ସମ୍ପର୍କରେ ଆଲୋଚନା କରିଥିଲେ । କୌଣସି ବିପରୀତ ପରିସ୍ଥିତିରେ ଡରି ନ ଯାଇ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ, ସ୍ଥାନୀୟ ପୋଲିସ ତଥା ଅଦାଲତଙ୍କ ସହାୟତା ନେବାକୁ ଉପସ୍ଥିତ କଲେଜ ଛାତ୍ରୀମାନଙ୍କୁ ଶ୍ରୀମତୀ ମହାନ୍ତି ପରାମର୍ଶ ଦେଇଥିଲେ । ଆଇନଜୀବି ରୋଜାଲିନ ପାଣିଗ୍ରାହୀ ଏଥିରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ଭାରତୀୟ ନ୍ୟାସ ସଂହିତାରେ ମହିଳାଙ୍କୁ ସୁରକ୍ଷା ଓ ନ୍ୟାୟ ପ୍ରଦାନ ପାଇଁ ରହିଥିବା ବିଭିନ୍ନ ବିଧି ବ୍ୟବସ୍ଥା ଉପରେ ଆଲୋଚନା କରିଥିଲେ । ନିର୍ଯ୍ୟାତନାର ଶିକାର ହେଉଥିବା ମହିଳା ଚୁପ୍ ରହିବା ପରିବର୍ତ୍ତେ ଆଇନ ଅନୁଯାୟୀ ସ୍ୱର ଉତୋଳନ କରିବାକୁ ଆଇନଜୀବି ସୁଶ୍ରୀ ପାଣିଗ୍ରାହୀ ପରାମର୍ଶ ଦେଇଥିଲେ । ସେଂଟ ଜନ୍ ନର୍ସିଂ ଓ ପାରାମେଡିକାଲ କଲେଜର ଅଧ୍ୟକ୍ଷା ଜେନିଫର ବାରି, ଅଧ୍ୟାପିକା ସୋହିନୀ ରାୟ, ଆଇନଜୀବି ଜ୍ୟୋସ୍ନା ମହାନ୍ତି ପ୍ରମୁଖ ଏଥିରେ ସମ୍ମାନୀତ ଅତିଥିଭାବେ ଯୋଗଦେଇ ସମାଜର ସକାରାତ୍ମକ ଗଠନ ଦିଗରେ ମହିଳାଙ୍କ ଅବଦାନ ଉପରେ ଆଲୋଚନା କରିଥିଲେ । ପ୍ରତ୍ୟେକ କ୍ଷେତ୍ରରେ ମହିଳାଙ୍କ ସମାନୁପାତିକ ସମୃଦ୍ଧି ଦ୍ୱାରା ଦେଶର ପ୍ରଗତି ସମ୍ଭବ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ । ଆଇନଜୀବି ରଞ୍ଜନ ପାଣିଗ୍ରାହୀ ଏଥିରେ ଅତିଥିଙ୍କୁ ମଂଚ ଆମନ୍ତ୍ରଣ କରିଥିବା ବେଳେ ଇଞ୍ଜିନିୟର ସୌମ୍ୟ ରଞ୍ଜନ ପାତ୍ର ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ମୃତ୍ୟୁଞ୍ଜୟ ତ୍ରିପାଠୀ, ଜୟପର୍ଣ୍ଣା ପାଣିଗ୍ରାହୀ, ମିଠୁ ମାନ୍ନା, ମଧୁସ୍ମିତା ନାୟକ, ନିହାରିକା ବିଶ୍ୱାସ ପ୍ରମୁଖ ସଂଗଠନର ସଦସ୍ୟ ଦିବସ ପାଳନର ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲ ।

# ଜିଲ୍ଲାପାଳ ଓ ଏସପିଙ୍କ ମିଳିତ ଜନ ଶୁଣାଣି : ଅନୁପସ୍ଥିତ ରହିଲେ ଜିଲ୍ଲାପାଳ ଓ ଏସପି




ଜଳେଶ୍ୱର, ୦୯/୩ (ନି.ପ୍ର): ଜଳେଶ୍ୱର ବ୍ଲକରେ ଜିଲ୍ଲାପାଳ ଓ ଏସପି ଙ୍କ ମିଳିତ ଜନ ଶୁଣାଣୀ ଶିବିର ସୋମବାର ବ୍ଲକ ସମ୍ମିଳନୀ କକ୍ଷରେ ପୂର୍ବାହ୍ନ ଦଶ ଘଟିକା ସମୟରେ ଅନୁଷ୍ଠିତ ହୋଇ ଯାଇଛି। ଶିବିରରେ ଜିଲ୍ଲାପାଳ ଏବଂ ଏସପି ଅନୁପସ୍ଥିତ ଥିଲେ। ଯାହାଫଳରେ ଲୋକଙ୍କ ପାଖରେ ଅସନ୍ତୋଷ ଦେଖିବା ପାଇଁ ମିଳିଥିଲା। ଜିଲ୍ଲାପାଳ ଯୁଗ୍ମ ଶୁଣାଣି ରେ ବାଲେଶ୍ୱର ଏଡିଏମ (ରାଜସ୍ୱ) ହେମନ୍ତ ସିଂ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ପ୍ରଭାତ କୁମାର ବେହେରା, ଜିଲ୍ଲା ପ୍ରକଳ୍ପ ଅଧିକାରୀ ସଞ୍ଜୟ କୁମାର ରାଉତ, ଏଏସ୍ପି ନିରଞ୍ଜନ ବେହେରା ଉପସ୍ଥିତ ହୋଇ ଅଭିଯୋଗ ଗୁଡ଼ିକର ସମାଧାନ ସହିତ ସମାଧାନ ପାଇଁ ବିଭିନ୍ନ ବିଭାଗର ଅଧିକାରୀଙ୍କୁ ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥିଲେ।ଅନ୍ୟ ମାନଙ୍କ ମଧ୍ୟରେ ଜଳେଶ୍ୱର ବିଡିଓ ଗୌରାଙ୍ଗ ଚରଣ ଘୋଷ, ତହସିଲଦାର ସତ୍ୟଜିତ ମହାନ୍ତି, ଜଳେଶ୍ୱର ପୌରନିର୍ବାହୀ ଅଧିକାରୀ ହେମନ୍ତ ସିଂ, ଜଳେଶ୍ୱର ଏସଡିପିଓ ସୁବ୍ରତ କୁମାର ବେହେରା, ଆଇଆଇସି ଅଶୋକ କୁମାର ବାରିକ,ଡିଇଓ ବସନ୍ତ କୁମାର ନାୟକ,ବିଇଓ ଜଗବନ୍ଧୁ ଜେନା,ଟାଟା ପାୱାର ନିର୍ବାହୀ ଯନ୍ତ୍ରୀ ବିଦ୍ୟାଧର ପଣ୍ଡା , ବ୍ଲକ୍ ପାନୀୟ ଅଧିକାରୀ ରେବତୀ ଶେଷନାଗ ପ୍ରଧାନ,ଇରିଗେଶନ ଏସଡିଓ ପ୍ରିୟବ୍ରତ ସିଂ, ଯୋଗାଣ ଅଧିକାରୀ ଅବନ୍ତିକା ସାହୁ, ଡିଏସଡବ୍ଲ୍ୟୁ ଜ୍ୟୋସ୍ନା ମହାନ୍ତି,ଜିଲ୍ଲା ଯୋଗାଣ ଅଧିକାରିଣୀ ସ୍ମିତା ନାୟକ, ଜିଲ୍ଲା ସାମାଜିକ ଅଧିକାରିଣୀ ପ୍ରତିଭା ବେହେରା, ଜିଲ୍ଲା ମଙ୍ଗଳ ଅଧିକାରିଣୀ ବିଦ୍ୟୁତଲତା ମହାପାତ୍ର,ଡିଆରସିସି ସରୋଜିନି ନାୟକ,ଜଳେଶ୍ୱର ସିଡିପିଓ ମିନତି ସିଂ,ଡ୍ରେନେଜ ବିଭାଗର ଅଧିକ୍ଷକ ଯନ୍ତ୍ରୀ ବିକ୍ରମ କେଶରୀ ମଲ୍ଲିକ,ଉଦ୍ୟାନ ବିଭାଗ ଅଧିକାରିଣୀ ସୌମ୍ୟା ରଥ ପ୍ରମୁଖ ଶିବିରରେ ଉପସ୍ଥିତ ଥିଲେ। ଅଭିଯୋଗ ମଧ୍ୟରେ ପିଇବା ପାଣି, ଶିଶୁ ସେବିକା ଚୟନ ର ଅନିୟମିତତା, ବାଲି ଚୋରାଚାଲାଣ , ମଣ୍ଡି ରେ ଧାନ ନ ଉଠିବା ସମସ୍ୟା, ମଧୁବାବୁ ପେନସନ ଯୋଜନା ସମ୍ବନ୍ଧୀୟ ଅଭିଯୋଗ ହୋଇଥିଲା ।ଶିବିରରେ ମୋଟ ୧୫୬ଟି ଅଭିଯୋଗ ଆସିଥିଲା ।

# ନିର୍ମାଣାଧିନ ପେଟ୍ରୋଲ ପମ୍ପରୁ ଡିଜେଲ ଚୋରୀ ଅଭିଯୋଗରେ ଦୁଇ ଗିରଫ

ବୈଶିଙ୍ଗା, ୦୯/୩ (ନି.ପ୍ର): ବୈଶିଙ୍ଗା ଥାନା ଅର୍ନ୍ତଗତ ୧୮ ନଂ ଜାତୀୟ ରାଜପଥର ହାତୀଝୁରି ନିକଟରେ ଏକ ନିର୍ମାଣାଧୀନ ପେଟ୍ରୋଲ ପମ୍ପରେ ଡିଜେଲ ଚୋରି ଅଭିଯୋଗରେ ଦୁଇ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ସୋମବାର ଅପରାହ୍ନରେ କୋର୍ଟ ଚାଲାଣ କରାଯାଇଛି। ମିଳିଥିବା ସୂଚନା ମୁତାବକ ବିଶିକେସନ ସେଠୀ ନାମକ ବ୍ୟକ୍ତି ଇଣ୍ଡିଆନ ଅଏଲ କମ୍ପାନୀର ଲାଇସେନ୍ସରେ ହାତୀଝୁରି ନିକଟରେ ଏକ ପେଟ୍ରୋଲ ଫିଲିଙ୍ଗ ଷ୍ଟେସନ ନିର୍ମାଣ କାର୍ଯ୍ୟ କରୁଥିବା ବେଳେ ଶନିବାର ବିଳମ୍ବିତ ରାତିରେ ପ୍ରାୟ ଦୁଇ ହଜାର ଲିଟର ଗଚ୍ଛିତ ଥିବା ଡିଜେଲ ଚୋରି ହୋଇଯାଇଥିବା ନେଇ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ୧୧୭ ନଂ ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ବେଳେ ଗୁପ୍ତ ସୂଚନା ମୁତାବକ ନିକଟସ୍ଥ ଗ୍ରାମରେ ଚଢ଼ାଉ କରି ଫରିଦ୍ ଖାଁ ଓ ଇମ୍ରାନ ଖାଁ ନାମକ ଦୁଇଜଣଙ୍କୁ ଗିରଫ କରି ଏକ ପିକ ଅପ୍ ଭ୍ୟାନ୍ ରେ ପାଞ୍ଚଟି ବଡ଼ବଡ଼ ପ୍ଲାଷ୍ଟିକ ଜାରକିନରେ ଭର୍ତ୍ତି ୧୨୫୦ ଲିଟର ଡିଜେଲ୍ ଜବତ କରାଯାଇଥିଲା। ଅଭିଯୁକ୍ତ ମାନେ ଏଭଳି ଚୋରୀ ଘଟଣା ବାରମ୍ବାର କରୁଥିବା ଖବର ମିଳିଛି ।

# ନହଙ୍ଗ ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଥମ ବ୍ୟାଚ ଛାତ୍ରଛାତ୍ରୀଙ୍କ ବନ୍ଧୁ ମିଳନ, ଗୁରୁ ପୂଜନ




ଖଇରା, ୦୯/୩ (ନି.ପ୍ର): ଖଇରା ବ୍ଲକ ନହଙ୍ଗ ପଂଚାୟତ ନହଙ୍ଗ ସରକାରୀ ଉଚ୍ଚ ବିଦ୍ୟାଳୟ ରେ ବିଦ୍ୟାଳୟର ୧୯୮୩ ମସିହା ପ୍ରଥମ ବ୍ୟାଚ ର ଛାତ୍ର ଛାତ୍ରୀ ମାନ ଙ୍କର ବନ୍ଧୁ ମିଳନ ସହିତ ତତ୍କାଳିନ ପ୍ରଧାନ ଶିକ୍ଷକ ଓ ସହକାରୀ ଶିକ୍ଷକ,ଶିକ୍ଷକର୍ମଚାରୀଙ୍କୁ ନେଇ ଗୁରୁ ପୂଜା ପର୍ବ ମହାସମାରୋହରେ ଅନୁଷ୍ଠିତ ହୋଇଅଛି। ଉକ୍ତ ସଭାରେ ବର୍ତ୍ତମାନର ପ୍ରଧାନ ଶିକ୍ଷୟିତ୍ରୀ ରାଜଶ୍ରୀ ରାଉତ ସଭାପତିତ୍ୱ କରିଥିବା ବେଳେ ଆସନ ଆୟୋଜକ ଭାବରେ ବିଦ୍ୟାଳୟର ପ୍ରଥମ ବ୍ୟାଚର ଛାତ୍ର ତଥା ବର୍ତ୍ତମାନର ସାରକୋଣା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭାଗିରଥି ଖଟୁଆ, ବାୟୁସେନାର ଅବସର ସେନା ନାରାୟଣ ମିଶ୍ର, ଶିକ୍ଷିକା ତଥା ନାରୀ କବି ରୀତାରାଣୀ ଦାସ, ଶିକ୍ଷିକା ପଦ୍ମିନୀ, ଶିକ୍ଷକ ଦୁଷ୍ମନ୍ତ, ସମାଜସେବୀ କରୁଣାକର ମହାନ୍ତି, ରିତାରାଣୀ ମିଶ୍ର ଶୁକଦେବ, କୃଷ୍ଣ, ନୃସିଂହ, ଶଙ୍କର୍ଷଣ, ଦାମ ରଣା, ମାଳତି, ଲକ୍ଷ୍ମୀପ୍ରିୟା, କୈଳାସ, ଗୌରାଙ୍ଗ, ଅଜୟ, ବାବୁଲା, ମାଗୁଣୀ, ଡମ୍ବରୁ, ଗଜେନ୍ଦ୍ର, ସନା, ଭଗବାନ, ଜଗବନ୍ଧୁ ଓ ଅନ୍ୟ ଛାତ୍ର /ଛାତ୍ରୀ ମାନେ ସହଯୋଗ କରିଥିଲେ। ଏମାନଙ୍କ ସହିତ ବର୍ତ୍ତମାନର ପ୍ରଧାନଶିକ୍ଷୟିତ୍ରୀଙ୍କ ସହ ମୁରଲୀ ସାର, ଭାଗବତ ସାରଙ୍କ ସହ ଅନ୍ୟ ଶିକ୍ଷକ/ଶିକ୍ଷିକା ମଧ୍ୟ ସହଯୋଗ କରିଥିଲେ। ଗୁରୁପୂଜା ପରେ ତତ୍କାଳୀନ ପ୍ରଧାନ ଶିକ୍ଷକ ପିତାମ୍ବର ପଣ୍ଡା, ଶିକ୍ଷକ ଇଶ୍ୱର ସାହୁ, ସରୋଜ କୁମାର ରାୟ, ରତ୍ନାକର ଦାସ, ବିଷ୍ଣୁ ପଣ୍ଡା, ବିଷ୍ଣୁ ପାଣିଗ୍ରାହୀ, କୈଳାସ ଓଝା, ଲମ୍ବୋଦର ବେହେରାଙ୍କ ସହିତ ଅନ୍ୟମାନେ ଯୋଗଦେଇ ଗୁରୁ ଶିଷ୍ୟ ସମ୍ପର୍କ ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ। ବର୍ତ୍ତମାନର ଛାତ୍ରଛାତ୍ରୀ ଶିକ୍ଷଙ୍କୁ ମରଣାନ୍ତକ ଆକ୍ରମଣ କରୁଥିବାବେଳେ ଆଶାଳୀନ ବ୍ୟବହାର କରୁଥିବାବେଳେ ନହଙ୍ଗ ସରକାରୀ ଉଚ୍ଚବିଦ୍ୟାଳୟର ପ୍ରଥମ ବ୍ୟାଚ ପିଲାଙ୍କ ଗୁରୁପୂଜା କାର୍ଯ୍ୟ ନିଶ୍ଚିତଭାବେ ଭବିଷ୍ୟତ ପିଢ଼ିକୁ ପ୍ରେରଣା ଯୋଗାଇବ ବୋଲି ଉପସ୍ଥିତ ଗୁରୁଜୀ ମାନେ ପ୍ରକାଶ କରିଥିଲେ ।

# ଆଦର୍ଶ ଶିକ୍ଷକଙ୍କ ପରଲୋକ: ଅଞ୍ଚଳରେ ଶୋକର ଛାୟା

ଜଳେଶ୍ୱର , ୦୯/୩ (ନି.ପ୍ର): ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ ଅନ୍ତର୍ଗତ ମାକିଡ଼ିଆ ପଞ୍ଚାୟତର କୁଆଁରପୁର ଗ୍ରାମର ଜଣେ ଜଣାଶୁଣା ତଥା ଆଦର୍ଶ ଶିକ୍ଷକ ଗୋପାଳକୃଷ୍ଣ କରଣଙ୍କ ଆଜି ଅକାଳ ବିୟୋଗ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୪୭ ବର୍ଷ ବୟସ ହୋଇଥିଲା। ତାଙ୍କର ଏହି ଆକସ୍ମିକ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସୂଚନା ଅନୁଯାୟୀ, ଶ୍ରୀଯୁକ୍ତ କରଣ ଦୀର୍ଘ ଦୁଇ ବର୍ଷ ଧରି ହୃଦରୋଗରେ ପୀଡ଼ିତ ଥିଲେ। ଆଜି ଦିନ ପ୍ରାୟ ଗୋଟାଏ ସମୟରେ ହଠାତ୍ ତାଙ୍କର ଶାରୀରିକ ଅବସ୍ଥା ବିଗିଡ଼ି ଯାଇଥିଲା। ପରିବାର ଲୋକେ ତାଙ୍କୁ ସଙ୍ଗେ ସଙ୍ଗେ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ନେଉଥିବା ବାଟରେ ହିଁ ତାଙ୍କର ପ୍ରାଣବାୟୁ ଉଡ଼ି ଯାଇଥିଲା।ଗୋପାଳକୃଷ୍ଣ କରଣ ଜଣେ ଅମାୟିକ ଏବଂ ପରୋପକାରୀ ବ୍ୟକ୍ତି ଭାବେ ସ୍ଥାନୀୟ ଅଞ୍ଚଳରେ ବେଶ୍ ପରିଚିତ ଥିଲେ। ସେ ବିଭିନ୍ନ ଶିକ୍ଷା ଅନୁଷ୍ଠାନ ଏବଂ ବିଦ୍ୟାଳୟରେ ଅତିଥି ଶିକ୍ଷକ ଭାବେ କାର୍ଯ୍ୟ କରି ନିଜର ଶିକ୍ଷାଦାନ ଶୈଳୀ ପାଇଁ ଛାତ୍ରଛାତ୍ରୀଙ୍କ ପ୍ରିୟଭାଜନ ହୋଇପାରିଥିଲେ।ତାଙ୍କର ମୃତ୍ୟୁରେ ସମୀର ଘଡେଇ, ନବ କୁମାର ପାଲ, ବଳରାମ ପାଲ, ସୁମନ୍ତ ପାଲ ଏବଂ ସାମ୍ବାଦିକ ଆଲୋକ ଘଡେଇଙ୍କ ସମେତ ଗ୍ରାମର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଗଭୀର ଶୋକ ବ୍ୟକ୍ତ କରିଛନ୍ତି। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କର ପତ୍ନୀ ଓ ଦୁଇ ପୁଅ ଉପସ୍ଥିତ ଥିଲେ। ଗ୍ରାମ ଶ୍ମଶାନରେ ହିଁ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ଜଣେ ଦକ୍ଷ ଶିକ୍ଷକଙ୍କ ବିୟୋଗ ସମାଜ ପାଇଁ ଏକ ଅପୂରଣୀୟ କ୍ଷତି।'

୧୦ ମାର୍ଚ୍ଚ ୨୦୨୬, ମଙ୍ଗଳବାର

# ଧ୍ୱନି ପ୍ରତିଧ୍ୱନି



## ବସ୍ତା ବ୍ଲକ ଶାରୀରିକ ଶିକ୍ଷା ଶିକ୍ଷକ ସଂଘ ଗଠିତ

ବାଲିଆପାଳ , ୦୯/୩ (ନି.ପ୍ର): ବସ୍ତା ବ୍ଲକର ସମସ୍ତ ଶାରୀରିକ ଶିକ୍ଷା ଶିକ୍ଷକ ମାନଙ୍କୁ ନେଇ ବାର୍ଷିକ କାର ?ୟକାରିଣୀ ବୈଠକ ଓ ବନ୍ଧୁମିଳନ କାର ?ୟକ୍ରମ ବିଶ୍ୱ ପ୍ରସିଦ୍ଧ ଡଗରା ବେଳାଭୂମିରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଜିଲ୍ଲା ଶାରୀରିକ ଶିକ୍ଷାଧିକାରୀ ଚନ୍ଦ୍ରକାନ୍ତ ଘଡାଇ ଯୋଗଦେବା ସହ ଶିକ୍ଷକ ମାନଙ୍କର ବିଭିନ୍ନ ସମସ୍ୟା ଓ ସଫଳତା ପ୍ରାପ୍ତି ନିମନ୍ତେ ଗୁରୁମନ୍ତ୍ର ପ୍ରଦାନ କରିଥିଲେ। ସର୍ବସମ୍ମତି କ୍ରମେ ସଂଘର କର୍ମକର୍ତ୍ତା ମନୋନୀତ କରାଯାଇଥିଲା। ଶାରୀରିକ ଶିକ୍ଷା ଶିକ୍ଷକ ସଂଘର ସଭାପତି ଭାବରେ ସାରସ୍ୱତ ସାହୁ, ସମ୍ପାଦକ ଭାବରେ ପ୍ରାଣକୃଷ୍ଣ ନାୟକ, ଯୁଗ୍ମ ସମ୍ପାଦକ ଭାବରେ ସତ୍ୟ ରଞ୍ଜନ ପାତ୍ର ଥିବା ବେଳେ ଉପ ସଭାପତି ଭାବରେ ରଞ୍ଜିତା ସାହୁ,ସହ ସମ୍ପାଦକ ଭାବରେ ବିଜୟକୃଷ୍ଣ ପ୍ରଧାନ, କୋଷାଧକ୍ଷ ଭାବରେ କମଳଲୋଚନ ବେହେରା ଓ ସହ କୋଷାଧକ୍ଷ ଭାବରେ ଲଲାଟେନ୍ଦୁ ଦେ ମନୋନୀତ ହୋଇଛନ୍ତି। ସେହିପରି ମୁଖ୍ୟ ଉପଦେଷ୍ଟା ସଦାନନ୍ଦ ପ୍ରଧାନ ଥିବା ବେଳେ ଉପଦେଷ୍ଟା କମିଟିରେ ରାଜକିଶୋର ବାରିକ,ଅଜୟ କୁମାର ପ୍ରଧାନ, ରୀତାରାଣୀ ମହାପାତ୍ର, ଅନ୍ନପୂର୍ଣ୍ଣା ଦେ ଓ ନରେନ୍ଦ୍ର ସାମଲ ପ୍ରମୁଖ ସ୍ଥାନ ପାଇଛନ୍ତି। ସମନ୍ୱୟ କମିଟିରେ ପର୍ଶୁରାମ ରାଉତ, ଜୟନ୍ତ ଗିରି,



ସୁନାରାମ ସିଂ ସ୍ଥାନ ପାଇଥିବା ବେଳେ ସଂଯୋଜକ ଭାବରେ ପ୍ରଦୀପ ଦାସ ମନୋନୀତ ହୋଇଛନ୍ତି। ଆଗାମୀ ଦିନରେ ଶାରୀରିକ ଶିକ୍ଷା ଶିକ୍ଷକ ମାନଙ୍କର ସ୍ୱାର୍ଥ ପାଇଁ ଏହି ସଂଘ ସମର୍ପିତ ବୋଲି ସଭାପତି ସାରସ୍ୱତ ସାହୁ ମତବ୍ୟକ୍ତ କରିଛନ୍ତି।

## ସାମାଜିକ ସଂଗଠନ ଦିଶା ପକ୍ଷରୁ ଆନ୍ତର୍ଜାତିକ ମହିଳା ଦିବସ ପାଳିତ

ବସ୍ତା, ୦୯/୩ (ନି.ପ୍ର): ଓଡ଼ିଶା ଭାଷା , ସାହିତ୍ୟ , ଓ ସଂସ୍କୃତି ବିଭାଗ ଓଡ଼ିଶା ସରକାର ବିଭାଗ ପକ୍ଷରୁ ସାମାଜିକ ସଂଗଠନ ' ଦିଶା ' ତତ୍ତ୍ୱାବଧାନରେ ରେ ରୂପସା ସ୍ଥିତ ରାହା କଲ୍ୟାଣ ମଣ୍ଡପ ଠାରେ ସଭାପତି ରିପନ କୁମାର ବେହେରା ଓ ସମ୍ପାଦକ ରଶ୍ମି ରଞ୍ଜନ ଜେନା ଙ୍କ ଦ୍ୱାରା ଆନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ସଦର ବିଧାୟକ ମାନସ କୁମାର ଦତ୍ତ ଯୋଗ ଦେଇ ମହିଳା ଙ୍କ ସାମାଜିକ, ଆର୍ଥିକ, ସାଂସ୍କୃତିକ, ରାଜନୈତିକ ଓ କ୍ଷେତ୍ର ରେ ସଫଳତା ଓ ପାରଦର୍ଶିତା କୁ ପାଳନ କରିବା ଏହି ଦିନ ରେ ମୁଖ୍ୟ ଉଦ୍ଦେଶ୍ୟ ବୋଲି କହିଥିଲେ। ମୁଖ୍ୟ ବକ୍ତା ଭାବେ ବସ୍ତା ଏସ ଡି ପି ଓ ମାନସ କୁମାର ଦେଓ ଯୋଗ ଦେଇ ନାରୀ ଏକତା , ସ୍ନେହ, ପ୍ରେମ , ବାତ୍ସଲ୍ୟ , ମମତା, ଶକ୍ତି ଓ ଧର୍ଯ୍ୟ ର ପ୍ରତୀକ ବୋଲି ଆଜି ଦିନ ଟି




ମହିଳା ମାନଙ୍କ ପାଇଁ ହେଇଥିବାରୁ ସମସ୍ତ ଉପସ୍ଥିତ ମା ମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ । ସମ୍ମାନିତ ଅତିଥି ଭାବେ ସରସ୍ୱତୀ ଶିଶୁ ମନ୍ଦିର ର ପ୍ରଧାନ ଆଚାର୍ଯ୍ୟା ପର୍ଣ୍ଣମା ଗିରି ,ବରିଷ୍ଠ ଆଇନଜୀବି ମନୋରଞ୍ଜନ ନାୟକ, କଷିପଦା, ରୂପସା , ଓ ଆଙ୍କୋ ପଞ୍ଚାୟତ ର ଏମ ବି କେ ପ୍ରମିଳା ମୁଣ୍ଡା, ପୂର୍ଣ୍ଣିମା ବର , କୁଞ୍ଜଲତା ବେହେରା ଯୋଗ ଦେଇ ଆଜିର ନାରୀ କାଲିର ଦେଶର ଭବିଷ୍ୟତ ବୋଲି ଅଭିଭାଷଣ ରଖିଥିଲେ। ଏଥିରେ ରୂପସା ଅଞ୍ଚଳ ର ବହୁ SHG ଗ୍ରୁପ ର ମହିଳା ମାନେ ଯୋଗ ଦେଇଥିବା ବେଳେ ନିଜର କାର୍ଯ୍ୟଦକ୍ଷତା ରେ ପାରଦର୍ଶିତା ଦେଖେଇ ଥିବା ୧୦ ଜଣ ମହିଳାଙ୍କୁ ଉପସ୍ଥିତ ଅତିଥି ମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା । ସମ୍ପାଦକ ରଶ୍ମି ରଞ୍ଜନ ଜେନା ଅତିଥି ମାନଙ୍କ ପରିଚୟ ପ୍ରଦାନ ସହ ମଞ୍ଚ ପରିଚାଳନା କରିଥିଲେ। ସଂଘ ର କୋଷାଧକ୍ଷ ତରୁଲତା ଜେନା , ବରିଷ୍ଠ ବିଜେପି ନେତା ତପନ କୁମାର ଗିରି , ଶ୍ରୀଧର ବେହେରା, ସୁଭେଶ ନାୟକ ରାକେଶ ଦାସ, ସଦସ୍ୟ ସଦସ୍ୟା ସୁନୀତା ଜେନା, ଧରିତ୍ରୀ ଜେନା, ସୌମ୍ୟ ଜେନା, ବଳରାମ ବେହେରା , ଦିବ୍ୟରଞ୍ଜନ ଜେନା , ରିପନ ବେହେରାଙ୍କ ସହ ଅନ୍ୟମାନେ ସାହୋଜୋଗ କରିଥିଲେ। ପରିଶେଷରେ ସଭାପତି ରିପନ୍ କୁମାର ବେହେରା ଧନ୍ୟବାଦ୍ ଅର୍ପଣ କରି ଥିଲେ ।

## କାଠଯୋଡ଼ି ସାହିତ୍ୟ ସଂସଦ: ନବମ ବାର୍ଷିକ ସାରସ୍ୱତ ସମାରୋହ

କଟକ, ୦୯/୩ (ନି.ପ୍ର): ସମ୍ପ୍ରତି ଖାନନଗରସ୍ଥ ପଞ୍ଚମୁଖି ହନୁମାନ ମନ୍ଦିର ପରିସରରେ କାଠଯୋଡି ସାହିତ୍ୟ ସଂସଦର ନବମ ବାର୍ଷିକ ଉତ୍ସବରେ କବିତା ପାଠୋତ୍ସବ, କାଠଯୋଡି ବାର୍ଷିକ ମୁଖପତ୍ର ଲୋକାର୍ପଣ ସହ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି। ପ୍ରମୋଦ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଏଇ କାର୍ଯ୍ୟକ୍ରମକୁ ବିଶିଷ୍ଟ ଶିକ୍ଷାବିତ ସାରସ୍ୱତ ସାଧକ ପ୍ରଫେସର ବିଜୟାନନ୍ଦ ସିଂହ ଓ ବିଶିଷ୍ଟ ଶାସ୍ତ୍ରୀୟ ସଙ୍ଗୀତଜ୍ଞ ଦୂରଦର୍ଶନ ପୂର୍ବତନ ନିର୍ଦ୍ଦେଶକ ଏ ମହେଶ୍ୱର ରାଓ ଏବଂ ବିଶିଷ୍ଟ ଅଭିନେତା ଓ ନାଟ୍ୟକାର ପ୍ରହରାଜ ପ୍ରତିଭା ପରିଷଦ ସମ୍ପାଦକ ପୀୟୂଷ ରଞ୍ଜନ ପରିଡ଼ା ଉଦଘାଟନ କରିଥିଲେ ବରେଣ୍ୟ ଅତିଥି ଭାବେ ଗୀତିକବି ମନୋଜ ପଟ୍ଟନାୟକ ଓ ଆଇନଜୀବୀ କବୟିତ୍ରି ମହିଜା ଦଳବେହେରା, ମୁଖ୍ୟ ବକ୍ତା ଭାବେ ସଚ୍ଚି ମହାନ୍ତି,




ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ପ୍ଲାଷ୍ଟିକ ସର୍ଜନ ଡାକ୍ତର ସୁନିଲ ରାଉତ,ବିଶିଷ୍ଟ ଗାଳ୍ପିକ,ଚିତ୍ରଶିଳ୍ପୀ ଶଶିକାନ୍ତ ରାଉତ ଆଦି ଓଡ଼ିଆ ସାହିତ୍ୟରେ ଭାବ ଶବ୍ଦ ଉପରେ ମତ ରଖିଥିବା ବେଳେ କବି ପୀତାମ୍ବର ମହାପାତ୍ର ସ୍ୱାଗତ ସହ ପରିଚୟ ପ୍ରଦାନ କରିଥିଲେ । ପ୍ରଥମ ଅଧିବେଶନରେ ପ୍ରମିଳା ପତି,ଡକ୍ଟର ତୋଫାନ ଜେନା, ବିଦ୍ୟୁତ ଲତା ଭୂୟାଁ, ସୁଶାନ୍ତ ଦାଶ, ମନ୍ଦିର ସମ୍ପାଦକ ଶରତ କୁମାର ସାହୁ, ମିନତୀ ମଲ୍ଲ ଓ ଅଧ୍ୟାପକ ସ୍ମୃତିରଞ୍ଜନ ସେଠୀଙ୍କ ଅଧ୍ୟକ୍ଷତାରେ ଶତାଧିକ କବିଙ୍କ କବିତା କୁ ସୌମେନ୍ଦ୍ର ମହାପାତ୍ର, ଅଧ୍ୟାପିକା ସଂଘମିତ୍ରା ଦାସ, ଗୋଲକ ବିହାରୀ ନାୟକ, ଅଧ୍ୟାପିକା ବିଷ୍ଣୁପ୍ରିୟା ସାହୁ ସଂଯୋଜନା କରିଥିବା ବେଳେ କବୟିତ୍ରି ଜୟନ୍ତୀ ବାରିକ ସଞ୍ଚାଳନ କରିଥିଲେ। ଏଇ ଅବସରରେ କାଠଯୋଡି ସମ୍ମାନ ରେ ଡକ୍ଟର ବିଜୟାନନ୍ଦ ସିଂହ, କୈଳାସ ଚନ୍ଦ୍ର ସ୍ୱାଇଁ, କୌଶିକ ନାୟକ,ଡକ୍ଟର ପ୍ରମୋଦ ଦାଶ,ବାସନ୍ତୀ ଦାସ,ଡକ୍ଟର ବାସୁଦେବ ପ୍ରଧାନ, ସୁରଥ ଚୌଧୁରୀ, ବିଜୟ ଜେନା, ସୁଧିର ପ୍ରଧାନ, ଡକ୍ଟର ରୂପଶ୍ରୀ ମିଶ୍ର, ଡକ୍ଟର ଅଶୋକ ମହାନ୍ତି, ଶତ୍ରୁଘନ ତରାଇ, ଇଂ ସେବକ ଶ୍ରୀକାନ୍ତ ଓ ଡକ୍ଟର ହୃଷୀକେଶ ମହାରଣା ଆଦି ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରା ଯାଇଥିଲା। ଇଂ ଶେଷଦେବ ଜେନା ଉପସ୍ଥାପନା କରିଥିବା ବେଳେ ପ୍ରମୋଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ କାର୍ଯ୍ୟକ୍ରମ ସମ୍ପାଦକ ବାବାଜୀ ଜେନା ସଂଚାଳନା କରିଥିଲେ।

## ଶିମିଳିପାଳରୁ ପୁଣି ୪ଶିକାରୀ ଗିରଫ: ୨ଟି ଦେଶୀ ବନ୍ଧୁକ ଜବଦ

ବାରିପଦା , ୦୯/୩ (ନି.ପ୍ର): ଶିକାର ମୁକ୍ତ ଶିମିଳିପାଳ ଏବଂ ଜୀବଜନ୍ତୁଙ୍କ ଗତି ବିଧି ଉପରେ ସତର୍କ ଦୃଷ୍ଟି ରଖିବା ପାଇଁ ଶିମିଳିପାଳ ଅଭୟାରଣ୍ୟରେ ଖଞ୍ଜାଯାଇଥିବା ଟ୍ରାପ କ୍ୟାମେରା ପୁଣି ଶିମିଳିପାଳରୁ ୪ଜଣ ଶିକାରୀଙ୍କୁ ଧରାଇଦେଇଥିବା ବେଳେ ସେମାନଙ୍କ ଠାରୁ ୨ଟି ଦେଶୀ ବନ୍ଧୁକ ଜବଦ ହୋଇଥିବା ଜଣାଯାଇଛି। ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଅନ୍ତର୍ଗତ ୱାଇଲଡ ଲାଇଫ ଏରିଆରେ ଗତ ୫ତାରିଖ ରାତିରେ ବନ୍ଧୁକ ଧାରୀ ଶିକାରୀ ମାନେ ଶିକାର ପାଇଁ ବେଆଇନ ଭାବେ ପ୍ରବେଶ କରିଥିବା ବେଳେ ଶିମିଳିପାଳରେ ଲାଗିଥିବା ଏଆଇ ଟ୍ରାପ କ୍ୟାମେରାରେ ସେମାନଙ୍କର ଫୋଟ ଏବଂ ଗତିବିଧି କଣ୍ଟ୍ରୋଲ ରୁମରେ କଏଦ ହୋଇଥିଲା। ଏଆଇ କ୍ୟାମେରା ଫୁଟେଜ ଆଧାରରେ ଡୁକୁରା ୱାଇଲଡ



ଲାଇଫ ରେଞ୍ଜର ସଦଳବଳେ ଚଢ଼ାଉ କରି ୪ଜଣ ଶିକାରୀଙ୍କୁ ଗିରଫ କରାଯାଇଥିବା ବେଳେ ଗିରଫ ଶିକାରୀ ମାନଙ୍କ ଠାରୁ ୨ଟି ଦେଶୀ ବନ୍ଧୁକ ଜବଦ କରାଯାଇଛି। ଗିରଫ ହୋଇଥିବା ଶିକାରୀ ମାନେ ମୟୁରଭଞ୍ଜ ଜିଲ୍ଲା ବଡ଼ସାହି ଥାନା ଅନ୍ତର୍ଗତ ଚନ୍ଦନଚଟୁରି ଗ୍ରାମର ସୁନୀଲ ଭକ୍ତା (୨୫), ସହଦେବ ମଲ୍ଲିକ (୨୦), ରାମଚନ୍ଦ୍ର ହାଁସଦା ଓରଫ ରାମ (୨୫) ଏବଂ ଧୀରେନ୍ଦ୍ର ମଲ୍ଲିକ ଓରଫ ବେନ୍ଦାଳ(୨୪) ବୋଲି ଜଣାଯାଇଛି। ଅଭିଯୁକ୍ତ ମାନଙ୍କୁ ବନ୍ୟପ୍ରାଣୀ ଶିକାର ଏବଂ ବେଆଇନ ଅସ୍ତ୍ରଶସ୍ତ୍ର ବ୍ୟବହାର ଅଭିଯୋଗରେ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି।

## 'ଶୋଭା' ତରଫରୁ ଆନ୍ତର୍ଜାତିକ ମହିଳା ଦିବସ ପାଳିତ

ଉଦଳା, ୦୯/୩ (ନି.ପ୍ର): ସ୍ୱେଚ୍ଛାସେବି ସଂଗଠନ 'ଶୋଭା' ର ନେତୃତ୍ୱରେ 'ହାଇଫର'ର ସହଯୋଗରେ ଚଳିତ ବର୍ଷ ଆନ୍ତର୍ଜାତିକ ମହିଳା ଦିବସ ଆନନ୍ଦ ଉଲ୍ଲାସ ମଧ୍ୟରେ ପାଳିତ ହୋଇ ଯାଇଛି । ଉଦଳା ବ୍ଲକର ଶ୍ରୀଦାମଚନ୍ଦ୍ରପୁର ପଂଚାୟତ ଅନ୍ତର୍ଗତ ହାତୀମଡ଼ା ଗ୍ରାମସ୍ଥିତ ଖେଳପଡ଼ିଆ ଠାରେ ଏଥିପାଇଁ ବହୁ ପୂର୍ବରୁ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଥିଲା । ପ୍ରଭାତରେ ବିଭିନ୍ନ ଗ୍ରାମରୁ ଶତାଧିକ ମହିଳା ଏକତ୍ରିତ ହୋଇ ଖେଳକୁଦର ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ପରେ ସାଧାରଣ ସଭା ଓ ପୁରସ୍କାର ବିତରଣପର୍ବ ଅନୁଷ୍ଠିତ ହୋଇଥିଲା । 'ଶୋଭା' ର ସଂପାଦକ ରଂଜନ ମିଶ୍ର ସାଧାରଣ




ସଭାରେ ଅଧ୍ୟକ୍ଷତା କରି ଆଜିର ଦିବସ ପାଳନର ଉଦେଶ୍ୟ ସମ୍ପର୍କରେ ଅବଗତ କରାଇଥିଲେ । ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରିବା ସହ ରାଜନୀତିରେ ମହିଳାଙ୍କ ପାଇଁ ଆସନ ସଂରକ୍ଷଣ ଅନୁକମ୍ପା ନୁହେଁ, ଏହା ମହିଳାଙ୍କ ଅଧିକାର ବୋଲି ବ୍ୟକ୍ତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ନାବାର୍ଡ଼ର ଡ଼ିଡ଼ିଏମ୍ ସ୍ମାରକ ମହାନ୍ତି, ଉଦଳାରେ କାର୍ଯ୍ୟରତ ଭିଏସ୍ ତପସ୍ୱିନୀ ମହାନ୍ତ, ଜିପିଏଲଏଫ ର ସଭାପତି ସ୍ୱାଗତିଲୁସିଦେବୀ ହାଁସଦା, ସମନ୍ୱିତ ଶିଶୁ ବିକାଶ ଯୋଜନାର ସୁପରଭାଇଜର ମଂଜୁଲଲତା ଓ ରାଇମଣି, ନାଏବ ସରପଂଚ ନିନିମଣି ସିଂ ପ୍ରମୁଖ ମଂଚାସୀନ ଅତିଥି ଭାବରେ ଯୋଗଦେଇ ମହିଳାଙ୍କୁ ସ୍ୱାଧିନ ଓ ସମ୍ମାନର ସହ ବଂଚିରହିବା ପାଇଁ ସବୁପ୍ରକାର ସୁଯୋଗ ସୃଷ୍ଟି କରାଯାଉ ବୋଲି ବ୍ୟକ୍ତ କରିଥିଲେ । ପରେ ପୁରସ୍କାର ବିତରଣପର୍ବ ଆରମ୍ଭ ହୋଇଥିଲା । ରେବତୀ କିସ୍କୁ ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଗୀତାଜଂଳି ମହାନ୍ତ ମଂଚ ପରିଚାଳନା ଓ କବିତା ସିଂ ଧନ୍ୟବାଦ ଅର୍ପଣ କାର୍ଯ୍ୟ ତୁଲାଇଥିଲେ । ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହେବା ସହ ଆନ୍ତର୍ଜାତିକ ମହିଳା ଦିବସ ପାଳନ ଉତ୍ସବର ଯବନିକା ପଡ଼ିଥିଲା ।

## ତରଡାବଧିଆରେ ସର୍ଟ୍‌ସର୍କିଟ ଯୋଗୁଁ ଅଗ୍ନିକାଣ୍ଡ ପୋଡ଼ିଗଲା ଦୋକାନ

ଲଙ୍ଗଳେଶ୍ୱର , ୦୯/୩ (ନି.ପ୍ର): ସଦର ବ୍ଲକ କଷାଫଳ ପଞ୍ଚାୟତର ତରଡାବଧିଆ ଗ୍ରାମର ଥିବା ଗୀତାଞ୍ଜଳି ଭେରାଇଟି ଷ୍ଟୋର ଟି ରବିବାର ରାତିରେ ବିଦ୍ୟୁତ ସଟ୍ ସର୍କିଟ ଯୋଗୁଁ ୫ ଲକ୍ଷ ଟଙ୍କା ରୁ ଉର୍ଦ୍ଧ ସାମଗ୍ରୀ ପୋଡ଼ି ପାଉଁଶ ହୋଇଯାଇଛି। ସେହି ଗ୍ରାମର ଗୀତାଞ୍ଜଳି ଗିରି ଧାର କରଜ କରି ଦୋକାନ କରି ପରିବାର ପ୍ରତିପୋଷଣ କରୁଥିଲେ। ଆଗକୁ ମହାବାରୁଣୀ ସ୍ନାନ ଥିବାରୁ ସେ ଅଧିକ ଟଙ୍କାର ସାମଗ୍ରୀ ଆଣିଥିଲେ। ପ୍ରଶାସନ କ୍ଷୟକ୍ଷତିର ଆକଳନ କରି ତୁରନ୍ତ ଗୀତାଞ୍ଜଳି ଗିରି ଙ୍କୁ ଆର୍ଥିକ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି

## ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗଙ୍କ ବାଲେଶ୍ୱର ଗସ୍ତ

ବାଲେଶ୍ୱର, ୦୯/୩ (ନି.ପ୍ର): ଆନ୍ତର୍ଜାତୀୟ ମହିଳା ଦିବସ ପାଳନ ଅବସରରେ ଓଡ଼ିଶାର ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ ବାଲେଶ୍ୱର ଗସ୍ତରେ ଆସିଥିଲେ। ଏହି ଅବସରରେ ସେ ଡି ଆର୍ ଡି ଓ ଆନୁକୂଲ୍ୟରେ ଚାନ୍ଦିପୁର ସ୍ଥିତ ପ୍ରୁଫ୍ ଆଣ୍ଡ ଏକ୍ସପେରିମେଣ୍ଟାଲ ଏଷ୍ଟାବ୍ଲିସମେଣ୍ଟ (ପିଏକ୍ସଇ) ପରିସରରେ ଆୟୋଜିତ ଆନ୍ତର୍ଜାତୀୟ ମହିଳା ଦିବସ କାର୍ଯ୍ୟକ୍ରମରେ ଯୋଗଦେଇ ଡିଆରଡିଓ ସଚିବ ଡଃ ସମୀର ଭି. କାମତଙ୍କ ସହ ଯୁଗ୍ମଭାବେ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଡିଆରଡିଓର ବିଭିନ୍ନ ଲ୍ୟାବରେଟରିର ନିର୍ଦ୍ଦେଶକ ଓ ଦେଶର ବିଭିନ୍ନ ସ୍ଥାନରୁ ଆସିଥିବା



ମହିଳା ବୈଜ୍ଞାନିକ ଓ ଗବେଷକମାନେ ଅଂଶଗ୍ରହଣ କରିଥିଲେ। ଅତିଥିମାନେ ବିଜ୍ଞାନ ଓ ପ୍ରତିରକ୍ଷା କ୍ଷେତ୍ରରେ ମହିଳାଙ୍କ ସଶକ୍ତିକରଣ ଏବଂ ସେମାନଙ୍କ ଗବେଷଣାତ୍ମକ କାର୍ଯ୍ୟକୁ ଆଗକୁ ବଢ଼ାଇବା ଉପରେ ଗୁରୁତ୍ୱ ଆରୋପ କରିଥିଲେ। ତା ପରେ ଅପରାହ୍ନରେ ଶ୍ରୀମତୀ ଗର୍ଗ ବାଲେଶ୍ୱର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲା ପ୍ରଶାସନ ଓ ବିଭିନ୍ନ ଲାଇନ୍ ବିଭାଗର ଅଧିକାରୀମାନଙ୍କ ସହ ସମୀକ୍ଷା ବୈଠକ କରିଥିଲେ। ବୈଠକରେ ଜିଲ୍ଲାପାଳ ଶ୍ରୀ ସୂର୍ଯ୍ୟବଂଶୀ ମୟୂର ବିକାଶ "ବାଲେଶ୍ୱର ଭିଜନ ଡକ୍ୟୁମେଣ୍ଟ" ଉପରେ ଏକ ପ୍ରେଜେଣ୍ଟେସନ୍ ଦେଇଥିଲେ। ଏଥିରେ ଜିଲ୍ଲାରେ ଚାଲୁଥିବା ପ୍ରମୁଖ ପ୍ରକଳ୍ପ ଯଥା ସୁବର୍ଣ୍ଣରେଖା ବନ୍ଦର, ସୁବର୍ଣ୍ଣରେଖା ସଂସ୍କାର ଯୋଜନା, ପର୍ଯ୍ୟଟନ ପ୍ରକଳ୍ପ, ସାମୁଦ୍ରିକ ଖାଦ୍ୟ ଓ ଅନ୍ୟାନ୍ୟ ଦ୍ରବ୍ୟର ରପ୍ତାନି ସମ୍ଭାବନା ବିଷୟରେ ଅବଗତ କରାଯାଇଥିଲା। ଏହାସହିତ ଆଗାମୀ ଦିନରେ ବାଲେଶ୍ୱରର ସମଗ୍ର ଉନ୍ନତି ପାଇଁ ରିଙ୍ଗ ରୋଡ ନିର୍ମାଣ, କଳା–ବିଜ୍ଞାନ–ସାହିତ୍ୟ ସମ୍ବନ୍ଧୀୟ ମ୍ୟୁଜିୟମ ସ୍ଥାପନ ଏବଂ ବାଲେଶ୍ୱରକୁ ମ୍ୟୁନିସିପାଲ କର୍ପୋରେସନ ରୂପେ ବିକଶିତ କରିବା ପରି ବିଭିନ୍ନ ଲୋକହିତକର ପ୍ରସ୍ତାବ ଉପସ୍ଥାପନ କରାଯାଇଥିଲା। ଉକ୍ତ ସମୀକ୍ଷା ବୈଠକରେ ଦୁଇ ଅତିରିକ୍ତ ଜିଲ୍ଲାପାଳ, ଦୁଇ ଉପ ଜିଲ୍ଲାପାଳ, କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଓ ଅନ୍ୟ ଅଧିକାରୀ ମାନେ ଉପସ୍ଥିତ ଥିଲେ। ମୁଖ୍ୟ ଶାସନ ସଚିବ ଜିଲ୍ଲାର ସମଗ୍ର ଉନ୍ନତି ପାଇଁ ଏହି ପ୍ରକଳ୍ପଗୁଡ଼ିକୁ ସମୟମଧ୍ୟରେ କାର୍ଯ୍ୟକାରୀ କରିବାକୁ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ।

## ଜଣାଶୁଣାଣି ଚାଲିଥିବା ବେଳେ ବ୍ଲକ ଆଗରେ ଧାରଣା ବସିଥିଲେ ଦକ୍ଷିଣ ପ୍ରହରାଜପୁର ସେବା ସମବାୟ ସମିତିର ଚାଷୀ

ବାଲିଆପାଳ , ୦୯/୩ (ନି.ପ୍ର): ଜଳେଶ୍ୱର ବ୍ଲକ ପରିସରରେ ଜିଲ୍ଲାପାଳ ଓ ଆରକ୍ଷୀଙ୍କ ମିଳିତ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ମୋଟ ୧୫୬ ଟି ଅଭିଯୋଗର ଶୁଣାଣି ହୋଇଥିଲା। ଶିବିରକୁ ପ୍ରଧାନମନ୍ତ୍ରୀ ଆବାସ, ରାସ୍ତା, ପାଣି, ପଶ୍ଚିମବଙ୍ଗକୁ ଚୋରା ମାଟି ଓ ବାଲି ଚାଲାଣ, ଧାନ ବିକ୍ରି ଓ ଶିଶୁ ବଟିକା ଉପରେ ଅଭିଯୋଗ ଆସିଥିଲା ।ଶିବିରରେ ବାଲେଶ୍ୱର ଜିଲ୍ଲାପାଳ ଓ ଏସ.ପି ଅନୁପସ୍ଥିତ ଥିବା ବେଳେ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲ୍ଲା ପାରିଷଦ ବାଲେଶ୍ୱର ବିଶ୍ୱରଂଜନ ନାୟକ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକଙ୍କ ଉପସ୍ଥିତିରେ ସମସ୍ତ ବିଭାଗର ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ରହି ଅଭିଯୋଗ ଗୁଡ଼ିକୁ ଗ୍ରହଣ କରିଥିଲେ। ତେବେ ଜିଲ୍ଲାପାଳ ନଥିବାରୁ ଅନେକ ଲୋକେ ଫେରି ଯାଇଥିଲେ. ସେହି ପରି ଜଣାଶୁଣାନି ଚାଲିଥିବା ବେଳେ ବ୍ଲକ ଆଗରେ ଧାରଣା ବସିଥିଲେ ଦକ୍ଷିଣ ପ୍ରହରାଜପୁର ସେବା




ସମବାୟ ସମିତି ଅନ୍ତର୍ଗତ ରଷୀ ଓ ଡ଼ାଇରେକ୍ଟରମାନେ ଧାନ ବିକ୍ରୟ କରିବା ପାଇଁ ସମବାୟ ସମିତିରେ ୫୪୩ଜଣ ରଷୀ ପଞ୍ଜିକରଣ କରିଥିଲେ । ସେଥିରୁ ୫୪୨ ଜଣ ରଷୀଙ୍କର ଟୁକନ ଆସିଥିଲା । ସେମାନଙ୍କର ଟୁକନ ଅନୁସାରେ ୨୧,୫୦୦ କୁଇଣ୍ଟଲ ଧାନ ଦରକାର। ମାତ୍ର ୯,୦୦୦ କୁଇଣ୍ଟାଲ ଟାର୍ଗେଟ ଆସିଥିଲା ।ତା.୦୮.୦୩. ୨୦୨୬ରିଖ ସୁଦ୍ଧା ୭,୯୦୦ କୁଇଣ୍ଟାଲ ଧାନ କ୍ରୟ ହୋଇଛି। ଯାହାକି ୨୪୪ଜଣ ରଷୀ ଧାନ ଦେଇଛନ୍ତି । ତେଣୁ ୩୦୦ରୁ ଅଧିକ ରଷୀ ସେମାନଙ୍କ ଧାନର ପରିମାଣ ୧୩, ୬୦୦ କୁଇଣ୍ଟାଲ ଦରକାର ହେଉଥିବାବେଳେ ଧାନର ଟାର୍ଗେଟ ସରିଯାଇଛି। ଆମ ସେବା ସମବାୟ ସମିତିକୁ ଦୁଇଟି ମିଲରକୁ ଧାନ କିଣିବା ପାଇଁ ନିର୍ଦ୍ଦେଶ ଥିବାବେଳେ ଗୋଟିଏ ମିଲରଙ୍କ ଟାର୍ଗେଟ ସରିଯାଇଛି । ବାକି ଅନ୍ୟ ଗୋଟିଏ ମିଲର ଗୋଟିଏ ଗୋଟିଏ ଗାଡ଼ି କରି ଅଳ୍ପ ଧାନ କିଣୁଛି । ଆମ୍ଭ ପାଖ ସେବା ସମବାୟ ସମିତିମାନଙ୍କରେ ୮୫%ରୁ ୯୦% ଧାନ କିଣା ଯାଇଥିବାବେଳେ ଆମ ସେବା ସମବାୟ ସମିତି ଅଣଦେଖା କରି ବର୍ତ୍ତମାନ ସୁଦ୍ଧା ୩୫%ରୁ ଅଧିକ ଧାନ କିଣାଯାଇଅଛି। ସରକାରଙ୍କ ସମୟ ଅନୁସାରେ ୩୧ମାର୍ଚ୍ଚ ୨୦୨୬ ଶେଷ ତାରିଖ ଥିବାବେଳେ ଆଉ ୨୨ଦିନ ଭିତରେ ଗୋଟିଏ ମିଲର ଧାନ କିଣି ସାରି ପାରିବେ ନାହିଁ । ୭ ଦିନ ମଧ୍ୟରେ ସରକାର ଯଦି ସଠିକ୍ ପଦକ୍ଷେପ ନ ନିଅନ୍ତି ତେବେ ଆମ୍ଭେମାନେ ସେବା ସମବାୟ ସମିତି ଆଗରେ ରାସ୍ତା ରୋକ ଆନ୍ଦୋଳନ କରିବୁ।

## ବାଲ୍ୟ ବିବାହ ଦ୍ୱାରା କନ୍ୟା ସନ୍ତାନଙ୍କୁ ଭୟଙ୍କର ଅନ୍ଧକାର ମଧ୍ୟକୁ ଠେଲିଦିଆଯାଉଛି : ଇନରହୁଇଲ

ଉଦଳା, ୦୯/୩ (ନି.ପ୍ର): ଉଦଳା ସହରରେ ମହିଳା ମାନଙ୍କୁ ନେଇ ଗଢ଼ିଉଠିଥିବା କ୍ଲବ ଇନରହୁଇଲ ତରଫରୁ ଚଳିତ ବର୍ଷ ଆନ୍ତର୍ଜାତିକ ମହିଳା ଦିବସ ପାଳିତ ହୋଇ ଯାଇଛି । ଏହିଅବସରରେ କ୍ଲବର ସଭାପତି ଜୟନ୍ତି ପଟନାୟକଙ୍କ ଅଧ୍ୟକ୍ଷତାରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇ ଯାଇଛି । ସମଗ୍ର କପ୍ତିପଦା ଉପଖଣ୍ଡ ମଧ୍ୟରେ ବାଲ୍ୟ ବିବାହ ଦୃତ ଗତିରେ ବଢ଼ି ବଢ଼ି ଚାଲିଥିବାରୁ କ୍ଲବର ସମସ୍ତ ସଦସ୍ୟା କ୍ଷୋଭ ପ୍ରକାଶ କରିଥିଲେ । ବାଲ୍ୟବିବାହ ଦ୍ୱାରା କନ୍ୟାସନ୍ତାନ ମାନଙ୍କୁ କିପରି ଭୟଙ୍କର ଅନ୍ଧକାର ମଧ୍ୟକୁ ଠେଲିଦିଆଯାଉଛି ସେ ବିଷୟରେ ଦିଗବାଳା ପରିଡ଼ା, ମନୋରମା ଜେନା, ସରିତା ରାଉତ, ସୁବାସିନି ବେହେରା ଓ ପୁଷ୍ପଲତା ପଣ୍ଡା ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ ।

## ବାଇକ ଦୁର୍ଘଟଣାରେ ଜଣେ ମୃତ ମହିଳା ଗୁରୁତର

ବୈଶିଙ୍ଗା , ୦୯/୩ (ନି.ପ୍ର): ସକାଳ ପ୍ରାତଃ ଭ୍ରମଣ ହେଲା କାଳ । ବୈଶିଙ୍ଗା ଥାନା ଅଧୀନ ବୈଶିଙ୍ଗା -ରୁପ୍ସା ରାସ୍ତାର ମହୁରୀ ନିକଟରେ ସୋମବାର ଭୋର ସମୟରେ ପ୍ରାତଃ ଭ୍ରମଣରେ ଯାଉଥିବା ଛଅ ଜଣ ମହିଳା ଙ୍କୁ ଏକ ବାଇକ ଧକ୍କା ଦେଇଥିଲା । ତାଙ୍କୁ ଧକ୍କା ଦେବା ପୂର୍ବରୁ ଏକ ଟ୍ରକ୍ କୁ ବାଡେଇ ଏହି ମହିଳା ଙ୍କ ଉପରକୁ ମାଡି ଯିବା ପରେ ପିଚୁ ରାସ୍ତା ଉପରେ କଚାଡି ପଡି ଥିଲେ । ବାଇକ ଆରୋହୀ କଁଅର ବାସ୍କେ ଙ୍କ ପୁଅ ଅଜୟ ବାସ୍କେ (୨୮) ନିଜର ବାଇକ ନଂ ଓଡି ୦୧ଏପି-୦୭୩୭ ଯୋଗେ କ୍ଷୀପ୍ର ଗତିରେ ଯାଉଥିବା ବେଳେ ଏଭଳି ଅଘଟଣ ଘଟିଥିବା ଜଣାଯାଉଛି । ଏହି ଦୁର୍ଘଟଣାରେ ଚାଳକ ଅଜୟ କୁ କୈଶିଙ୍ଗା ଡାକ୍ତରଖାନା ଆଣିବା ପରେ ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା । ଅନ୍ୟପଟେ ସେହି ଛଅ ଜଣ ମହିଳାଙ୍କୁ ଧକ୍କା ଦେଇଥିବା ଯୋଗୁଁ ଜଣେ ମହିଳା ଗୌରୀ ମଣି ମହାପାତ୍ର (୫୫)ଗୁରୁତର ଆହତ ଭାବେ ବୈଶିଙ୍ଗା ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ବାଲେଶ୍ୱର ସ୍ଥାନାନ୍ତରିତ କରାଯାଇଥିବା ଜଣାଯାଇଛି । ବୈଶିଙ୍ଗା ଥାନାର ଏସ୍ ଆଇ ଅଜୟ ପାତ୍ର ବାଇକ ଟିକୁ ଜବତ କରି ଥାନାକୁ ନେଇ ଆସିବା ସହିତ ମୃତକ ଅଜୟ ର ମର ଶରୀର କୁ ବ୍ୟବଚ୍ଛେଦ ପାଇଁ ପଠାଇଥିବା ଜଣାପଡିଛି ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida